

ଦଳ ଛାଡ଼ିପାରନ୍ତି ସାୟୋନୀ ଘୋଷ

ପୃଷ୍ଠା ୪

ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 80 ଭାଗ ୩୪ | ସଂଖ୍ୟା ୮୦ | Thursday 11 June 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର, ୧୧ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

**ଅନଧିକାର ବ୍ୟବହାର ଉପରେ ଲାଗିବ ରୋକ**

# ‘ଆନନ୍ଦ ବଜାର’ ଓ ‘ପତିତ ପାବନ’କୁ ମିଳିଲା ପ୍ୟାଟେଣ୍ଟ

ପୁରୀ,୧୦।୬ (ସଂଚାର ବ୍ୟୁରୋ) : ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସଫଳତାର ସହ ଦ୍ୱାଦଶ ଶତାବ୍ଦୀର ଜଗନ୍ନାଥ ମନ୍ଦିର ସହ ଜଡ଼ିତ କେତେକ ପବିତ୍ର ତଥା ବହୁ ପ୍ରଚଳିତ ଶବ୍ଦ ଉପରେ ସତ୍ତ୍ୱାଧିକାର (ପ୍ୟାଟେଣ୍ଟ) ହାସଲ କରିଛି। ‘ଶ୍ରୀ ପତିତପାବନ’, ‘ଆନନ୍ଦ ବଜାର’ ଏବଂ ’ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ’ ଶବ୍ଦ ଉପରେ ଏହା ସତ୍ତ୍ୱାଧିକାର ହାସଲ କରିଥିବା ଆଜି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଓଡ଼ିଶା ବାହାରେ ଏସବୁ ଶବ୍ଦର ଅନଧିକାର ଅପବ୍ୟବହାର କରାଯାଉଥିବା ବେଳେ ପୁରୀର ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ଓ ଏହି ପବିତ୍ର ଶବ୍ଦଗୁଡ଼ିକର ଅଧିକାର ବହିର୍ଭୂତ ବାଣିଜ୍ୟିକ ବ୍ୟବହାରକୁ ରୋକିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଏଥିସହ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଶ୍ରୀମନ୍ଦିର, ଜଗନ୍ନାଥ ଧାମ ଓ ମହାପ୍ରସାଦ ଭଳି ୨୬ଟି ଅତିରିକ୍ତ ଶବ୍ଦ, ଲୋଗୋ ଉପରେ ସେଗୁଡ଼ିକର ଅନାବଶ୍ୟକ ଅପବ୍ୟବହାରକୁ ରୋକିବା ଉଦ୍ଦେଶ୍ୟରେ ପ୍ୟାଟେଣ୍ଟ ପାଇଁ ଆବେଦନ କରିଛି। ବର୍ଷେ ତଳେ ଦୀଘାଠାରେ ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ସହ ତାହାକୁ ‘ଧାମ’ର ଆଖ୍ୟା ଦେଇଥିବାରୁ ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇବା



ସହ ଦୁଇ ରାଜ୍ୟ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ ଶ୍ରୀମନ୍ଦିରରେ ପ୍ରଚଳିତ କେତେକ ବିଶେଷ ଶବ୍ଦ ଉପରେ ପ୍ୟାଟେଣ୍ଟ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।

# ଭାରତୀୟ ଗଣତନ୍ତ୍ରରେ ମାଇଲଖୁଣ୍ଟ



- ଦୀର୍ଘକାଳୀନ ପ୍ରଧାନମନ୍ତ୍ରୀଙ୍କୁ କ୍ୟାବିନେଟ୍‌ର ଅଭିନନ୍ଦନ
- ୧୨ ବର୍ଷର ସଫଳ ଯାତ୍ରାକୁ ନେଇ ପ୍ରସ୍ତାବ ପାରିତ
- ଗରିବ କଲ୍ୟାଣ, ଅବହେଳିତ ବର୍ଗର ସଶକ୍ତୀକରଣକୁ ପ୍ରଶଂସା
- ରାଷ୍ଟ୍ର ପ୍ରତି ଅତୁଳନୀୟ ସମର୍ପଣ ଓ ପରିଶ୍ରମ ପାଇଁ କୃତଜ୍ଞତା
- ଅନ୍ତର୍ଭୁକ୍ତ ବିକାଶ ଓ ସାମାଜିକ ନ୍ୟାୟ ପାଇଁ ଥିଲା ପ୍ରତିବଦ୍ଧତା
- ଦେଶ ସ୍ୱାର୍ଥର ସୁରକ୍ଷାକୁ ସବୁବେଳେ ଦେଉଛନ୍ତି ଅଗ୍ରାଧିକାର
- ବିକଶିତ ଭାରତ ଗଠନରେ ସଂକଳ୍ପ ଓ ନେତୃତ୍ୱକୁ ସମର୍ଥନ

ନୂଆଦିଲ୍ଲୀ,୧୦।୬: କେନ୍ଦ୍ର କ୍ୟାବିନେଟ ଆଜିର ଦିନକୁ ଭାରତୀୟ ଗଣତନ୍ତ୍ରର ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ ଭାବେ ଗ୍ରହଣ କରି ଏକ ପ୍ରସ୍ତାବ ଗ୍ରହଣ କରିଛି, ଯେଉଁଥିରେ ନରେନ୍ଦ୍ର ମୋଦିଙ୍କୁ ଦେଶର ସବୁଠାରୁ ଦୀର୍ଘକାଳୀନ ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଥିବା ନେଇ ଅଭିନନ୍ଦନ ଜଣାଯାଇଛି। ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଲଗାତର ୪,୩୯୯ ଦିନ ସେବା କରିବାର ରେକର୍ଡ ସ୍ଥାପନ କରି ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ପୂର୍ବ ରେକର୍ଡକୁ ଅତିକ୍ରମ କରିଛନ୍ତି। ନେହରୁ ୧୯୫୨ରୁ ୧୯୬୪ ପର୍ଯ୍ୟନ୍ତ ଲଗାତାର ୪,୩୯୮ ଦିନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଆଜି ପାରିତ ପ୍ରସ୍ତାବରେ କୁହାଯାଇଛି ଯେ ଏହି ଅବସର ଭାରତର ଗଣତାନ୍ତ୍ରିକ ଚେତନା, ଜନ ବିଶ୍ୱାସ ଓ ଜନ ଅଂଶଗ୍ରହଣ ଶକ୍ତିର ପ୍ରତୀକ ଭାବେ ଠିଆ ହୋଇଛି, ଯାହା ‘ରାଷ୍ଟ୍ର ପ୍ରଥମ’ ସଂକଳ୍ପ ଦ୍ୱାରା ପରିଚାଳିତ ଜଣେ ନେତାଙ୍କ ପ୍ରତି ଲୋକଙ୍କ ଦ୍ୱାରା ପ୍ରଦତ୍ତ ଅଭୂତପୂର୍ବ ସମର୍ଥନକୁ ପ୍ରତିଫଳିତ କରୁଛି।

ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଏହି ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି ଯେ ଏହି ମାଇଲଖୁଣ୍ଟ ଏପରି ସମୟରେ ଆସିଛି ଯେତେବେଳେ ତାଙ୍କ ନେତୃତ୍ୱରେ ଏନଡିଏ ସରକାର ୧୨ ବର୍ଷ ପୂରଣ କରିଛି। ଏଥିରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ସରକାର ମୁଖ୍ୟ ଭାବରେ ପ୍ରଧାନମନ୍ତ୍ରୀ ୨୫ ବର୍ଷର ଲଗାତାର ସେବାର ଐତିହାସିକ ସଫଳତା ହାସଲ କରିଛନ୍ତି। ସମ୍ବେଦନଶୀଳତା, ସଂଯମତା, ଦୃଢ଼ ନିଷ୍ପତ୍ତି ଓ ନିର୍ଣ୍ଣାୟକତା ଦ୍ୱାରା ପରିପୂର୍ଣ୍ଣ ନେତୃତ୍ୱ ପ୍ରତି ଗର୍ବ ପ୍ରକାଶ କରି ଔପଚାରିକ ପ୍ରସ୍ତାବରେ କୁହାଯାଇଛି ଯେ ୬ ଦଶନ୍ଧି ପରେ ଦେଶ କ୍ରମାଗତ ତୃତୀୟ ଥର ପାଇଁ ଏନଡିଏ ସରକାରଙ୍କୁ ଜନାଦେଶ ଦେଇଛି।

ପ୍ରଧାନମନ୍ତ୍ରୀଙ୍କ ଜୀବନକୁ ସେବା ଓ ରାଷ୍ଟ୍ର ନିର୍ମାଣ ପ୍ରତି ନିରନ୍ତର ସମର୍ପଣର ପ୍ରତୀକ ଭାବରେ ଉଲ୍ଲେଖ କରି ଏହି ପ୍ରସ୍ତାବରେ ସେ ୨୦୧୪ରେ ‘ପ୍ରଧାନ ସେବକ’ ଭାବେ କରିଥିବା ଘୋଷଣାକୁ ମନେ ପକାଦିଆଯାଇଛି। ‘ସବ୍ କା ସାଥ, ସବ୍ କା ବିକାଶ’ ମନ୍ତ୍ର ପ୍ରତି ତାଙ୍କର ଥିଲା ପ୍ରତିବଦ୍ଧତା। ଗରିବଙ୍କ କଲ୍ୟାଣକୁ ଶାସନର କେନ୍ଦ୍ରରେ ରଖାଯାଇଛି ବୋଲି ଉଲ୍ଲେଖ କରି ଏଥିରେ ବ୍ୟାପକ ସ୍ତରରେ ଯୋଗାଇ ଦିଆଯାଇଥିବା ସୁବିଧାଗୁଡ଼ିକର ବିସ୍ତୃତ ବିବରଣୀ ଦିଆଯାଇଛି। ପକ୍କା ଘର, ବିଦ୍ୟୁତ୍, ନିର୍ମଳ ଜଳ ଓ ➢ପୃଷ୍ଠା-୬

**ନରେନ୍ଦ୍ର ମୋଦି ସବୁଠୁ ଅଧିକ ସମୟ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ପୂଜାର୍ଚ୍ଚନା**

# ସେବା ଓ ସମର୍ପଣର ମହାନ କୀର୍ତ୍ତିମାନ ସ୍ଥାପନ

- ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପାଇଁ ପ୍ରାର୍ଥନା
- ୨୦୪୭ ସୁଦ୍ଧା ବିକଶିତ ଓ ସମୃଦ୍ଧ ହେବ ଭାରତ




ନୂଆଦିଲ୍ଲୀ,୧୦।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସବୁଠାରୁ ଦୀର୍ଘ ସମୟ ନିରନ୍ତର କାର୍ଯ୍ୟ କରିଥିବା ନିର୍ବାଚିତ ଶାସନ ମୁଖ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି। ଆଜି ପ୍ରଧାନମନ୍ତ୍ରୀ ଭାବେ ସେ କ୍ରମାଗତ ୧୨ ବର୍ଷ ବା ୪,୩୯୯ ଦିନ ପୂରଣ କରିଥିବା ବେଳେ ତାଙ୍କର ନେତୃତ୍ୱାଧୀନ ସରକାର ୧୩ଶ ବର୍ଷରେ ଅଗ୍ରସର ହେଉଛି। ଏହି ଗୌରବମୟ ତଥା ଐତିହାସିକ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀର ହୌଜ୍ ଖାସ୍‌ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ପ୍ରାର୍ଥନା କରିଛନ୍ତି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଦେଶର ସେବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି। ଦିନରାତି ଏକ କରି ଅକ୍ଳାନ୍ତ ପରିଶ୍ରମ ମାଧ୍ୟମରେ ଦେଶର ଗରିବ, ମହିଳା, ଯୁବକ ଓ କୃଷକଙ୍କ କଲ୍ୟାଣ କରିବା ସହ ଦେଶର ସର୍ବାଙ୍ଗୀନ ବିକାଶ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ରହିଛି। ଆଜିର ଦିନଟି ସେବା ଓ ସମର୍ପଣର ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଓ ➢ପୃଷ୍ଠା-୬

# ଇରାନ ଉପରେ ହେବ ପ୍ରଚଣ୍ଡ ଆକ୍ରମଣ



ୱାଶିଂଟନ,୧୦।୬:ଇରାନ ଉପରେ ଆହୁରି ବଡ଼ ଧରଣର ଆକ୍ରମଣ କରାଯିବ ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଆମେରିକା ଓ ଇରାନ୍ ମଧ୍ୟରେ ଆକ୍ରମଣ ଜାରି ରହିଥିବା ବେଳେ ମାର୍କିନ୍ ରାଷ୍ଟ୍ରପତିଙ୍କ ଏଭଳି ସମ୍ବେଦନଶୀଳ ବିବୃତି ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ଟ୍ରମ୍ପ ଏହା ଘୋଷଣା କରିବାର ମାତ୍ର କିଛି ମିନିଟ୍ ମଧ୍ୟରେ ବିଶ୍ୱ ତୈଳ ବଜାର ଅସ୍ଥିର ହୋଇ ଉଠିଛି। ବ୍ରେଣ୍ଟ କ୍ରୁଡ୍ ଫ୍ୟୁଚର୍ସ ମୂଲ୍ୟ ବ୍ୟାରେଲ୍ ପିଛା ୧.୪୫ ଡଲାର (୧.୬%) ବୃଦ୍ଧି ପାଇ ୯୨.୯୦ ଡଲାର ପ୍ରତି ବ୍ୟାରେଲରେ ➢ପୃଷ୍ଠା-୬

# ସୁଜାତାଙ୍କୁ ବିରୋଧ ନେଇ ବର୍ଷିଲେ ସୁବାସ

- ସ୍ୱାର୍ଥବାଦୀ ନେତାମାନେ ଗୋଷ୍ଠୀ କରିଛନ୍ତି
- ଦେବାଶିଷ କି ପ୍ରଭାତ ବିଶ୍ୱାଳ କିଛି କରିପାରିବେନି

ଭୁବନେଶ୍ୱର,୧୦।୬(ସଂଚାର ବ୍ୟୁରୋ): ସୁଜାତା କାର୍ତ୍ତିକେୟନ ବିଜେଡିରେ ଯୋଗଦେବା ଚର୍ଚ୍ଚାକୁ ନେଇ ଦଳରେ କମ୍ପନ ସୃଷ୍ଟି ହୋଇଛି। କିଛି ନେତା ଖୋଲାଖୋଲି ଭାବେ ଏହାକୁ ସମର୍ଥନ କରୁଥିବା ବେଳେ କିଛି ଲୋକ ଏହାକୁ ବିରୋଧ କରୁଛନ୍ତି। ବିରୋଧ କରୁଥିବା ନେତାମାନେ ଏକ ଗୋଷ୍ଠୀ କରିଛନ୍ତି। କିନ୍ତୁ ସୁଜାତା ଯଦି ବିଜେଡିକୁ ଆସିବାକୁ ଚାହିଁବେ ଏବଂ ନବୀନ ପଟ୍ଟନାୟକ ଯଦି ତାଙ୍କୁ ଅନୁମତି ଦେବେ, ତେବେ ଆମେ ସମର୍ଥନ କରିବୁ ବୋଲି ଆଜି ସଭାପତିଙ୍କ ସହ ବୈଠକ ପରେ କିଛି ନେତା ଖୋଲାଖୋଲି ଗଣମାଧ୍ୟମରେ କହିଛନ୍ତି।

ଦେବାଶିଷ ସାମନ୍ତରାୟ କି ପ୍ରଭାତ ବିଶ୍ୱାଳଙ୍କ ଭଳି ନେତା ଯେଉଁମାନେ ଏବେ ବିରୋଧ କରୁଛନ୍ତି, ସେମାନଙ୍କର ରାଜ୍ୟ ରାଜନୀତିରେ କିଛି ପ୍ରଭାବ ନାହିଁ ବୋଲି ଖୋଲାଖୋଲି କହିଛନ୍ତି କଟକ ମେୟର ସୁବାଷ ସିଂ। ସେ କହିଛନ୍ତି ଯେ



ମେୟର ଭାବେ ସେ ୫୦ ହଜାରରୁ ଅଧିକ ଭୋଟ୍‌ରେ ଜିତିଲେ। ହେଲେ ଦେବାଶିଷ ସାମନ୍ତରାୟ ହାରିଗଲେ କାହିଁକି? ଯେଉଁମାନଙ୍କ ପାଖରେ ସଙ୍ଗଠନ ନଥାଏ, ସେମାନେ ଅନ୍ୟକୁ ଦୋଷ ଦିଅନ୍ତି। ତେଣୁ ରାଜନୀତିରେ କିଛି ସ୍ୱାର୍ଥବାଦୀ ନେତା ଥାଆନ୍ତି, ଯେଉଁମାନେ ସବୁବେଳେ ନିଜ ସ୍ୱାର୍ଥକୁ ଜଗନ୍ତି। ସୁଜାତା କାର୍ତ୍ତିକେୟନ ଓଡ଼ିଶା ➢ପୃଷ୍ଠା-୬

# ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ ଖବର ଗୁଜବ

ନୂଆଦିଲ୍ଲୀ,୧୦।୬: ଆସନ୍ତା ୩୦ ତାରିଖଠାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବଜାରରୁ ସମସ୍ତ କାଗଜ ନୋଟ୍ ପ୍ରତ୍ୟାହାର କରିନେବା ସହ ସେହି ସ୍ଥାନରେ ପ୍ଲାଷ୍ଟିକ୍ (ପଲିମର) ନୋଟ୍ ପ୍ରଚଳନ କରିବ ବୋଲି ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚାକୁ କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି। ସୋସିଆଲ ମିଡିଆରେ ବହୁ ମାତ୍ରାରେ ଏଭଳି ଖବର ପ୍ରଚାର ହେବା ଦ୍ୱାରା ଦେଶର ଜନସାଧାରଣ ସେମାନଙ୍କ କାଗଜ ନୋଟ୍‌କୁ ନେଇ ଚିନ୍ତା ପ୍ରକଟ କରିବା ପରେ ସରକାରଙ୍କ ପକ୍ଷରୁ ଏଭଳି ଏକ ସ୍ପଷ୍ଟୀକରଣ ଦିଆଯାଇଛି। ସରକାରୀ ସୂତ୍ରରୁ କୁହାଯାଇଛି ଯେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏଭଳି କୌଣସି ନିର୍ଦ୍ଦେଶ ସମ୍ବଳିତ ବିଜ୍ଞପ୍ତି ଜାରି କରାଯାଇନାହିଁ। ପୂର୍ବପରି ବଜାରରେ କାଗଜ ନୋଟ୍‌ର ପ୍ରଚଳନ ଜାରି ରହିବ। ପତ୍ର ସୂଚନା ବ୍ୟୁରୋ (ପିଆଇବି) ପକ୍ଷରୁ ସରକାରୀ ଭାବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ଖବରକୁ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ବୋଲି କୁହାଯିବା ସହିତ ଏଭଳି ଭିତ୍ତିହୀନ ଗୁଜବରେ ଜନସାଧାରଣ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି। ସେହିପରି ପିଆଇବିର ଫ୍ୟାକ୍ଟଚେକ୍ ଟିମ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ କହିଛି ଯେ କେତେକ ସୋସିଆଲ




## ସରକାର ଦେଲେ ସ୍ପଷ୍ଟୀକରଣ

ମିଡିଆ ପୋଷ୍ଟରେ ଜୁନ ୩୦ ତାରିଖରୁ ଆରବିଆଇ କାଗଜ ଟଙ୍କା ବଦଳରେ ପ୍ଲାଷ୍ଟିକ୍ ଟଙ୍କା ପ୍ରଚଳନ କରିବ ବୋଲି ଦାବି କରୁଛନ୍ତି। ତେବେ ଏହା ସମ୍ପୂର୍ଣ୍ଣ ଗୁଜବ ଓ ଏଥିରେ ସାମାନ୍ୟତମ ସତ୍ୟତା ବି ନାହିଁ।

# ହଜିଗଲା ପୁଲିସ୍‌ବାବୁଙ୍କ ମାନବିକତା

- ରକ୍ତ ଜୁଡୁବୁଡୁ ଯୁବକଙ୍କୁ ନେଲେନି ମେଡିକାଲ
- ସହାୟତା ବଦଳରେ ଗାଳିଗୁଲଜ ଅଭିଯୋଗ
- ତଦନ୍ତ ନିର୍ଦ୍ଦେଶ ଦେଲେ ଭଦ୍ରକ ଏସ୍‌ପି
- ଅମାନବୀୟ ଆଚରଣର ଭିଡିଓ ଭାଇରାଲ୍



ଭଦ୍ରକ,୧୦।୬(ସଂଚାର ବ୍ୟୁରୋ): ପୁଣି ପୁଲିସ ବିରୋଧରେ ଆସିଛି ଅଭିଯୋଗ। ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ପିସିଆରରେ ନେବା ପାଇଁ କହିବାରୁ ରାଗିଗଲେ ପୁଲିସ ବାବୁ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜେଲ୍‌ରେ ପୂରାଇ ଦେବାକୁ ମଧ୍ୟ ଧମକ ଦେଲେ। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ଭଦ୍ରକ ଜିଲ୍ଲାରୁ। ଆଉ ସମ୍ପୃକ୍ତ ପୁଲିସ ଅଧିକାରୀ ଜଣଙ୍କ ହେଉଛନ୍ତି ଭଦ୍ରକ ପାଟ୍ରୋଲିଂ ଦାୟିତ୍ୱରେ ଥିବା ସ୍ପେସିଆଲ ପୁଲିସ ଅଫିସର।

ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେଲା ପରେ ଦୁର୍ଘଟଣାରେ ଆହତ ଓ ପ୍ରଶାସନର ବ୍ୟବହାରରେ ମର୍ମାହତ ହୋଇଥିବା ବ୍ୟକ୍ତି ସତ୍ୟବାନ ରଣା ଏନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଭଦ୍ରକ ଏସପି ମନୋଜ କୁମାର ରାଉତ ମଧ୍ୟ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆଧାରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭଦ୍ରକ ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ ଯେ ଶନିବାର ବିଳମ୍ବିତ ରାତିରେ ଏକ କୁକୁଡ଼ା ଗାଡ଼ିକୁ ପୁଲିସ ଗୋଡ଼ାଇ ଗୋଡ଼ାଇ ଭଦ୍ରକ ସୀମା ରାଣୀତାଲ ଅଞ୍ଚଳ ଟପିଥିଲା। ସେହି ସମୟରେ ଅନ୍ୟ ଏକ କାର କୁକୁଡ଼ା ଗାଡ଼ି ସହ ଧକ୍କା ହୋଇଥିଲା। କାର୍ ଭିତରେ ଡ୍ରାଇଭର ସମେତ ବାଲେଶ୍ୱର ଅଞ୍ଚଳର ସନ୍ତୋଷ ମଲ୍ଲିକ ନାମକ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଥିଲେ। କାର୍ ଭିତରେ ଉଭୟ ଚାପି ହୋଇ ରହିଥିଲେ। ବହୁ କଷ୍ଟରେ ସନ୍ତୋଷଙ୍କୁ ଉଦ୍ଧାର କରି ତାଙ୍କ ସହଯୋଗୀ ଜାତୀୟ ରାଜପଥ ସୁରକ୍ଷା ପ୍ରାଚୀରକୁ ➢ପୃଷ୍ଠା-୬

# ଜଳିଗଲା ସେନା ହେଲିକପ୍ଟର, ୩୦ ମୃତ

ଇସଲାମାବାଦ,୧୦।୬: ବୁଧବାର ଉଡ଼ାଣ ଆରମ୍ଭ କରିବାର କିଛି ସମୟ ମଧ୍ୟରେ ପାକିସ୍ତାନ ଆର୍ମି ଆଭିଏସନର ଏମ୍‌ଆଇ-୧୭ ହେଲିକପ୍ଟର ମୁଜାଫରବାଦ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୩୦ ସୈନ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଯାନ୍ତ୍ରିକ ତ୍ରୁଟି କାରଣରୁ ଏଭଳି ଦୁର୍ଘଟଣା ଘଟିଥିବା ଇଣ୍ଟର-ସର୍ଭିସ ପବ୍ଲିକ୍ ରିଲେସନ୍ (ଆଇଏସପିଆର) ପକ୍ଷରୁ କୁହାଯାଇଛି। ମଝି ଆକାଶରେ ହେଲିକପ୍ଟରଟି କ୍ରାସ୍ ହୋଇ ଜଳିଯାଇଛି, ଆଉ ଏଥିରେ କେହି ଜୀବିତ ନାହାନ୍ତି ବୋଲି ପାକ୍ ସେନା ପକ୍ଷରୁ କୁହାଯାଇଛି। ହେଲିକପ୍ଟରରେ ୩୦ ଜଣ ସୈନ୍ୟ ଥିବା ବେଳେ ଏଥିରେ ୧୨ଟି ଷ୍ଟେଚର ଅର୍ଥାତ୍ ୪ ହଜାର କିଗ୍ରା ମାଲ୍ ପରବହନ କରାଯାଉଥିଲା।

**ଓମାନ ଜାହାଜ ଆକ୍ରମଣ ଘଟଣା**

# ଆମେରିକୀୟ କୂଟନୀତିଜ୍ଞଙ୍କୁ ଭାରତର ସମନ

ନୂଆଦିଲ୍ଲୀ,୧୦।୬: ଓମାନ ଉପକୂଳରେ ଏମ୍‌ଟି ମାରିଭେକ୍ସ ଟ୍ୟାଙ୍କର ଉପରେ ମିଶାଇଲ୍ ଆକ୍ରମଣ ଘଟଣାରେ ବୁଧବାର କେନ୍ଦ୍ର ବହିଃବ୍ୟାପାର ମନ୍ତ୍ରଣାଳୟ ଭାରତରେ ଅବସ୍ଥାପିତ ଆମେରିକୀୟ କୂଟନୀତିଜ୍ଞଙ୍କୁ ସମନ ଜାରି କରିଛି। ବୈଦେଶିକ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଆମେରିକାର ଚାର୍ଜ ଡି’ ଆଫେୟାର୍ସ ଜାସନ୍ ମିକ୍ସଙ୍କୁ ସମନ କରିବା ସହ ଭାରତୀୟ କ୍ରିଉ ସଦସ୍ୟ ଥିବା ତୈଳ ଟ୍ୟାଙ୍କରକୁ ମିଶାଇଲ ଟାର୍ଗେଟ୍ କରିବା ଘଟଣାକୁ ନିନ୍ଦା କରିଛନ୍ତି। ପ୍ରଶାନ୍ତ-ମହାସାଗରୀୟ ଦ୍ୱୀପ ପଲାଓରେ ଲଙ୍ଗର ପକାଇଥିବା ବେଳେ ଆମେରିକା ମିସାଇଲ୍ ମାଡ଼ କରିବାରୁ ଜାହାଜରେ ନିଆଁ ଲାଗିଯାଇଥିଲା। ସେତେବେଳେ ଏଥିରେ କେବଳ ୨୪ ଜଣ ଭାରତୀୟ ଥିଲେ। ମୁମ୍ବାଇ ମାରିଟାଇମ୍ ରେସ୍କ୍ୟୁ ସେଣ୍ଟର ଅନୁରୋଧରେ ଓମାନର ସାମୁଦ୍ରିକ ସନ୍ଧାନ ଓ ଉଦ୍ଧାରକାରୀ କେନ୍ଦ୍ର ଗତକାଲି ସେମାନଙ୍କୁ ଉଦ୍ଧାର କରିଥିଲା। ତେବେ ସମସ୍ତ ୨୪ ଜଣଙ୍କୁ ଉଦ୍ଧାର କରାଯାଇଛି ବୋଲି ଗତକାଲି କୁହାଯାଇଥିଲା। କିନ୍ତୁ ଆଜି ୨୧ ଜଣଙ୍କୁ ଉଦ୍ଧାର କରାଯାଇଛି ଓ ୩ ଜଣ ନିଖୋଜ ଥିବା ଜଣାପଡ଼ିବା ପରେ ଭାରତ ଆମେରିକାର କୂଟନୈତିକ ଅଧିକାରୀଙ୍କୁ ସମନ କରିବା ସହ ଏପରି ଏକ ଘଟଣାକୁ ନିନ୍ଦା କରିଛି।



## କାନ ଡେରିଆ

ରାମ ମନ୍ଦିରର ଦାନ ଅର୍ଥଗୁଡ଼ା
କୋଟିରେ ଆଦାୟ ହେଉଛି
ସେହି ଅର୍ଥ ସବୁ ଜାଣି ହେଉନାହିଁ
କୁଆଡ଼େ କୁଆଡ଼େ ଯାଉଛି
ଦାନ ଦେବା ଲୋକ ଭାବୁଛି...
ଭକତ ଦାନରେ ମନ୍ଦିର ଉନ୍ନତି
ହେଉଥିଲା ଭଳି ଲାଗୁଛି
ପ୍ରକୃତରେ କିଏ ଜାଣିଛି।

■ ଦେବାଶିଷ

# ମୟୂରଭଞ୍ଜ ବିଜେଡି ରାଜନୀତିରେ ଝଡ଼

- ସଭାପତି ଚଉକି ପାଇଁ ସୁଦାମ-ପ୍ରିୟବ୍ରତ ଲଢ଼େଇ
- ପରସ୍ପର ବିରୋଧରେ ଲବି କରୁଛନ୍ତି ଦୁଇ ନେତା




ଭୁବନେଶ୍ୱର, ୧୦।୬ (ସଂଚାର ବ୍ୟୁରୋ): ବିଜେଡିର ମୟୂରଭଞ୍ଜ ରାଜନୀତି ଦିନକୁ ଦିନ ରୋଚକ ହେବାରେ ଲାଗିଛି। ଏହି ବୃହତ୍ ଜିଲ୍ଲାରେ ସଭାପତି ଦାୟିତ୍ୱ ନେଇଥିବା ବରିଷ୍ଠ ନେତା ସୁଦାମ ମାରାଣ୍ଡିଙ୍କୁ ତଡ଼ିବା ପାଇଁ ଦଳର ମୁଖପାତ୍ର ପ୍ରିୟବ୍ରତ ମାଝୀ ଜୋରଦାର ଲାଗି ପଡ଼ିଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ପରସ୍ପରକୁ ବଦନାମ କରିବା ପାଇଁ ସୁଦାମ ଓ ପ୍ରିୟବ୍ରତ ପରସ୍ପର ବିରୋଧରେ ଲବି କରିବାରେ ଲାଗିପଡ଼ିଛନ୍ତି।

ତେବେ ସବୁଠାରୁ ରୋଚକ ବିଷୟ ହେଉଛି, ସୁଦାମ ଓ ପ୍ରିୟବ୍ରତ ଉଭୟଙ୍କର ମୂଳ ଦଳ ହେଉଛି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)। ସୁଦାମ ଜେଏମ୍‌ଏମ୍‌ରୁ ଆସି ବିଜେଡିରେ ସାଂସଦ, ବିଧାୟକ ଓ ମନ୍ତ୍ରୀ ହୋଇଥିବା ବେଳେ ପ୍ରିୟବ୍ରତ ଜେଏମ୍‌ଏମ୍‌ରୁ କଂଗ୍ରେସ ବାଟ ଦେଇ ବିଜେଡିକୁ ଆସିଛନ୍ତି। ଯଦିଓ ପ୍ରିୟବ୍ରତ ଏକଦା ସାଂସଦ ପାଇଁ ଲଢ଼ିଥିଲେ, କିନ୍ତୁ ଏଥିରେ ସେ ଶୋଚନୀୟ ପରାଜୟ ବରଣ କରିଥିଲେ। ସୁଦାମ ଏବେ ମୟୂରଭଞ୍ଜରେ ବିଜେଡି ଗଡ଼ ସମ୍ଭାଳୁଥିବା ବେଳେ ପ୍ରିୟବ୍ରତ ଶଙ୍ଖ ଭବନରେ ଆସ୍ଥାନ ଜମାଇଛନ୍ତି। ଦଳର ଯେଉଁ କେତେଜଣ କୁହାଳିଆ ନେତା ପ୍ରାୟ ଦୈନିକ ମିଡିଆରେ ମୁହଁ ଦେଖାଉଛନ୍ତି, ନହେଲେ ପ୍ରେସ ବିବୃତ୍ତି ଜାରି କରୁଛନ୍ତି, ସେମାନଙ୍କ ମଧ୍ୟରେ ପ୍ରିୟବ୍ରତ ଜଣେ। ଗଣମାଧ୍ୟମରେ ମୁହଁ ଦେଖାଇ ସଫଳ ହେବା ପରେ ପ୍ରିୟବ୍ରତ ଏବେ ମୟୂରଭଞ୍ଜରେ ବିଜେଡି ସଭାପତି ହେବା ସହ ୨୦୨୯ ନିର୍ବାଚନରେ ବିଧାୟକ ହେବାକୁ ପାଗ ଭିଡ଼ିଛନ୍ତି। ତେଣୁ ଏଥିପାଇଁ ସେ ପ୍ରଥମେ ସୁଦାମଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଛନ୍ତି। ଏଥିସହ ପ୍ରିୟବ୍ରତ ଏବେ ସୁଦାମଙ୍କ ବିରୋଧରେ ସୋସିଆଲ ମିଡିଆରେ ଅପପ୍ରଚାର ଆରମ୍ଭ କରିଥିବା ନେଇ ବିଜେଡି ଶିବିରରେ ଜୋରଦାର୍ ଆଲୋଚନା ଚାଲିଛି।

ସୁଦାମଙ୍କ ନେତୃତ୍ୱ ଦୁର୍ବଳ ହେବା ସହ ବିଜେଡି କର୍ମୀଙ୍କ ଉପରେ ତାଙ୍କର କର୍ତ୍ତୃତ୍ୱ ନ ଥିବା ପ୍ରଚାର କରାଯାଉଛି। ତେବେ ପୁରୁଖା ନେତା ସୁଦାମ ବି ଚୁପ୍ ହୋଇ ବସିବା ଲୋକ ନୁହଁନ୍ତି। ସିଏ ବି ନିଜର ସାଇବର ଯୋଦ୍ଧାଙ୍କୁ ପ୍ରିୟବ୍ରତଙ୍କ ପଛରେ ଲଗାଇ ଦେଇଛନ୍ତି। ପ୍ରିୟବ୍ରତ କୁଆଡ଼େ ଶଙ୍ଖ ଭବନରେ କୁଜି ନେତାଙ୍କ ସର୍ଦ୍ଦାର ସାଜିବା ସହ ନବୀନଙ୍କ ସହିତ ଅନ୍ୟ କେଉଁ ବଡ଼ ନେତାଙ୍କୁ କିଏ କେତେବେଳେ ଦେଖା କରିବ, ତାହା ସ୍ଥିର କରୁଥିବା ଅଭିଯୋଗ ହେଉଛି। ଆହୁରି ଏ ବାବଦରେ କୁଆଡ଼େ ପ୍ରିୟବ୍ରତ ଭଲ ରୋଜଗାର କରୁଥିବା ନେଇ ସୁଦାମଙ୍କ ସାଇବର ଟିମ୍ ପ୍ରଚାର ଚଳାଇଥିବା ଆଲୋଚନା ହେଉଛି।

ଗୋଟିଏ ପଟେ ବିଜେଡି ଜିଲ୍ଲା ସ୍ତରରେ ବିଜେଡି ଗଡ଼ ରକ୍ଷା ପାଇଁ ଜୋରଦାର୍ କସରତ କରୁଥିବା ବେଳେ ଅନ୍ୟ ପଟେ ଦଳର ନେତାମାନେ ପରସ୍ପର ଗୋଡ଼ଟଣାରେ ମାତିବା ଏବେ ବିଜେଡି ନେତାଙ୍କୁ ଚିନ୍ତାରେ ପକାଇଦେଇଛି। ସବୁଠାରୁ ବଡ଼ କଥା ହେଉଛି, ଦଳର ପୂର୍ବତନ ସାଂସଦ, ମନ୍ତ୍ରୀ ଥିବା ପୁରୁଖା ନେତାଙ୍କ ପଛରେ ଯେଭଳି ୱାର୍ଡମେମ୍ବର ହୋଇ ନ ଥିବା ଟୋକା ନେତା ଲାଗିଛନ୍ତି, ତାହା ଅନେକ ବିଜେଡି ନେତାଙ୍କୁ କେବଳ ଆଶ୍ଚର୍ଯ୍ୟ ଚକିତ କରୁନାହିଁ, ଜିଲ୍ଲାରେ ଦଳର ଭବିଷ୍ୟତ ଏକପ୍ରକାର ଅନ୍ଧାର ଦେଖାଯାଉଛି। ଏକଦା ଏହି ଜିଲ୍ଲା ଦାୟିତ୍ୱରେ କ୍ରୀତଦାସ ଓ ଅରୁଣ ସାହୁଙ୍କ ଭଳି ପାରିବାର ନେତା ଥିଲେ। ତଥାପି ଦଳ ନିଜର ଗୋଡ଼ ମଜବୁତ କରିପାରୁନାହିଁ।

ଶ୍ୱଶୁର ଘରେ ଜ୍ୱାଇଁର ସନ୍ଦେହଜନକ ମୃତ୍ୟୁ ଘଟଣା

ମୃତକଙ୍କ ନାବାଳିକା ଝିଅର ସାଂଘାତିକ ବୟାନ

# ବାପାଙ୍କ ହାତବାନ୍ଧି ଦେଇ ମାମୁଁ ବିଷ ପିଆଇଦେଲେ





ଆଳି, ୧୦।୬(ସଂଚାର ବ୍ୟୁରୋ): ଆଳି ଥାନା ଅନ୍ତର୍ଗତ ମାନପୁର-ସେଠୀସାହିରେ ଶ୍ୱଶୁର ଘରେ ଜ୍ୱାଇଁର ସନ୍ଦେହଜନକ ମୃତ୍ୟୁ ଘଟଣାରେ ସାମ୍ନାକୁ ଆସିଲା ମୃତ ବାବନ ସେଠୀଙ୍କ ନାବାଳିକା ଝିଅର ସାଂଘାତିକ ବୟାନ। ବାପର ପଛପଟୁ ହାତବାନ୍ଧି ଦେଲେ ମାମୁଁ ତଣ୍ଟିଚିପି ବିଷ ପିଆଇ ଦେଲେ, ତା ପରେ ଘୋଷାରି ଘୋଷାରି ବିଲରେ ପକାଇଦେଲେ। ବାପାଙ୍କୁ ଏମିତି ମାରିଦିଆଯାଇଛି ବୋଲି କାନ୍ଦିକାନ୍ଦି କହୁଥିବାର ଭିଡିଓ ଏବେ ସାମ୍ନାକୁ ଆସିଛି। ଗତ ୨ତାରିଖ ରାତିରେ ଶ୍ୱଶୁର ଘର ଠାରୁ କିଛି ଦୂରରେ ଜ୍ୱାଇଁ ବାବନ ସେଠୀଙ୍କ ମୃତଦେହ ସନ୍ଦେହ ଜନକ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଶ୍ୱଶୁରଘର ଲୋକେ ତାଙ୍କ ପୁଅକୁ ମାରିଦେଇଥିବା ନେଇ ବାବନ ସେଠୀଙ୍କ ମାଆ ଆଳି ଥାନାରେ ଏତଲା ଦେଇଥିଲେ। ଏରଡ଼ଙ୍ଗ ଗାଁର ବାବନ ସେଠୀ ପ୍ରାୟ ୨ବର୍ଷ ହେବ ମାନପୁର-ସେଠୀସାହିରେ ନିଜ ପରିବାର ସହ ଶ୍ୱଶୁର ଘରେ ରହିଆସୁଥିଲେ। ଗତ ୨ ତାରିଖ ଦିନ ସନ୍ଦେହ ଜଣକ ଅବସ୍ଥାରେ ଶ୍ୱଶୁର ଘର ଠାରୁ କିଛି ଦୂରରେ ବାବନ ସେଠୀଙ୍କ ମୃତଦେହ ମିଳିଥିଲା। ଅନ୍ୟପଟେ ମୃତ ବାବନ ସେଠୀଙ୍କ ପରିବାର ଲୋକେ ଆଜି, ଆଳି ଥାନା ଅଧିକାରୀ ଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏସମସ୍ତ ଅଭିଯୋଗକୁ ପୂର୍ବରୁ ଖଣ୍ଡନ କରିଥିଲେ ମୃତ ବାବନ ସେଠୀଙ୍କ ଶାଳା ପ୍ରଶାନ୍ତ ସେଠୀ ଓ ପତ୍ନୀ ପ୍ରତିମା,। ଅନ୍ୟପଟେ ପୋଷ୍ଟମଟମ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ସୂଚନା ଦେଇଛି।

ମାର୍କେଟ କମ୍ପ୍ଲେକ୍ସ ଘରଭଡ଼ା ସର୍ତ୍ତ କଠୋରକୁ ନେଇ ଅସନ୍ତୋଷ

# ବଡ଼ବଡ଼ିଆଙ୍କୁ ସୁହାଇଲା ଭଳି ସର୍ତ୍ତ ରଖାଯାଇଥିବା ଅଭିଯୋଗ



ଆରଏମସିର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ

ମାର୍ଶାଘାଇ,୮।୬(ସଂଚାର ବ୍ୟୁରୋ): ମାର୍ଶାଘାଇ କଲେଜର ପଶ୍ଚିମ ଫାଟକର ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହୋଇ ଆବଣ୍ଟନ ଅପେକ୍ଷାରେ ଥିବା ଆରଏମସିର ମାର୍କେଟ କମ୍ପ୍ଲେକ୍ସ ଘର ଭଡା ସର୍ତ୍ତ କୁ ନେଇ ଆଶାୟୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ବଣ୍ଟନ ହୋଇଥିବା ଘରର ସର୍ତ୍ତ ଠାରୁ ପାଞ୍ଚ ଗୁଣା ଅର୍ଥ ଦାବି କରି ନୋଟିସ ମରାଯାଇଛି। ମାର୍ଶାଘାଇ ମୁଖ୍ୟ ବଜାର ମଧ୍ୟରେ ପୂର୍ବ ସରକାର ସମୟରେ ବଣ୍ଟନ ହୋଇଥିବା ପ୍ରାୟ ନବେ ଟି ଘରର ସିକୁରିଟି ରାଶି ୨୦, ୦୦୦ ଟଙ୍କା ନିଆଯାଇଥିଲା। ଘର ଭଡା ବାବଦକୁ ମାସିକ ମାତ୍ର ୬୦୦ ଟଙ୍କା ନିଆଯାଉଛି। ମାତ୍ର ଏବେ ବଣ୍ଟନ ହେବାକୁ ଥିବା ୩୬ ଟି ଘର ପାଇଁ ସିକୁରିଟି ବାବଦକୁ ୫ ଗୁଣା ଅଧିକ ଅର୍ଥାତ ଏକ ଲକ୍ଷ ଟଙ୍କା ଦାବି କରାଯାଇଛି। ସେହି ପରି ମାସିକ ଘର ଭଡା ୨ହଜାର ଟଙ୍କା ଦାବି ହୋଇ ନୋଟିସ କରାଯାଇଛି। ସେହି ସ୍ଥାନରେ ପୂର୍ବରୁ ଥିବା ପୁରୁଣା ଘରକୁ ଅଳ୍ପ କେଇଜଣ ବ୍ୟକ୍ତି ଶସ୍ତା ଦରରେ ଆରଏମସି ଠାରୁ ଭଡାରେ ନେଇ କିଛି ଦୋକାନୀଙ୍କୁ ଚଢ଼ା ଦରରେ ଭଡ଼ାରେ ଦେଇ ମୁନାଫା କମେଇଥିଲେ। ସିକୁରିଟି ବାବଦକୁ ଅଧିକ ଟଙ୍କା ସର୍ତ୍ତ ରଖିଲେ ଘର ଭଡ଼ା ନେବାକୁ ଆଶାୟୀଙ୍କ ସଂଖ୍ୟା କମିଯିବ ଏବଂ ବଡ଼ ବଡ଼ିଆ ଅଧିକ ଟଙ୍କା ସିକୁରିଟି ଦେଇ ପୁନର୍ବାର ଦୋକାନ ଘର ହାତେଇପାରିବା ନେଇ ଆରଏମସି ପକ୍ଷରୁ ଜାଣିଶୁଣି ସିକୁରିଟି ରାଶି ଅଧିକ ଧାର୍ଯ୍ୟ କରିଥିବା ନେଇ ଆଶାୟୀ ମାନେ ଅଭିଯୋଗ କରିଛନ୍ତି। ଗତ ରବିବାର ମାର୍ଶାଘାଇର ଆଶାୟୀମାନେ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକଙ୍କୁ ଭେଟି ଆରଏମସି ର କାର୍ଯ୍ୟଶୈଳୀ ଉପରେ ଅଭିଯୋଗ କରିବା ସହିତ ଏହି ଘଟଣାରେ ହସ୍ତକ୍ଷେପ କରି ତଦନ୍ତ କରିବା ସହିତ ସିକ୍ୟୁରୁଟି ରାଶି ଏବଂ ଘରଭଡା ପୂର୍ବ ଘର ଭଡ଼ା ସହିତ ତାଳମେଳ ରଖି ସ୍ଥିର କରିବା ଉପରେ ଦୃଷ୍ଟି ଦେବାକୁ ଦାବିକରିଥିଲେ ।

## କିନ୍ନରଙ୍କୁ ଏସ୍ଆଇଆର୍ ସମ୍ପର୍କରେ ସଚେତନତା



କେନ୍ଦ୍ରାପଡ଼ା,୯।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ବସବାସ କରୁଥିବା କିନ୍ନର (ତୃତୀୟ ଲିଙ୍ଗ) ମାନଙ୍କୁ ଏସ୍ଆଇଆର୍ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଏସ୍ଆଇଆର୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଜିଲ୍ଲା ପ୍ରଶାସନ ତରଫରୁ ଏହାକୁ ଜୋରଦାର କରିବା ପାଇଁ ପ୍ରତ୍ୟେକ ବ୍ଲକ ଠାରୁ ଆରମ୍ଭ କରି ପ୍ରତ୍ୟେକ ପଞ୍ଚାୟତ, ସହର ଓ ଘରଘର ବୁଲି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବୁଧବାର କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ୫ ନମ୍ବର ୱାର୍ଡର ଗୋପ ସ୍କୁଲ୍ ପରିସରରେ ଜିଲ୍ଲାର କିନ୍ନର ମାନଙ୍କୁ ଏସ୍ଆଇଆର୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଏଲ୍ଓ ମାନଙ୍କୁ ନିଜର ଓ ନିଜ ପରିବାରର ସମସ୍ତ ପ୍ରକାର ତଥ୍ୟ ଯୋଗାଇ ଦେବାପାଇଁ ସଚେତନ କରାଯିବା ସହ ଏସ୍ଆଇଆର୍ ସମ୍ପର୍କରେ ଫର୍ମ ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର୍ -୨୦୨୬ ଉପଲକ୍ଷେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, କାଉନ୍ସିଲର ନିରାକାର ସ୍ୱାଇଁ, ଡିଏଲ୍ଓ ସ୍ୱପ୍ନାଂଶୁ କୁମାର ଦାସ, ରୀତାରାଣୀ ସାମଲ, ହିଷ୍ଟୁତା ଚୌଧୁରୀ, ଅର୍ଚ୍ଚି, ଭୂମିକା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ମାନବାଧିକାର କର୍ମୀ ବୈଠକ



ମହାକାଳପଡ଼ା,୯।୬(ସଂଚାର ବ୍ୟୁରୋ): ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ ସଂଗଠନ ପକ୍ଷରୁ ଜୁନ ୯ ତାରିଖ ମଙ୍ଗଳବାର ଦିନ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜୟଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ଥ ଜାତୀୟ ରାଜପଥ ପାର୍ଶ୍ୱ ବଉଦ ତାରିଣୀ ମନ୍ଦିର ପରିସରରେ ସଂଗଠନର ଜିଲ୍ଲାସ୍ତରୀୟ ମାନବାଧିକାର କର୍ମୀ ବୈଠକ ଏବଂ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ସଂଗଠନର ଅଧ୍ୟକ୍ଷ ରମେଶ ଭାରତୀ, ରାଷ୍ଟ୍ରୀୟ ଉପସଭାପତି ତପନ କୁମାର ପତି, ରାଷ୍ଟ୍ରୀୟ ସଂଯୋଜକ ରମେଶ ମହାଳିକ, ରାଜ୍ୟ ସଂଯୋଜିକା ଝରଣା ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାନବ ଅଧିକାର ଉପରେ ବହୁ ସାରଗର୍ଭକ ତଥ୍ୟ ଏବଂ ସାଧାରଣ ଜୀବନରେ ଏହାର କାର୍ଯ୍ୟକାରିତା ଉପରେ ମତାମତବ୍ୟ ରଖିଥିଲେ। ପରେ ଉପସ୍ଥିତ କର୍ମୀମାନଙ୍କର ବିଭିନ୍ନ ସମସ୍ୟାକୁ ଶୁଣି ଯଥାଶିଘ୍ର ଏହାର ସମାଧାନ କରାଯିବାର ନିଷ୍ପତ୍ତି ନିଆଗଲା। ଉପସ୍ଥିତ କର୍ମୀମାନଙ୍କର ପ୍ରସ୍ତାବ କ୍ରମେ ଏକ ଜିଲ୍ଲା କାର୍ଯ୍ୟକାରୀ କମିଟି ଗଠନ କରାଗଲା। ଏହି କମିଟିରେ ଜିଲ୍ଲା ସଭାପତି-ପ୍ରଫୁଲ୍ଲ କୁମାର ପ୍ରଧାନ, ଉପସଭାପତି - ଶରତ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସମ୍ପାଦକ- ଭିକାରୀ ବେହେରା (ମଣ୍ଟୁ), ଜିଲ୍ଲା ସଂଯୋଜକ-ରଞ୍ଜନ କୁମାର ଦାସ, ମହାକାଳପଡ଼ା ବ୍ଲକ୍ ସଭାପତି ଅମୀୟ କୁମାର ସାମଲ, ମାର୍ଶାଘାଇ ବ୍ଲକ ସଭାପତି ରଶ୍ମିକାନ୍ତ ବସନ୍ତିଆ, ସଦସ୍ୟ ସତ୍ୟବାନ ବୈରୀବାଳ ପ୍ରମୁଖଙ୍କୁ ଦାୟୀତ୍ୱ ପ୍ରଦାନ କରାଗଲା। ପରବର୍ତ୍ତୀ ସମୟରେ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅନ୍ୟ ପଦବୀ ଗୁଡିକ ପାଇଁ କର୍ମୀଙ୍କ ନାମ ଘୋଷଣା କରାଯିବ। ଶେଷରେ ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରାମଦ ଜବତ, ୧୦ ଗିରଫ




କେନ୍ଦ୍ରାପଡ଼ା, ୧୦।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ, ଆଳି, କେନ୍ଦ୍ରାପଡ଼ା ସଦର, ମାହାଙ୍ଗା, ପଟ୍ଟାମୁଣ୍ଡାଇ ଗ୍ରାମାଳ, ପଟ୍ଟାମୁଣ୍ଡାଇ ଆଦର୍ଶ ଓ ରାଜକନିକା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ କାନରପୁର ଗ୍ରାମର ରତ୍ନାକର ଜେନା(୬୨)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ସେବସାହି ବରଡ଼ା ଗ୍ରାମର ଶେଖର ସେଠୀ(୫୬)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ଜୟନଗର ଗ୍ରାମର ନଳିନୀକାନ୍ତ ବିଶ୍ୱାଳ(୪୬)ଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ପାଇକରାପୁର ଗ୍ରାମର ପ୍ରଶାନ୍ତ କୁମାର ମଳିକ(୩୧) ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ଡେରାବିଶ ଗ୍ରାମର ଜିତେନ୍ଦ୍ର କୁମାର ବେହେରା(୪୦)ଙ୍କ ଠାରୁ ୧୨ ଲିଟର ଦେଶୀ ମଦ ଲକ୍ଷ୍ମୀନାରାୟଣପୁର ଗ୍ରାମର ବସନ୍ତ କୁମାର ସାହୁ(୬୧)ଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ, ଛିଣା ଗ୍ରାମର ଦୁଷ୍ମନ୍ତ କୁମାର ଜେନା(୪୪)ଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ, ଲୋକନାଥପୁର ଗ୍ରାମର ବଳରାମ ମଳିକ(୩୨)ଙ୍କ ଠାରୁ ୧୭ ଲିଟର ଦେଶୀ ମଦ ଏବଂ ରାଜେନ୍ଦ୍ର ମଳିକ(୩୦)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଓ ମାଟିଆ ଗ୍ରାମର ମମତା ମଳିକ(୪୪)ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି।

# ଗୁଣ୍ଡାରାଜ ଚଳାଇଛନ୍ତି କେନ୍ଦ୍ରାପଡ଼ା ତହସିଲଦାର!

କମ୍ପାନୀଠାରୁ ଟଙ୍କା ନେଇ ସାଧାରଣ ଲୋକଙ୍କ ପେଟରେ ଲାତ ମାରୁଛନ୍ତି



କେନ୍ଦ୍ରାପଡ଼ା, ୧୦।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ତହସିଲଦାର କୁଇନି ଜେନା ଏବେ ଗୁଣ୍ଡାରାଜ ଚଳାଇଛନ୍ତି। ଏକ ନିର୍ଦ୍ଦିଷ୍ଟ କମ୍ପାନୀରୁ ଟଙ୍କା ନେଇ ସାଧାରଣ ଲୋକଙ୍କ ପେଟକୁ ନାତ ମାରୁଛନ୍ତି। ଫଳରେ ସାଧାରଣ ଲୋକେ ପେଟପାଟଣା ପାଇଁ ବାରଦୂଆର ସୁଣ୍ଟିପିଣ୍ଡା ହେଉଛନ୍ତି ବୋଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏକ କମ୍ପାନୀ ଦ୍ୱାରା ପ୍ରଭାବିତ ହୋଇ ଲୋକଙ୍କୁ ହଇରାଣ ହରକତ କରୁଛନ୍ତି ତହସିଲଦାର। ନିଜ ସ୍ଥିତିବାନ ଜମିରେ ଦୋକାନ କରିଥିବା ଜଣେ ବ୍ୟବସାୟୀଙ୍କ ଦୋକାନକୁ ପୋଲିସ ଲଗାଇ ବଳପୂର୍ବକ ଭାଙ୍ଗି ଦେଇଛନ୍ତି ତହସିଲଦାର। ଏ ନେଇ ଦୁହୁରିଆର କ୍ଷତିଗ୍ରସ୍ତ ବ୍ୟବସାୟୀ ଦୁର୍ଗା ପ୍ରସାଦ ନାଥଶର୍ମା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ ଦୁହୁରିଆରେ ଥିବା ନିଜ ସ୍ଥିତିବାନ ଜମିରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଏକ କମ୍ପାନୀ ଠାରୁ ଫାଇଦା ନେଇ ତହସିଲଦାର ତାଙ୍କ ଦୋକାନକୁ ଭାଙ୍ଗି ଦେଇଛନ୍ତି। ଏହାଦ୍ୱାରା ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ିଛି। ସେ ୩ ଲକ୍ଷ ଟଙ୍କା ଋଣ ନେଇ ଏକ ହୋଟେଲ କରିଥିଲେ। ସେହି ହୋଟେଲରୁ ଯାହା ଆୟ ହୁଏ ସେଥିରେ ପରିବାର ପ୍ରତିପୋଷଣ କରନ୍ତି ଓ ଋଣ ପରିଶୋଧ କରନ୍ତି। ହେଲେ ଏବେ କିପରି ଋଣ ପରିଶୋଧ କରିବେ ଓ ପରିବାର ପ୍ରତିପୋଷଣ କରିବେ ଏନେଇ ସେ ଚିନ୍ତାରେ ପଡ଼ିଯାଇଥିବା କହିଛନ୍ତି। ଅପରପକ୍ଷରେ ଦୁହୁରିଆରେ କେତେକ ଦୋକାନୀ ସରକାରୀ ଜାଗାରେ ମାଡିବସି ଦୋକାନ କରି ଦୋକାନ ଭଡ଼ା ଦେଉଛନ୍ତି। କିନ୍ତୁ ସେମାନଙ୍କୁ ଉଚ୍ଛେଦ କରାଯାଇ ନାହିଁ। ପ୍ରିୟାପ୍ରୀତି ପୋଷଣ କରାଯାଇ ଏଭଳି କାର୍ଯ୍ୟ କରାଯାଇଥିବା ଅଭିଯୋଗକାରୀ ଦୁର୍ଗାପ୍ରାସଦ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡା ତହସିଲଦାର କୁଇନ ଜେନାଙ୍କ ସହ ଯୋଗାଯୋଗ କରାଯିବାରେ ସେ କହିଲେ ମୁଁ ଘଟଣାସ୍ଥଳକୁ ଯାଇନଥିଲି। ଅତିରିକ୍ତ ତହସିଲଦାର ଯାଇଥିଲେ। ମୁଁ ସେ ସମ୍ପର୍କରେ ବୁଝିଲା ପରେ କହିବି।

## ୧୩ରେ ସମୀର ଟିଭିଏସର ରଜ କୁଇନ ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୧୦।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ଦୁହୁରିଆସ୍ଥିତ ସମୀର ଟିଭିଏସ ପକ୍ଷରୁ ପ୍ରଥମ ଥର ପାଇଁ ରଜ କୁଇନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ଆସନ୍ତା ୧୩ତାରିଖରେ ଦୁହୁରିଆସ୍ଥିତ ସମୀର ଟିଭିଏସ ପରିସରରେ ଅନୁଷ୍ଠିତ ହେବ। ଏଥିରେ କେବଳ ଝିଅମାନେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତାର ପ୍ରଥମ ସୋପାନରେ ସାଧାରଣ ଜ୍ଞାନ, ଦ୍ୱିତୀୟରେ ମେକଅପ୍ ଓ ତୃତୀୟରେ ନାଚ ପ୍ରତିଯୋଗିତା କରାଯିବ। ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫ହଜାର, ୩ହଜାର ଓ ୨ହଜାର ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯିବ। ପ୍ରତିଯୋଗିତାରେ ଭାଗନେବାକୁ ଚାହୁଁଥିବା ଇଚ୍ଛୁକ ପ୍ରାର୍ଥୀମାନେ ସମୀର ଟିଭିଏସର ସେଲ୍ସ ମ୍ୟାନେଜରଙ୍କୁ ଫୋନ ନମ୍ବର- ୯୨୩୭୩୮୧୬୮୪/ ୯୭୭୬୭୭୯୬୯୧ରେ ଯୋଗାଯୋଗ କରିବାକୁ ନିର୍ଦ୍ଦେଶକ ସମୀର କୁମାର ଚାନ୍ଦ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ପଟ୍ଟାମୁଣ୍ଡାଇରେ ମାଛ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ପଟ୍ଟାମୁଣ୍ଡାଇ, ୧୦।୬(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ଆଜି ଏକ ମାଛ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଛ ଚାଷୀମାନଙ୍କୁ ଉନ୍ନତ ମାଛ ଚାଷ ପ୍ରଣାଳୀ, ଜଳାଶୟ ପରିଚାଳନା, ମାଛ ଖାଦ୍ୟ ବ୍ୟବସ୍ଥାପନା ଏବଂ ରୋଗ ନିୟନ୍ତ୍ରଣ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହିତ ମାଛ ଚାଷକୁ ଏକ ଲାଭଜନକ ଓ ରୋଜଗାରଭିତ୍ତିକ ବ୍ୟବସାୟ ଭାବେ ଗ୍ରହଣ କରି ଆଧୁନିକ ଚାଷ ପଦ୍ଧତି ଅବଲମ୍ବନ କରିବାକୁ ଚାଷୀମାନଙ୍କୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀମତୀ ନନ୍ଦିନୀ ଶତପଥୀ, ବ୍ଲକ କୃଷି ଅଧିକାରୀ ସୁଶ୍ରୀ ସରୋଜିନୀ, ସହକାରୀ କୃଷି ଅଧିକାରୀ ସ୍ୱପ୍ନ ସୋନାଲି ପ୍ରଧାନ ମହାପାତ୍ର, ଡେରାବିଶ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀ ପ୍ରୀତିଶ ନାୟକ ଏବଂ ମା' ବୁଢ଼ୀ ଜାଗୁଳାଇ ମତ୍ସ୍ୟ ଜାଆଁଳ କେନ୍ଦ୍ରର ଉପଦେଷ୍ଟା ଶ୍ରୀ କମଳାକାନ୍ତ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ଏହି ଶିବିରରେ ୧୦୦ରୁ ଅଧିକ ମତ୍ସ୍ୟ ଚାଷୀ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମୟରେ ଓଡ଼ିଶାର ମୁଣ୍ଡପିଛା ମାଛ ବ୍ୟବହାର ବାର୍ଷିକ ୧୮.୩୩ କିଲୋଗ୍ରାମ ଥିବା ଉପରେ ଆଲୋଚନା କରାଯାଇଥିଲା। ଏହା ସହିତ ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି, ମାଛ ଚାଷରେ ଆଧୁନିକ ପ୍ରଯୁକ୍ତିର ପ୍ରୟୋଗ ଏବଂ ମତ୍ସ୍ୟ ଚାଷୀମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ମିଳୁଥିବା ସହାୟତା ଓ ଭର୍ତ୍ତୁକି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।ଏହି ପ୍ରଶିକ୍ଷଣ ଶିବିରକୁ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀମତୀ ହରପ୍ରିୟା ବେହେରା, କନିଷ୍ଠ ମତ୍ସ୍ୟ ସହାୟିକା ଶ୍ରୀମତୀ ଗୀତାଞ୍ଜଳି ଦାଶ ଏବଂ ସାଗର ମିତ୍ର ଉର୍ମିଳା ରାଉଳ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ସମାଜ ବିଜ୍ଞାନ ଅଧ୍ୟାପକଙ୍କୁ ଶ୍ରଦ୍ଧାଞ୍ଜଳି

ମାର୍ଶାଘାଇ,୯।୬(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ପଞ୍ଚାୟତ ରାମିଆଗଞ୍ଜ ଗ୍ରାମ ବାସିନ୍ଦା ତଥା ନୟାଗଡ଼ ଜିଲ୍ଲା ଇଟାମାଟି ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମାଜବିଜ୍ଞାନ ଅଧ୍ୟାପକ ସ୍ୱର୍ଗତ ଅଭୟ କୁମାର ଲେଙ୍କା ଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିଳ୍ପପତି ରନେନ୍ଦ୍ର କୁମାର ସ୍ୱାଇଁ, ମାର୍ଶାଘାଇ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରା, ମା ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଉମାକାନ୍ତ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଙ୍ଘର ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଆଇନଜୀବି ବିଚିତ୍ରାନନ୍ଦ ବେହେରା, ମଣିକୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋରଞ୍ଜନ ସାମଲ, କୁହୁଡି ସରପଞ୍ଚ ପ୍ରଭାତ ରଞ୍ଜନ ଦାସ, ସାଙ୍ଗ ଦିଲୀପ ପ୍ରଧାନ, ସୁଶାନ୍ତ କୁମାର ଜେନା, ଭଉଣୀ ଡଲି ଜେନା, ସାନଭାଇ ତଥା ଜଗତସିଂହପୁର ଗୁଇନ୍ଦା ବିଭାଗ ଉପଅଧିକ୍ଷକ ପ୍ରେମାନନ୍ଦ ଲେଙ୍କା, ଭଣଜା ପୁପୁନି ଲେଙ୍କା, ଶିକ୍ଷକ ପାର୍ଥସାରଥୀ ସାହୁ, ଅମରେନ୍ଦ୍ର ଲେଙ୍କା, ଭାବଗ୍ରାହୀ ମଲ୍ଲ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୧୯୯୪ ମସିହା ଦଶମ ବ୍ୟାଚ୍‌ର ବନ୍ଧୁମିଳନ ଓ ଗୁରୁପୂଜନ

ଆଳି,୧୦।୬(ସଂଚାର ବ୍ୟୁରୋ): ଆଳି ବ୍ଲକ ୧୯୯୪ ମସିହା ଅଧ୍ୟୟନ ଛାତ୍ର ଛାତ୍ରୀ ମାନଙ୍କ ସାମନ୍ତ ସିଂହାର କେଳୁ ଚରଣ ଉଚ୍ଚ ବିଦ୍ୟାଳୟ ପତ୍ରପୁର ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଧୁମ୍ ଧାମରେ ଅନୁଷ୍ଠିତ ହୋଇଯାଇଛି।ଦୀର୍ଘ ୩୨ ବର୍ଷର ବ୍ୟବଧାନ ପରେ ପୁରାତନ ଛାତ୍ର ଛାତ୍ରୀ ମାନଙ୍କର ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟ କ୍ରମ ସମ୍ଭବ ହୋଇ ପାରିଛି। ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯୋଗ ଦେଇଥିବା ବେଳେ ଚିହ୍ନା ମୁହଁ ଅଚିହ୍ନା ଲାଗୁ



ଥିଲେବି ନିଜକୁ ନିଜର ପରିଚୟ ପ୍ରଦାନ କରି ଫେରି ଯାଇଥିଲେ ସେହି ସ୍କୁଲ ଜୀବନକୁ। ପ୍ରଥମେ ସ୍ମୃତି ପାଇଁ ବୃକ୍ଷ ରୋପଣ କରିବା ସାମନ୍ତ ସିଂହାର କେଳୁ ଚରଣଙ୍କ ସମାଧି ନବିକଣ ଓ ପୁଷ୍ପମାଲ୍ୟ ଅର୍ପଣ କରିବା। ପରେ ନିଜର ଶିକ୍ଷକ ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ଭକ୍ତିମୟ ପରିବେଶ ରେ ଗୁରୁ ପୂଜା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।ଏହି ବନ୍ଧୁ ମିଳନରେ ଯୋଗ ଦେଇ ଥିଲେ ପ୍ରଧାନ ଶିକ୍ଷୟତ୍ରୀ ଆରାଧନା ଦାସ, ପୂର୍ବତନ ଶିକ୍ଷକ ଶ୍ରୀଯୁକ୍ତ ନଟବର ଜେନା, ଖିରୋଦ ଚନ୍ଦ୍ର ପରିଡା, ଅର୍ଜୁନ ଚରଣ ଦାସ, ବାବାଜୀ ଚରଣ ନାୟକ, ଶ୍ରୀନିବାସ ମହାରଣା, କୁଳମଣି ରାଉତ, ବର୍ତ୍ତମାନର ଶିକ୍ଷକ ଚିରଞ୍ଜିବି ମହାଳିକ, ସୌମ୍ୟରଞ୍ଜନ ବେହୁରା, ଆଦିତ୍ୟ କୁମାର ବେହୁରା।

## କ୍ଷେତ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୯।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା କୃଷି ବିଭାଗ ଆନୁକୂଲ୍ୟରେ କୁତରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କ୍ଷେତ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇ କିପରି ରାସାୟନିକ ସାରର ସ୍ୱଳ୍ପ ବ୍ୟବହାର କରି ଜୈବିକ ସାର ଉପରେ ପ୍ରାଧାନ୍ୟ ହେବେ ସେହି ଉଦ୍ଦେଶ୍ୟରେ ଚାଷୀମାନଙ୍କୁ ତାଲିମ୍ ଦିଆଯାଇଥିଲା। ଏଥିରେ ମୃତ୍ତିକା ପରୀକ୍ଷା, ସନ୍ତୁଳିତ ସାରର ବ୍ୟବହାର, ସବୁଜ ସାରର ଉପଦେୟତା ପ୍ରତି ଗୁରୁତ୍ୱ ଦେବାକୁ କୃଷି ବୈଜ୍ଞାନିକମାନେ ଉପସ୍ଥିତ ଥିବା ଶତାଧିକ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ତାପସ ରଞ୍ଜନ ସାହୁ, ଡକ୍ଟର ଗାୟତ୍ରୀ ସାହୁ, ବ୍ଲକ କୃଷି ଅଧିକାରୀ ପ୍ରିୟମ୍ବଦା ନାୟକ, ସହକାରୀ କୃଷି ଅଧିକାରୀ ପରୀକ୍ଷିତ ସାହୁ, ଗ୍ରାମ୍ୟ କୃଷି ଅଧିକାରୀ ଶିଶିର କୁମାର ସ୍ୱାଇଁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀ ତଥା ପୂର୍ବତନ ସରପଞ୍ଚ ରାଜନ୍ ପ୍ରସାଦ ଥାଟୋଇଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇ ତାଲିମ୍ ଗ୍ରହଣ କରିଥିଲେ।

# କେନ୍ଦ୍ରାପଡ଼ା ବ୍ଲକସ୍ତରୀୟ ବ୍ରାହ୍ମଣ ମହାସଂଘ ବୈଠକ



କେନ୍ଦ୍ରାପଡ଼ା, ୧୦।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ସ୍ତରୀୟ ବ୍ରାହ୍ମଣ ମହାସଙ୍ଘର ତୃତୀୟ ଆଳିକ ସାଂଗଠନିକ ସଭା ନିକିରାଇସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଉମାକାନ୍ତ ପଣ୍ଡାଙ୍କ ଆବାହକତ୍ୱରେ ଏବଂ ବ୍ଲକ ମହାସଙ୍ଘର ସଭାପତି ଜଗବନ୍ଧୁ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଣ୍ଡିତ ଅକ୍ଷୟ କୁମାର ତ୍ରିପାଠୀ ବେଦପାଠ କରିଥିଲେ। ଜିଲ୍ଲା ସଂଗଠନ ସମ୍ପାଦକ ପଣ୍ଡିତ ତପନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜିଲ୍ଲା କୋଷାଧ୍ୟକ୍ଷ ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା ବୈଦିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ମାନ ସମାଜକୁ ବ୍ରାହ୍ମଣଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରି ସଂଗଠନକୁ ମଜଭୁତ କରିବାକୁ ନିବେଦନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସରପ ସରୋଜକାନ୍ତ ପଣ୍ଡା ଯୋଗଦେଇ ତୃଣମୂଳ ସ୍ତରରୁ ବ୍ରାହ୍ମଣମାନଙ୍କୁ ଏକାଠି କରିବା ସହ ସଂସ୍କାର ଓ ସଂସ୍କୃତି ସମ୍ପନ୍ନ ହେବାକୁ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ସମ୍ପାଦକୀୟ ବିବରଣୀ ପାଠ କରିବା ସହ ପ୍ରତ୍ୟେକ ପାୟତରେ ପ୍ରତି ବ୍ରାହ୍ମଣ ପରିବାରକୁ ସଂଗଠନରେ ସାମିଲ କରିବାକୁ ପାୟତ ସଂଯୋଜକମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ ସରକାରଙ୍କ ସଂରକ୍ଷଣ ନୀତି ବିରୋଧରେ ସଂଗ୍ରାମ ଜାରିରଖିବାକୁ ନିବେଦନ କରିଥିଲେ। ଆଳିକ ଯୁବବାହିନୀ ସଂଯୋଜକ ସାଇସ୍ୱରାଜ ଶତପଥୀ ଯୁବବପିଢ଼ୀକୁ ଗାଁ ଗାଁ ଗସ୍ତକରି ସଭାସମିତି କରିବାକୁ ଆହ୍ୱାନ ଦେଇଥିଲେ। ରାମ ଚନ୍ଦ୍ର ପତି, ଶିକ୍ଷାବୀତ ସୀତାକାନ୍ତ ମିଶ୍ର, ପ୍ରଫୁଲ୍ଲ କୁମାର ଶତପଥୀ, ରତିକାନ୍ତ ତ୍ରିପାଠୀ, ବିଭୁଦ ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆକସ୍ମିକ ଅଗ୍ନିକାଣ୍ଡ, ୫ଲକ୍ଷର ଟଙ୍କା ସମ୍ପତ୍ତି ନଷ୍ଟ

ପଟ୍ଟାମୁଣ୍ଡାଇ, ୧୦।୬(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତ ଶାସନ ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳ ଛପର ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପଟ୍ଟାମୁଣ୍ଡାଇ ରୁ ଦମକଳ ଗାଡି ପହଁଚିବା ବେଳକୁ ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡ଼ିନଥିଲେ ମଧ୍ୟ ସର୍ଟସର୍କିଟ ରୁଏହି ଅଗ୍ନିକାଣ୍ଡ ଘଟିଛି ବୋଲି ଅନୁମାନ କରାଯାଉଛି। ଯାହା ଫଳରେ ଘରେ ଥିବା ନଗଦ ୫୦ହଜାର ଟଙ୍କା ସୁନା ରୁପା, ଫ୍ରିଜ, ଟିଭି, ଖଟ, ଜମିଜମା ରେକର୍ଡ ପତ୍ର, ବ୍ୟାଙ୍କ ବହି ପ୍ରଭୃତି ପୋଡି ପାଉଁଶ ହୋଇଛି।

# ଶିବାନନ୍ଦ ଆଶ୍ରମ ପକ୍ଷରୁ ଚାରାରୋପଣ



କେନ୍ଦ୍ରାପଡ଼ା, ୧୦।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅଧିନ ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ନିଆଳି ମେରିବଟ ଶିବାନନ୍ଦ ଆଶ୍ରମ ସନ୍ନିକଟ ହନୁମାନ ଛକ ଠାରୁ କଖଗଡ଼ି ପୋଲ ପର୍ଯ୍ୟନ୍ତ ଦୁଇ ପାଶ୍ୱର୍ରେ ବିଭିନ୍ନ ବୃକ୍ଷର ପ୍ରାୟ ୩ଶହ ଚାରା ରୋପଣ କରିଛନ୍ତି। ଏହି ଅବସରରେ ଆଗାମୀ ଦିନରେ କିପରି ଅଧିକରୁ ଅଧିକ ଚାରା ରୋପଣ କରାଯାଇପାରିବ ସେ ସମ୍ପର୍କରେ ଶ୍ରୀମା ଆଶ୍ରମର କର୍ମକର୍ତ୍ତା ଏବଂ ଶିବାନନ୍ଦ ପାଠଚକ୍ରର ସମସ୍ତ ଭକ୍ତ ଓ ଗୁରୁଭାଇମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଶ୍ୱ ପରିବେଶ ଦିବସ ଅବସରରେ ଶ୍ରୀମା ବାର୍ତ୍ତା ଦେଇ କହିଛନ୍ତି ଗଛ ଲଗାନ୍ତୁ ଜୀବନ ବାନ୍ଧୁ। ଶ୍ରୀମା ଜନ୍ମଦିନ, ଶ୍ରାଦ୍ଧ, ବ୍ରତୋପନୟନ ଏବଂ ବିଶେଷ ଦିନ ଗୁଡିକରେ ଗଛଟିଏ ଲଗାଇବାକୁ ଓ ଏଦିଗରେ ଅନ୍ୟମାନଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ପରିବେଶ ବିଲେ ଆମେ ବିବା। ସ୍କୁଲ, କଲେଜ, ଧର୍ମାନୁଷ୍ଠାନ, କ୍ଲବଘର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ନିଜ ବାଡିବଗିଚାରେ ଗଛ ଲଗାଇବାକୁ ଶ୍ରୀମା ପରାମର୍ଶ ଦେଇଛନ୍ତି। ବିଶେଷତଃ ବିଭିନ୍ନ ରାସ୍ତା କଡରେ ଓ ପଡ଼ିଆ ଜମିରେ ତାଳଗଛ ଲଗାଇବାକୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭୋବନି ଦାସ, ଡ. ଭାଗ୍ୟଧର ସାହୁ, ରାମଚନ୍ଦ୍ର ସାମଲ, ସଚ୍ଚିନ୍ଦ୍ର ନାଥ ଜେନା, ନିରଞ୍ଜନ ପାତ୍ର, ଭାଗବତ ସାମଲ, ବିପିନ ଜେନା, ହେଲେନ ଜେନା, ପୁନମ ନାୟକ, ମଦନମୋହନ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର




# ଟିଏମ୍‌ସି ପ୍ରତି ବଡ଼ ବିପଦ

୨୦୨୬ ବିଧାନସଭା ନିର୍ବାଚନ ପରେ ପଶ୍ଚିମବଙ୍ଗର ରାଜନୈତିକ ଲ୍ୟାଣ୍ଡସ୍କେପ୍ ସମ୍ପୂର୍ଣ୍ଣ ବଦଳିଯାଇଛି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ (ଟିଏମସି) ପାଇଁ ଏହା କେବଳ ଏକ ପରାଜୟ ନୁହେଁ, ବରଂ ଏକ ଅସ୍ତିତ୍ୱର ସଙ୍କଟ ହୋଇ ପଡ଼ିଛି। ବିଜେପିର ଭୂମିଧସ ବିଜୟ ପରେ ଟିଏମସିର ଅନେକ ବିଧାୟକ ଓ ନେତା ଦଳ ଛାଡ଼ିବା, ଅନ୍ତର୍ଦ୍ୱନ୍ଦ୍ୱ ଏବଂ ଦୁର୍ନୀତିର ଅଭିଯୋଗ ଏହି ଦଳକୁ ଗଭୀର ସଙ୍କଟରେ ପକାଇଛି।

ଟିଏମସି ଶାସନ କାଳ ଦୀର୍ଘ ୧୫ ବର୍ଷ ଧରି ଚାଲିଥିଲା। ମମତା ବାନାର୍ଜୀଙ୍କ ଜନପ୍ରିୟତା ଏବଂ ରାଜନୈତିକ ଚାତୁର୍ଯ୍ୟ ଦ୍ୱାରା ଏହି ଦଳ ପଶ୍ଚିମବଙ୍ଗରେ ଏକ ପ୍ରବଳ ଶକ୍ତି ହୋଇ ଉଠିଥିଲା। କିନ୍ତୁ ସମୟ ସହିତ ଦୁର୍ନୀତି, ପରିବାରବାଦ (ବିଶେଷକରି ଅଭିଷେକ ବାନାର୍ଜୀଙ୍କ ପ୍ରଭାବ), ବେକାରୀ ଏବଂ ପ୍ରଶାସନିକ ବ୍ୟର୍ଥତା ଜନସାଧାରଣଙ୍କ ମନରେ ତୀବ୍ର ବିରୋଧ ସୃଷ୍ଟି କରିଥିଲା। ୨୦୨୬ ନିର୍ବାଚନରେ ବିଜେପିର ୨୦୭ ଆସନ ଜିତିବା ଏବଂ ଟିଏମସିର ବିରାଟ ପରାଜୟ ଏହି ବିରୋଧର ପ୍ରତିଫଳନ। ମମତା ନିଜେ ଭବାନୀପୁରରେ ପରାଜିତ ହୋଇଥିଲେ, ଯାହା ଦଳ ପାଇଁ ଏକ ବଡ଼ ଆଘାତ ଥିଲା।

ପରାଜୟ ପରେ ଦଳର ଅନ୍ତର୍ଗତ ସଙ୍କଟ ଆହୁରି ଗଭୀର ହୋଇଛି। ପ୍ରାୟ ତିନି ଚତୁର୍ଥାଂଶ ବିଧାୟକ ବିଦ୍ରୋହ କରିଛନ୍ତି। ଋତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ଏକ ବିଦ୍ରୋହୀ ଗୋଷ୍ଠୀ ଗଠନ ହୋଇଛି, ଯାହା ଦଳର ବିଭାଜନକୁ ନେଇ ଆଶଙ୍କା ସୃଷ୍ଟି କରୁଛି। ଲୋକସଭା ସଦସ୍ୟମାନଙ୍କ ମଧ୍ୟରେ ମଧ୍ୟ ଏନଡିଏ ପ୍ରତି ଆକର୍ଷଣ ଦେଖାଯାଉଛି। ଏହା କେବଳ ସୁଯୋଗବାଦୀ ନେତାଙ୍କ ଗତିବିଧି ନୁହେଁ, ବରଂ ଦଳର ଆଭ୍ୟନ୍ତରୀଣ ଦୁର୍ବଳତାର ପ୍ରମାଣ। ଦୁର୍ନୀତି ଅଭିଯୋଗ, ପରିବାରବାଦ ଏବଂ କ୍ୟାଡର୍ ମଧ୍ୟରେ ହତାଶା ଏହି ପରିସ୍ଥିତିକୁ ଉତ୍ସାହିତ କରୁଛି।



ଟିଏମସି ପାଇଁ ଏହି ବିପଦ ରାଜନୈତିକ, ସାଂଗଠନିକ ଏବଂ ଆଦର୍ଶଗତ ତିନି ସ୍ତରରେ ରହିଛି। ପ୍ରଥମତଃ, ବିଜେପିର ଉତଥାନ ହିନ୍ଦୁ-ମୁସଲିମ୍ ଧର୍ମୀୟ ଧ୍ରୁବୀକରଣକୁ ଉତ୍ସାହିତ କରିଛି, ଯାହା ଟିଏମସିର ପାରମ୍ପରିକ ଭୋଟ୍ ବ୍ୟାଙ୍କ୍ (ବିଶେଷକରି ମହିଳା ଏବଂ ସମ୍ପ୍ରଦାୟିକ ସମର୍ଥନ)କୁ ଭାଙ୍ଗି ଦେଇଛି। ଦ୍ୱିତୀୟତଃ, ଦଳର ସାଂଗଠନିକ ଗଠନ ମମତାଙ୍କ ବ୍ୟକ୍ତିଗତ ନେତୃତ୍ୱ ଉପରେ ନିର୍ଭରଶୀଳ ଥିଲା। ଏହି ମଡେଲ ପରାଜୟ ପରେ ବିଫଳ ହୋଇଛି। ତୃତୀୟତଃ, କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ତଦନ୍ତ ଏବଂ ଆଇନଗତ ଚ୍ୟାଲେଞ୍ଜ ଦଳର ନେତାମାନଙ୍କୁ ଆତଙ୍କିତ କରୁଛି।

ତଥାପି, ଏହି ସଙ୍କଟ ଟିଏମସି ପାଇଁ ଏକ ପୁନର୍ଜନ୍ମର ସୁଯୋଗ ମଧ୍ୟ ହୋଇପାରେ। ଯଦି ଦଳ ଆତ୍ମସମୀକ୍ଷା କରି, ଦୁର୍ନୀତି ବିରୋଧରେ କଠୋର ପଦକ୍ଷେପ ନେଇ, ଯୁବକ ନେତୃତ୍ୱକୁ ପ୍ରୋତ୍ସାହିତ କରି ଏବଂ ଜନସାଧାରଣଙ୍କ ମୂଳ ସମସ୍ୟା (ବେକାରି, ଉନ୍ନୟନ, ଶିକ୍ଷା) ଉପରେ ଧ୍ୟାନ ଦେଇ ପୁନର୍ଗଠନ କରେ, ତେବେ ଏହା ପୁନରୁତଥାନ କରିପାରେ। ମମତାଙ୍କ ଅନୁଭବ ଏବଂ ଜନସମ୍ପର୍କ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। କିନ୍ତୁ ଯଦି ଦଳ ପୁରୁଣା ଶୈଳୀରେ ଚାଲୁ ରହେ, ତେବେ ଏହାର ଅସ୍ତିତ୍ୱ ବିପନ୍ନ ହୋଇପାରେ।

ପଶ୍ଚିମବଙ୍ଗର ରାଜନୀତି ସର୍ବଦା ଗତିଶୀଳ ଏବଂ ଅନିର୍ଦ୍ଦିଷ୍ଟ ରହିଛି। ଟିଏମସିର ପରାଜୟ କେବଳ ଏକ ଦଳର ପତନ ନୁହେଁ, ବରଂ ଜନସାଧାରଣଙ୍କ ରାୟର ପରିବର୍ତ୍ତନର ପ୍ରତିଫଳନ। ଏହି ପରିବର୍ତ୍ତନ ଯଦି ଟିଏମସି ବୁଝିପାରେ ଏବଂ ନିଜକୁ ପରିବର୍ତ୍ତନ କରେ, ତେବେ ଭବିଷ୍ୟତରେ ପୁନର୍ବାର ଉଠିପାରେ। ନହେଲେ ଏହା ଏକ ଐତିହାସିକ ପାର୍ଟିର ଅବସାନର ଆରମ୍ଭ ହୋଇପାରେ। ବଙ୍ଗର ରାଜନୀତିର ଭବିଷ୍ୟତ ଏହି ସଙ୍କଟର ସମାଧାନ ଉପରେ ନିର୍ଭର କରୁଛି।

# ମାଟିରେ କବର ନେଲା ଲାଲବାଗ କୋଠୀର 'ପୁରୁଣା ଲାଲବାଗ ଥାନା'

ବିକ୍ରମ ମହାପାତ୍ର



ହାଇକୋର୍ଟ ଆଡୁ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ଯିବା ପୂର୍ବରୁ ଡାହାଣ ପଟେ ଅର୍ଥାତ୍ ଚାନ୍ଦିନୀଚୌକ ଡାକଘରକୁ ଲାଗିଛି କଟକ ସହରର ଅନ୍ୟତମ ପୁରୁଣା ଥାନା 'ଲାଲବାଗ ଥାନା'। ଏହି ଥାନାର ସାମ୍ନାରେ ହିଁ ଶିଶୁଭବନ। ଯଦିଓ ବର୍ତ୍ତମାନ ଥାନା ସାମ୍ନାର ଶିଶୁଭବନ ଗେଟ ବନ୍ଦ ରହିଛି ତେବେ ଏ ଥାନା ହେଉଛି କଟକ ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରମୁଖ ଥାନା। କାରଣ ଏହା ଅଧୀନରେ ଓଡ଼ିଶା ହାଇକୋର୍ଟ, ଶିଶୁଭବନ, ଆରଡିସିଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ଦୌରାଜର୍ଜଙ୍କ କାର୍ଯ୍ୟାଳୟ, ନିମ୍ନ ଅଦାଲତ, ରେଭେନ୍ସା କଲିଜିଏଟ ସ୍କୁଲ, ରାଧାନାଥ ଟ୍ରେନିଂ କଲେଜ, ଡିଆରଡିଏ କାର୍ଯ୍ୟାଳୟ ଓ କଟକ ଗ୍ରାମାଞ୍ଚଳ ଏସପିଙ୍କ କାର୍ଯ୍ୟାଳୟ ମଧ୍ୟ ରହୁଛି। ସେହିପରି ସେପଟ ଅଞ୍ଚଳକୁ ଦେଖିଲେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ପ୍ରଜାତନ୍ତ୍ର କାର୍ଯ୍ୟାଳୟ ଓ ସାଂସଦଙ୍କ ବାସଭବନ ପରି ଅଞ୍ଚଳ ରହୁଛି। ତେଣୁ ଏଇଥିରୁ ବୁଝିହୁଏ ଯେ ଲାଲବାଗ ଥାନାର ଗୁରୁତ୍ୱ ଓ ଦାୟିତ୍ୱ ଚାପ କେତେ? ହଜାର ବର୍ଷର ସହର କଟକ। ବାଉନ ବଜାର ତେପନ ଗଳିକୁ ନେଇ ଏହାର ପରିଚିତ। କଟକ ସହରରେ ଅନେକ ସାହି, ବସ୍ତୀ, ଗଳି ସବୁ ରହିଛି। ନିକଟରେ ଲାଲାବାଗ କୋଠିର ଶେଷ ସ୍ମୃତି କୁହାଯାଉଥିବା 'ପୁରୁଣା ଲାଲବାଗ ଥାନା' ମାଟିରେ ମିଶିଲା। କହିବାକୁଗଲେ ହଜାର ବର୍ଷର ପୁରାତନ କଟକର ଏକ ଐତିହ୍ୟ ମୁଖସାକ୍ଷୀ କବର ନେଲା। ଏହା ପୂର୍ବରୁ ଶିଶୁ ଭବନ ସମ୍ପ୍ରସାରଣ ବେଳେ ମୂଳ ଲାଲବାଗ କୋଠି ଭାଙ୍ଗିଥିଲା। ଲାଲବାଗ ଶବ୍ଦଟି ଅନେକ ଓଡ଼ିଆଙ୍କ ପାଇଁ ଏକ ପରିଚିତ ଶବ୍ଦ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଯବନ ଭକ୍ତ ସାଲବେଗଙ୍କ ବାପା ହେଉଛନ୍ତି ଲାଲବାଗ। ପାଖାପାଖି ଶହେଦୁଇ ବର୍ଷ ଧରି ଲାଲବାଗ ଥାନା ଏହି ସ୍ମାରକୀରେ ପରିଚିତ ହୋଇଥିଲା।

କଟକର ସମୃଦ୍ଧ ହଜାର ବର୍ଷର ଇତିହାସରେ ଲାଲବାଗ କୋଠୀର ସ୍ଥାନ ସ୍ୱତନ୍ତ୍ର। ଐତିହାସିକ ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୁସଲିମ ଶାସନ ଆରମ୍ଭ ହେବାର ୬୫ ବର୍ଷ ପରେ ମୁସଲମାନ ଶାସକମାନେ କଟକ ଠାରେ ଗୋଟିଏ ରାଜପ୍ରସାଦ ନିର୍ମାଣ କରିବାକୁ ସ୍ଥିର କରିଥିଲେ। ଏ ସମ୍ପର୍କରେ ସମସ୍ତ ବିବରଣୀ ଲିପିବଦ୍ଧ ରହିଛି। ୧୬୩୩ ଖ୍ରୀଷ୍ଟାବ୍ଦରେ ଉଇଲିୟମ ବ୍ରୁଟନ, କ୍ୟାପଟେନ କାର୍ଟରାଇଟ ଓ ଜନ ଡାବରିନ ନାମକ ତିନି ଜଣ ଇଂରେଜ ବଣିକ ଓଡ଼ିଶାରେ ଇଂରେଜମାନଙ୍କ ବ୍ୟବସାୟ ଆରମ୍ଭ କରିବା ପାଇଁ ଅନୁମତି ପତ୍ର ହାସଲ ଉଦ୍ଦେଶ୍ୟରେ କଟକର ମୋଗଲ ସୁବେଦାରଙ୍କ ପାଖକୁ ଆସିଥିଲେ। ସେମାନଙ୍କର ବିବରଣୀ ବ୍ରୁଟନ ବିଶଦ ଭାବରେ ଲେଖି ଯାଇଛନ୍ତି। ସେ ସମୟରେ କାଠଯୋଡ଼ି ନଦୀ କୂଳରେ ଯେଉଁ ରାଜପ୍ରସାଦ ନିର୍ମାଣ ହୋଇଥିଲା ତାହା ଥିଲା 'ଲାଲବାଗ କୋଠୀ'। ଲାଲବାଗ କୋଠୀର ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ମୋଗଲ ସୁବେଦାରଙ୍କ ଠାରୁ ମରହଟ୍ଟା, ଇଂରେଜ ଅମଳର ପ୍ରାଦେଶିକ ଶାସନକର୍ତ୍ତାଗଣ ଏହିଠି ଅବସ୍ଥାନ କରୁଥିଲେ। କାଠଯୋଡ଼ି କୂଳର ସୁପ୍ରଶସ୍ତ କ୍ଷେତ୍ର ଉପରେ ତତ୍କାଳୀନ ସୁବେଦାର ମୁତାକ୍ୱାତ୍ ଖାନ ଆଖପାଖ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇଥିଲେ। ଯାହାର ଫଳସ୍ୱରୂପ ପରବର୍ତ୍ତୀ ସମୟରେ ଏଠାରେ ପ୍ରାଦେଶିକ ଶାସନର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ସବୁ ନିର୍ମାଣ ହୋଇଥିଲା। ଅନେକ ସରକାରୀ କାର୍ଯ୍ୟାଳୟ ଗଢ଼ି ଉଠିଥିଲା ପରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ, ରାଜସ୍ୱ ପରିଷଦ କାର୍ଯ୍ୟାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା।

କଟକରେ ମୁସଲମାନ କୀର୍ତ୍ତି ସମ୍ପର୍କରେ ଗବେଷଣା କରିଥିବା ପ୍ରଫେସର ଆଲଫତ୍ ହୁସେନଙ୍କ ତଥ୍ୟ ଅନୁଯାୟୀ 'କଟକର ଲାଲବାଗ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳଙ୍କ ବାସସ୍ଥାନ ରୂପରେ ବ୍ୟବହୃତ ହେଉଥିଲା। ୧୬୩୩ ଖ୍ରୀଷ୍ଟାବ୍ଦରେ ବ୍ରୁଟନ ନାମକ ଜଣେ ଇଂରେଜ ବଣିକ କଟକ ଆସିଥିଲେ। ସେତେବେଳେ ନବାବ ଗୋଟିଏ ପ୍ରାସାଦ ନିର୍ମାଣ କରୁଥାଆନ୍ତି। ସମ୍ଭବତଃ ନବାବଙ୍କ ନାମ ଥିଲା ବାକିର ଖାଁ। ତାଙ୍କରି ନାମାନୁସାରେ କଟକର ଏକ ଅଞ୍ଚଳର ନାମ 'ବାଖରାବାଦ' ରଖାଯାଇଛି। ଆଲିବର୍ଦ୍ଦିନ ଖାଁଙ୍କର ପୁତୁରା ସାଉଲତ୍ ଜଙ୍ଗ ଲାଲବାଗ ଜେଲରେ ବନ୍ଦୀ ଥିଲେ। ସେ ଯେତେବେଳେ ସେଠାରୁ ମୁକ୍ତ ହେଲେ ସେତେବେଳେ ରିଆଜ୍‌ସ ସାଲିତିନ ୧୭୪୨ ଖ୍ରୀଷ୍ଟାବ୍ଦରେ ଏହି ଅଞ୍ଚଳକୁ 'ଲାଲବାଗ' ବୋଲି କହିଥିଲେ। ସେହି ଦିନରୁ ଏହା ଲାଲବାଗ ରୂପେ ପରିଚିତ।

୧୯୪୮ ମସିହାରେ ଏହି କୋଠାର ଏକ ଅଂଶରେ ଶିଶୁରୋଗର ଉନ୍ନତ ଚିକିତ୍ସା ନିମିତ୍ତ 'ଶିଶୁଭବନ' ନିର୍ମାଣ ହୋଇଥିଲା। ତେବେ ଲାଲବାଗ ନାମକରଣକୁ ନେଇ ଐତିହାସିକ ଓ ଗବେଷକମାନଙ୍କ ତଥ୍ୟ ଭିତରେ ଅମେଳ ରହିଛି। ୧୬୧୭ରେ ଅବିଭକ୍ତ ବଙ୍ଗ ଓଡ଼ିଶାର ଶାସନକର୍ତ୍ତା ଥିବା ଲାଲାବେଗଙ୍କ ସ୍ମୃତିରେ ଲାଲବାଗ କୋଠା ତିଆରି ହୋଇଥିଲା ବୋଲି କେହି କେହି କୁହନ୍ତି। ତେବେ ଉଇଲିୟମ ବ୍ରୁଟନ ସାହେବଙ୍କ ଲିପିବଦ୍ଧ ବିବରଣୀ ଅନୁଯାୟୀ ୧୫୬୮ ମସିହାରେ ମୁକୁନ୍ଦ ଦେବଙ୍କ ପରଠାରୁ ବାରବାଟୀ ଦୁର୍ଗର ପତନ ଆରମ୍ଭ ହୋଇଯାଇଥିଲା। ତତ୍କାଳୀନ ମୋଗଲ ସୁବେଦାରମାନେ ନିଜ ଇଚ୍ଛାନୁଯାୟୀ ଏହି ଭବନର ନାମକରଣ କରିଥିଲେ। ଓଡ଼ିଶାର ଗୌରବପୂର୍ଣ୍ଣ ଇତିହାସରେ ଲାଲବାଗ କୋଠୀର ସ୍ମୃତି ଅନେକ। ଲାଲବାଗ କୋଠୀର ଶେଷ ସ୍ମୃତି ଏହି ଲାଲବାଗ ଥାନା ଥିଲା। ଆଜି ସମୟର ଆହ୍ୱାନ ଓ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅନେକ ପୁରାତନ ଐତିହ୍ୟ ଓ ସ୍ମୃତିଜଡ଼ିତ ବଡ଼ ବଡ଼ ସ୍ମାରକୀ ସବୁ ଭଙ୍ଗାଯାଇ ନୂଆ ନିର୍ମାଣ ଚାଲିଛି। କିନ୍ତୁ ହଜାର ବର୍ଷର ଭାଇଚାରାର କଟକ ସହରରେ ଲାଲବାଗ ନିଶ୍ଚିନ୍ତ ଭାବେ ଏକ ଆବେଗ, ସ୍ମୃତି ଓ ସ୍ମାରକୀର ସ୍ଥାନ ହୋଇ ପ୍ରତିଟି କଟକିଆଙ୍କ ହୃଦୟରେ ରହିବ।


**ଚଣ୍ଡୀମନ୍ଦିର ରାସ୍ତା, କଟକ-୧,**
**ମୋବାଇଲ୍:୯୪୩୭୦୨୧୬୧୫**


# ବୈଦ୍ୟୁତିକ ଗାଡ଼ି ପ୍ରତି ସରକାରଙ୍କ ମୋହ



ସୁବାସ ଷଡଙ୍ଗୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଦ୍ୟୁତ ଚାଳିତ କାର ଉପରେ ଗୁରୁତ୍ୱ ଦିଆଯାଇଛି। ପୂର୍ବରୁ ଅବଶ୍ୟ ବିଦ୍ୟୁତ ଚାଳିତ ଦୁଇଚକିଆ ଓ ଚାରି ଚକିଆ ଯାନ କିଣିବା ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ସରକାରୀ ଅଫିସରଙ୍କ ପାଇଁ ସେମାନଙ୍କ ପେସ୍କେଲ ଅନୁସାରେ କାର ବା ସ୍କୁଟି ବିନା ସୁଧରେ ଋଣ ଯୋଗାଇ ଦିଆଯାଉଛି। ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ବିଦ୍ୟୁତ ଚାଳିତ ଗାଡି ଉପରେ ସେତେଟା ଗୁରୁତ୍ୱ ଲୋକେ ଦେଇ ନଥିଲେ।

ଗତ ପନ୍ଦରଦିନ ତଳେ ହଠାତ ରାଜଧାନୀ ସମେତ ସାରା ରାଜ୍ୟରେ ପେଟ୍ରୋଲ/ଡିଜେଲର ଅଭାବ ଦେଖାଦେଲା। ଲୋକମାନେ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପରେ ଲାଇନ ଲଗାଇ ତେଲ କିଣିଲେ। ଅଭିଯୋଗ ହେଲାଯେ ପେଟ୍ରୋଲ ଅଭାବରୁ ଗୋଟାଏ ଆମ୍ବୁଲାନ୍ସ ରୋଗୀ ନେଇ ଯାଉଥିଲାବେଳେ ତେଲ ସରିଯିବାରୁ ବାଟରେ ଅଟକିଗଲା। ପେଟ୍ରୋଲ ପାଇଁ କିପରି ଲାଇନ ଲଗାଇବାକୁ ପଡୁଥିଲା, ମୁଁ ତାର ଜଣେ ଭୁକ୍ତଭୋଗୀ।

ଏଇ ତିନି ଚାରିଦିନ ଭିତରେ ପେଟ୍ରୋଲ ଅଭାବ ଲୋକମାନଙ୍କ ମଧ୍ୟରେ ବିଦ୍ୟୁତ ଗାଡି କିଣିବା ପାଇଁ ଆଗ୍ରହ ସୃଷ୍ଟିକଲା। ଲୋକେ କାର ଓ ସ୍କୁଟି କିଣିବା ପାଇଁ ବିଭିନ୍ନ ଗାଡି ବିକ୍ରେତାଙ୍କ ପାଖରେ ଲାଇନ ଦେଲେ।

ଭାରତରେ ଅଟୋମୋବାଇଲ ଡିଲର୍ସ ଆସୋସିଏସନ ସମୂହର ଫେଡେରେସନ ବା 'ଫାଡା' ପକ୍ଷରୁ ଯେଉଁ ପରିସଂଖ୍ୟାନ ଦିଆଯାଇଛି, ସେଥିରେ କୁହାଯାଇଛି, ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶରେ ବିକ୍ରି ହୋଇଥିବା ମୋଟ ଦୁଇଚକିଆ ଯାନର ୬.୫୪ ଶତାଂଶ ହେଉଛି, ବିଦ୍ୟୁତ ଚାଳିତ ଗାଡି। ଯାତ୍ରିବାହି ଗାଡି କ୍ଷେତ୍ରରେ ବୈଦ୍ୟୁତିକ ଗାଡିର ଚାହିଦା ମଧ୍ୟ ବୃଦ୍ଧି ପାଇ ହୋଇଛି ୪.୨୫ ଶତାଂଶ। ମୋଟ କମର୍ସିଆଲ ଗାଡିର ଭାଗ ହେଲା ୧.୮୩ ଶତାଂଶ ବୈଦ୍ୟୁତିକ ଗାଡି। ଏଇ ଆର୍ଥିକ ବର୍ଷରେ ମୋଟ ୨୪.୫୨ ଲକ୍ଷ ବୈଦ୍ୟୁତିକ ଗାଡି ବିକ୍ରି ହୋଇଛି। ୨୦୨୬ ମସିହାର ଫେବୃୟାରୀ ତୁଳନାରେ ମାର୍ଚ୍ଚମାସରେ ୫.୧୧ ଶତାଂଶ ବେଦ୍ୟୁତିକ ଗାଡି ଅଧିକ ବିକ୍ରି ହୋଇଛି। ଗତ ଫେବୃୟାରୀ ମାସରେ ଏହାର ହାର ଥିଲା ୩.୪୮ ଶତାଂଶ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ତେଲ ସଂକଟ ଦେଖାଦେବା ଫଳରେ ବିଦ୍ୟୁତ ଚାଳିତ ଗାଡିଗୁଡିକର ଗୁରୁତ୍ୱ ବଢ଼ିଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ତ ବିଦ୍ୟୁତ ଗାଡି ଉପରେ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଉଛି। ପ୍ରତିଦିନ ନୂଆ ନୂଆ ନିର୍ଦ୍ଦେଶନାମା ଅର୍ଥବିଭାଗ ପକ୍ଷରୁ ପ୍ରକାଶିତ ହେଉଛି।

ତେବେ ବିଦ୍ୟୁତ ଚାଳିତ ଗାଡିର ପ୍ରଚଳନ ଏବେ ନୁହେଁ, ବହୁ ପୁରୁଣା। ପ୍ରାୟ ଦେଢ ଶହବର୍ଷ ତଳର। ଏଡିସନ ଓ ଫୋର୍ଡଙ୍କ ମଧ୍ୟରେ ନିବିଡତା ଥିଲା। ୧୮୯୬ ମସିହାରେ ନ୍ୟୁୟର୍କର ବ୍ରୁକଲିନ ସହରରେ ଆୟୋଜିତ ଏକ ସଭାରେ ଦୁଇଜଣଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ ହୁଏ। ସେ ସମୟରେ ଫୋର୍ଡ ଗ୍ୟାସୋଲିନ ଚାଳିତ ଗାଡି ନେଇ ପରୀକ୍ଷା ନିରିକ୍ଷା ଚଳାଇଥାନ୍ତି। ଏଇ ସମୟରେ ଦୁଇଜଣଯାକ ସିଦ୍ଧାନ୍ତ ନିଅନ୍ତି, କିଭଳି ଭାବରେ ବିଦ୍ୟୁତ ଚାଳିତ ଗାଡି ତିଆରି କରିବେ। ୧୮୮୯ ବେଳକୁ ଏଡିସନ ଏକ ପରୀକ୍ଷାମୂଳକ ଭାବରେ ବିଦ୍ୟୁତ ଚାଳିତ ଗାଡି ତିଆରି କରିଥିଲେ। ତିନିଚକା ବିଶିଷ୍ଟ ଗାଡିରେ ଦୁଇଟି ମଟର ଲାଗିଥିଲା। ଉପଯୁକ୍ତ ବ୍ୟାଟେରି ବ୍ୟବସ୍ଥା ହୋଇପାରିଲେ, ଆମେରିକାରେ ବିଦ୍ୟୁତ ଗାଡି ଲୋକପ୍ରିୟ ହୋଇପାରିବ ବୋଲି ଦୁଇଜଣଯାକ ହୃଦବୋଧ କରିଥିଲେ। କିନ୍ତୁ ଏହା ସଫଳ ହୋଇପାରିନଥିଲା। ଫୋର୍ଡ ଏଥିପାଇଁ ଅନେକ ଅର୍ଥ ଖର୍ଚ୍ଚ କରିସାରିଥିଲେ। ୧୮୮୮ ବେଳକୁ ଜର୍ମାନର ଜଣେ ଉଦଭାବକ ଆନ୍ଦ୍ରେୟାସ ଫ୍ଲୋକାନ ଏକ ବିଦ୍ୟୁତ ଗାଡି ତିଆରି କରିସାରିଥିଲେ। କିନ୍ତୁ ଏଇ ଗାଡି ବିଶେଷ ଲୋକପ୍ରିୟ ହୋଇପାରି ନଥିଲା।

ପରବର୍ତ୍ତୀ ସମୟରେ ଅନେକ ପରୀକ୍ଷା ନିରୀକ୍ଷା ପରେ ୧୯୦୦ ବେଳକୁ ଆମେରିକାରେ ବିଦ୍ୟୁତ ଗାଡିର ପ୍ରଚଳନ ଆରମ୍ଭ ହୋଇସାରିଥିଲା। ସେ ସମୟରେ ଆମେରିକାରରେ ଚାଲୁଥିବା ମଟର କାର ମଧ୍ୟରୁ ଶତକଡା ୩୮ ଶତାଂଶ ଥିଲା ବିଦ୍ୟୁତ ଚାଳିତ। ଶତକଡା ୪୦ ଭାଗ ଗାଡି ବାଷ୍ପ ଦ୍ୱାରା ଚାଳିତ ହେଉଥିଲା। ମାତ୍ର ବାଇଶ ଶତାଂଶ ଗାଡି ପେଟ୍ରୋଲ ଦ୍ୱାରା ଚାଲୁଥିଲା। ତାର କାରଣ ହେଲା ଟେକସାସରେ ତେଲ ମିଳିବା ପରେବିଦ୍ୟୁତ ଗାଡିର ଚାହିଦା କମିଲା। ଯେହେତୁ ତେଲ ଭଲ କମ ଦାମରେ ମିଳିଲା, ଲୋକମାନଙ୍କର ପସନ୍ଦ ପେଟ୍ରୋଲ ଗାଡି ଉପରେ ରହିଲା। ଆଉ ଅଧିକ ବିଦ୍ୟୁତ ଗାଡି ନେଇ ଗବେଷଣା ହେଲା ନାହିଁ।

ସେତେବେଳେ 'ଅଟେମୋବାଇଲ' ନାମ ଏକ ପତ୍ରିକା ଆମେରିକାରେ ଭଲ ନାଁ କରିଥାଏ। ଏଥିଣେ ପେଟ୍ରୋଲ ଗାଡି ସମ୍ପର୍କରେ ଅନେକ ତଥ୍ୟ ସମ୍ବଳିତ ପ୍ରବନ୍ଧ ପ୍ରକାଶିତ ହେବାରୁ ସାଧାରଣ ଲୋକେ ପେଟ୍ରୋଲ ଗାଡିକୁ ଅଧିକ ପସନ୍ଦ କଲେ। ବିଦ୍ୟୁତ ଚାଳିତ ଗାଡିର ସବୁଠାରୁ ବଡ ଅସୁବିଧା ଥିଲା, ଏଥିରେ ବ୍ୟବହୃତ ବ୍ୟାଟେରି ଶୀଘ୍ର ଖରାପ ହୋଇଯାଉଥିଲା।

୧୯୭୩ ମସିହା ବେଳକୁ ଆମେରିକାରେ ତୈଳ ସଂକଟ ଦେଖାଦେଲା। ଇଓମ କପୁର ଯୁଦ୍ଧରେ ଆମେରିକା ଇସ୍ରାଏଲକୁ ସମର୍ଥନ କରିବା ଫଳରେ 'ଓପେକ' ସଂଗଠନ ଆମେରିକାକୁ ତେଲ ସରବରାହ କରିବାକୁ ମନା କରିଦେଲେ। ଆନ୍ତର୍ଜାତୀୟ ବଜାରରେ ତେଲ ଦାମ ବଢ଼ିଗଲା।

୧୯୭୩ ମସିହାର ତୈଳ ସଂକଟ ଏମିତି ଏକ ପରିସ୍ଥିତି ସୃଷ୍ଟି କଲା, ଯେଉଁଥିରୁ ଆମେରିକା ବାସୀଙ୍କ ହୃଦବୋଧ ହେଲା ବ୍ୟକ୍ତିଗତ ଗାଡି ନିର୍ଭର ସମାଜରେ ତୈଳସଂକଟ ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅସୁବିଧା ସୃଷ୍ଟି କରିପାରେ। ଏଣୁ ଆରମ୍ଭ ହେଲା ବିଦ୍ୟୁତ ଚାଳିତ ଗାଡି ନେଇ ଗବେଷଣା। ଏଇ ସମୟରେ ଇରାନରେ ଇସଲାମିକ ବିପ୍ଳବ ଆରମ୍ଭ ହେଲା। ଯାହାର ପ୍ରଭାବ ତେଲ ଉପରେ ପଡ଼ିଲା। ଏହା ସହିତ ଜୀବାଶ୍ମ ଜାଳେଣି ପରିବେଶକୁ ଅଧିକ ପ୍ରଦୂଷିତ କରୁଥିବାରୁ ବିଦ୍ୟୁତ ଉପରେ ଅଧିକ ଗୁରୁତ୍ୱ ଦିଆଗଲା।

ବିଦ୍ୟୁତ ଚାଳିତ ଗାଡିର ସବୁଠାରୁ ବଡ ସମସ୍ୟାହେଲା ଏହାର ବ୍ୟାଟେରି। ସେତେବେଳେ ବ୍ୟାଟେରିଗୁଡିକ ଓଜନଦାର ଥିଲା। ତା ସହିତ ଏଥିରେ ଏସିଡ ବ୍ୟବହୃତ ହେଉଥିବାରୁ ନଷ୍ଟ ହୋଇଯାଉଥିଲା। ଏବେ ଏଥିରେ ଲିଥେନିୟମ ବ୍ୟାଟେରି ବ୍ୟବହାର କରାଯାଉଛି। ଏହାର ଓଜନ କମ। ଏଣୁ ବେଶି ଦିନ ବ୍ୟବହାର ହୋଇପାରୁଛି। ସୀସା ଓ ଏସିଡର ବ୍ୟାଟେରି ଏବେ ବିଦ୍ୟୁତ ଗାଡିରେ ବ୍ୟବହାର ହେଉ ନାହିଁ। ଆଗରୁ ଏଡିସନ ନିକେଲ ଓ ଲୁହା ମିଶ୍ରଣରେ ବ୍ୟାଟେରି ତିଆରି କରି ବ୍ୟବହାର କରୁଥିଲେ। ଏବେ କିନ୍ତୁ 'ଲିଥେନିୟମ' ବ୍ୟାଟେରି ଭଲ ଚାଲିଛି। ଭବିଷ୍ୟତରେ ବ୍ୟାଟେରି କିରି ଦୀର୍ଘସ୍ଥାୟି ହୋଇପାରିବ ସେ ନେଇ ମଧ୍ୟ ଗବେଷଣା ଚାଲିଛି। ଆଜିର ଏଇ ତେଲ ସଂକଟ ସମୟରେ ବିଜୁଳି ଗାଡିର ଚାହିଦା ବଢ଼ୁଛି।





**ଡୁମଡୁମା ହାଉସିଙ୍ଗ ବୋର୍ଡ କଲୋନୀ**
**ଭୁବନେଶ୍ୱର, ମୋବାଇଲ୍:୯୪୩୯୬୫୨୩୨୨**


# ପ୍ରିଜନ ମ୍ୟାନେଜମେଣ୍ଟ ସିଷ୍ଟମରେ କଏଦୀଙ୍କ ଅପରାଧ କୁଣ୍ଡଳୀ



ପୁଷ୍ପମିତ୍ର ମହାପାତ୍ର

ଅପରାଧ ଏଭଳି ଏକ ଶବ୍ଦ ଏହାର କୌଣସି ସରଳ ଓ ସାର୍ବଭୌମିକ ସ୍ୱୀକୃତ ରୂପ ନାହିଁ। ଏହା ଏକ ଦଣ୍ଡନୀୟ ସମାଜ ବିରୋଧୀ କାର୍ଯ୍ୟ। ସମାଜ ଓ ଆଇନ ଦ୍ୱାରା ନିର୍ଦ୍ଧାରିତ ଆଚରଣ ବିଧି ଉଲ୍ଲଂଘନ କରିବା ବା ଏହାକୁ ଅବମାନନା କରିବା ଦଣ୍ଡନୀୟ। ଅପରାଧୀକୁ ଆଇନ ଅନୁଯାୟୀ ନିର୍ଦ୍ଧାରିତ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି। ହତ୍ୟା, ଦୁଷ୍କର୍ମ, ଚୋରି, ଡକାୟତି, ଦୁର୍ନୀତି, ଅସାମାଜିକ କାର୍ଯ୍ୟକଳାପ ଗୋଟିଏ ଗୋଟିଏ ଅପରାଧିକ କାର୍ଯ୍ୟ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ବିଭିନ୍ନ ବିଭାଗ ଓ ଆଇନ ରହିଛି। ଏହି ଆଇନ ଅନୁଯାୟୀ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ। ତଥାପି ଦିନକୁ ଦିନ ସମାଜରେ ବଢ଼ିବାରେ ଲାଗିଛି ଅପରାଧ ଘଟଣା।

ଅପରାଧ ଏକ ସାମାଜିକ ବ୍ୟାଧି। ସମାଜରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଅପରାଧ ସଂଖ୍ୟା। ଏହି କାର୍ଯ୍ୟକଳାପ ଯୋଗୁଁ ନାନା ପ୍ରକାର ସାମାଜିକ ବିଶୃଙ୍ଖଳା ମଧ୍ୟ ସୃଷ୍ଟି ହେଉଛି। ଏହାର କାରଣ ଗୁଡ଼ିକ ଖୋଜିଲା ବେଳକୁ ଆମ ସାମ୍ନାରେ ପାରିବାରିକ ଓ ସାମାଜିକ ହିଂସା ବିଶୃଙ୍ଖଳାର ଚିତ୍ର ସବୁ ଆସିଥାଏ। ଦିନକୁ ଦିନ ଉଦବେଗଜନକ ଭାବେ ଚୋରି, ଡକାୟତି, ହତ୍ୟା, ଦୁଷ୍କର୍ମ ଓ ଦୁର୍ନୀତି ଭଳି ଅପରାଧିକ ଘଟଣା ସାମାଜିକ ପରିବେଶକୁ ବିଗାଡ଼ି ଦେଉଛି। ଅପରାଧକୁ ଦମନ ତଥା ନିୟନ୍ତ୍ରଣ କରିବା ନିମିତ୍ତ ପୁଲିସ ଓ ପ୍ରଶାସନ ରହିଛି। ଅପରାଧୀଙ୍କୁ ଦଣ୍ଡ ଦେବା ନିମିତ୍ତ ଆଇନ ପ୍ରଣୟନ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଦୋଷୀମାନଙ୍କୁ କଠୋର ଦଣ୍ଡ ମଧ୍ୟ ପ୍ରଦାନ କରାଯାଉଛି। ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି ଅପରାଧୀ। ପୁଲିସ ଆଖିରେ ଧୂଳି ଦେଇ ବର୍ଷ ବର୍ଷ ଧରି ଫେରାର ହୋଇଯାଉଛନ୍ତି। ତେବେ ଅପରାଧୀ ଯେତେ ଚାଲାକ ହେଲେ ମଧ୍ୟ କିଛି ନା କିଛି ସୁରାକ ଛାଡ଼ି ଯାଇଥାଏ। ଆଉ ସେଇ ସୁରାକ ଆଧାରରେ ପୁଲିସ ପହଞ୍ଚିଥାଏ ଅପରାଧୀ ପାଖରେ। ତେବେ ଏସବୁ ଭିତରେ ସୂଚନା ପ୍ରଯୁକ୍ତି ବିଦ୍ୟାର ସାହାଯ୍ୟରେ ବିଶେଷକରି ଜେଲ ବିଭାଗରେ ଅପରାଧୀ ମାନଙ୍କୁ କେବଳ ଚିହ୍ନଟ କରିବା ପାଇଁ ନୁହେଁ ବରଂ ସେମାନଙ୍କ ସାମଗ୍ରୀକ ତଥା ସୂଚନାଭିତ୍ତିକ ତଥ୍ୟ ରଖାଯିବାର ବ୍ୟବସ୍ଥା କରାଯାଇଛି।

ଅନ୍ୟ ବଡ଼ ବଡ଼ ଦେଶରେ ପ୍ରିଜନ ମ୍ୟାନେଜମେଣ୍ଟ ସିଷ୍ଟମ ଭଳି ଓଡ଼ିଶାର ବିଭିନ୍ନ ଜେଲରେ କରାଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୨ଟି ସମ୍ବେଦନଶୀଳ ଜେଲରେ ଏହି ବ୍ୟବସ୍ଥା କରାଯିବାର ବ୍ୟବସ୍ଥା ହେଉଛି। ରାଜ୍ୟ ସରକାର ଜେଲ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ନୂଆ ନୂଆ ଟେକ୍ନୋଲୋଜି ଜେଲ ବ୍ୟବସ୍ଥାରେ ଲାଗୁ କରୁଛନ୍ତି। ପୂର୍ବରୁ କଏଦୀଙ୍କ ଗୋଡ଼ରେ ଜିପିଏସ ଲାଗିବା ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଥିବାବେଳେ ବର୍ତ୍ତମାନ ଆଉ ଏକ ନୂଆ ଟେକ୍ନୋଲୋଜି ଯୋଡ଼ି ହେବାକୁ ଯାଉଛି।

ତେବେ ଅନେକଙ୍କ ଭିତରେ ଏହି ଟେକ୍ନୋଲୋଜି ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ରହିବା ସ୍ୱାଭାବିକ। ମୁଖ୍ୟକଥା ହେଉଛି ଏହି ବ୍ୟବସ୍ଥା ଜେଲରେ ଏକ ସଫ୍ଟୱେର ଆପ୍ଲିକେସନ ଦ୍ୱାରା କାର୍ଯ୍ୟକାରୀ ହେବ। ପୁଲିସ ବିଭାଗର ସିସିଟିଏନଏସ ପରି ଜେଲ ବିଭାଗର ପ୍ରିଜନ ମ୍ୟାନେଜମେଣ୍ଟ ସିଷ୍ଟମ କଏଦୀଙ୍କ ସମସ୍ତ କୁଣ୍ଡଳୀ ରହିବ। ଯେଉଁଥିରେ ମୁଖ୍ୟତଃ ଜେଲରେ ରହୁଥିବା କଏଦୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଏବଂ ଜେଲରେ କାର୍ଯ୍ୟ କରୁଥିବା ୱାର୍ଡ଼ରମାନଙ୍କ ତଥ୍ୟ ମଧ୍ୟ ରହିବ। ଯାହାଦ୍ୱାରା ଅକସ୍ମାତ ଭୁଲବଶତଃ କୌଣସି କଏଦୀ ସମାନ ନାମ ଥିଲେ ମଧ୍ୟ ଖସିପାରିବେ ନାହିଁ। ଗତବର୍ଷ ତଳେ ଝାରପଡ଼ା ଜେଲରେ ସମାନ ନାମ ଥିବା ଅନ୍ୟ ଜଣେ ବ୍ୟକ୍ତି ଜାମିନ ପାଇଥିଲେ। ପ୍ରକୃତ ଜାମିନ ପାଇଥିବା ବ୍ୟକ୍ତି ମୁକୁଳିପାରି ନଥିଲେ।




ସେତେବେଳେ ଏହି ଖବରଟି ସାଧାରଣରେ ଆଲୋଡ଼ନ ସୃଷ୍ଟି କରିବା ସହ ଜେଲର ସୂଚନା ଓ ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନ ଉଠିଥିଲା। ତେବେ ଏ ବ୍ୟବସ୍ଥା ଲାଗୁ ହେବାପରେ ଏଭଳି ତ୍ରୁଟି ଆଉ ହେବନାହିଁ।

ଏହି ଆପ୍ଲିକେସନ କେବଳ ଜେଲର ଖୋଲିପାରିବେ। ତାଙ୍କୁ ଏକ ଆଇଡ଼ି ଏବଂ ପାସୱାର୍ଡ଼ ଦିଆଯିବ। ସେ ଏହାକୁ ଲଗଇନ କରି ଖୋଲି ସମସ୍ତ ତଥ୍ୟ ଦେଖିପାରିବେ ଏବଂ ଯୋଡ଼ି ପାରିବେ। ଆହୁରି ମଧ୍ୟ ଜେଲରେ କଏଦୀଙ୍କ ନାମ, ଠିକଣା, ତାଙ୍କର ଅପରାଧ, ସଜା ସମ୍ପର୍କରେ ତଥ୍ୟ ଯୋଡ଼ି ପାରିବେ। ଯାହାଦ୍ୱାରା ଯେକୌଣସି କଏଦୀଙ୍କ ସାମଗ୍ରୀକ ତଥ୍ୟ ଜେଲ ଦାୟିତ୍ୱ ନେଇଥିବା ନୂତନ ଜେଲର ହୁଅନ୍ତୁ କମ୍ବା ଉଚ୍ଚ ଅଧିକାରୀ କୌଣସି ତଥ୍ୟ ଜାଣିବାକୁ ଚାହିଁଲେ ଆଇଡ଼ି ଲଗଇନ କରି ସହଜରେ ଜାଣିପାରିବେ। ଆହରି ମଧ୍ୟ ଏଥିରେ ଜେଲର ୱାର୍ଡ଼ରମାନଙ୍କ ଡ୍ୟୁଟି ସିଫ୍ଟ ମଧ୍ୟ ଲେଖିପାରିବେ। ଯଦି କୌଣସି ୱାର୍ଡ଼ରଙ୍କ ନାମରେ ଅଭିଯୋଗ ଆସେ ତାହା ମଧ୍ୟ ଏଥିରେ ଅପଡେଟ କରିପାରିବେ। ୱାର୍ଡ଼ର କେତେ ବର୍ଷ ନିର୍ଦ୍ଦିଷ୍ଟ ଜେଲରେ ରହିବେ, ଏବଂ କେଉଁ ଜେଲରୁ ଗଲେ ତାହା ଏଥିରେ ତଥ୍ୟ ରହିବ। ଯଦି କୌଣସି କଏଦୀଙ୍କ ନାମରେ ଏଫଆଇଆର କରିବାକୁ ଚାହିଁଲେ ଏହି ବ୍ୟବସ୍ଥାରେ ଜେଲର କରିପାରିବେ। ଏହି ବ୍ୟବସ୍ଥା ଦ୍ୱାରା ଉଚ୍ଚ ଅଧିକାରୀ ଜେଲ ପରିଚାଳନା କାର୍ଯ୍ୟ ସଠିକ ଢ଼ଙ୍ଗରେ ଓ ନିର୍ଘଣ୍ଟ ଭିତରେ ପରିଚାଳିତ ହେଉଛି କି ନାହିଁ ଓ ଏହି ତଥ୍ୟ ସବୁ ଅପଡେଟ ହେଉଛି କି ନାହିଁ ଏ ନେଇ ଉଚ୍ଚ ଅଧିକାରୀ ନିଜେ ନିରୀକ୍ଷଣ କରିବା ସହ ସେମାନେ ଏହା ଉପରେ ଦୃଷ୍ଟି ମଧ୍ୟ ଦେଇପାରିବେ। ଏହି ବ୍ୟବସ୍ଥା ପାଇଁ ତାଙ୍କ ପାଖରେ ଅନ୍ୟ ଏକ ଆଇଡି ଓ ପାସୱାର୍ଡ଼ ରହିବାର ବ୍ୟବସ୍ଥା ରହିଛି।

ସେହିପରି ଜେଲରେ ଦଣ୍ଡ ଶେଷ ହେବା ପରେ କୌଣସି କଏଦୀ ସାଧାରଣ ଜୀବନ ବିତାଇବା ନିମିତ୍ତ ବାହାରକୁ ଯାଉଥିଲେ ମଧ୍ୟ ସେ ସମ୍ବନ୍ଧୀୟ ତଥ୍ୟ ଏଥିରେ ଉପଲବ୍ଧର ବ୍ୟବସ୍ଥା ରହିଛି। ତାଙ୍କ ଜେଲକୁ ଆସିଥିବା ସମୟ, ଦଣ୍ଡର କାରଣ ଓ ଠିକଣା ତଥା ଆଚରଣ ଓ ମନୋଭାବ ଏ ସବୁ କିଛି ସ୍ପଷ୍ଟ ଉଲ୍ଲେଖ ରହିବ। ତେବେ ଯେଉଁମାନେ ଗ୍ୟାଙ୍ଗଷ୍ଟାର, କୁଖ୍ୟାତ ଓ ପେଷାଦାର ଠକ ତଥା ଯେଉଁମାନେ ପେଷାଦାର ଅପରାଧି ସେମାନଙ୍କ ସୂଚନାଭିତ୍ତିକ ତାଲିକା ଅଲଗା ରହିବାର ବ୍ୟବସ୍ଥା ହୋଇଛି। କଏଦୀମାନେ ପାରୋଲରେ ଯାଉଥିଲେ ଏ ନେଇ ସବିଶେଷ ତଥ୍ୟ ରହିବା ସହ କେସ ଫାଇଲ ଏହା ସହିତ ମଧ୍ୟ ସଂଲଗ୍ନ ହେବ। ଏହି ବ୍ୟବସ୍ଥାରେ ଅତ୍ୟାଧୁନିକ ଟେକ୍ନୋଲୋଜିର ସହାୟତା ନିଆଯାଇ ବହୁ ସଂଖ୍ୟକ ରେକର୍ଡ଼ ରଖିବାର କ୍ଷମତା ରଖାଯାଇଛି ଯାହାକି କୌଣସି କାରଣ ବଶତଃ ଯେପରି ଡିଲିଟ ମଧ୍ୟ ନହୁଏ ସେ ଦିଗକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ନୂତନ ବ୍ୟବସ୍ଥା ଦ୍ୱାରା କାଗଜ ଖର୍ଚ୍ଚ ବଞ୍ଚିଯିବ ଏବଂ ହାତ ପାହାନ୍ତାରେ ସମସ୍ତ ତଥ୍ୟ ରହିବା ସହ ଫାଇଲ ହଜିବାର ସମ୍ଭାବନା ଆଉ ରହିବ ନାହିଁ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,**
**ମୋବାଇଲ୍:୯୪୩୭୨୨୫୬୮୯**

# ଇରାନ୍ ଉପରେ ଆମେରିକାର ଜୋରଦାର ଆକ୍ରମଣ




ୱାଶିଂଟନ୍,୧୦।୬: ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧରେ କିଛିଦିନ ବିରାମ ଚିହ୍ନ ଲାଗିବା ପରେ ପୁଣିଥରେ ଉଭୟ ଦେଶ ପରସ୍ପରକୁ ଟାର୍ଗେଟ୍ କରିଛନ୍ତି। ଉଭୟ ଇରାନ୍ ଓ ଆମେରିକାର ଆକ୍ରମଣ ଓ ପ୍ରତିଆକ୍ରମଣରେ ମଧ୍ୟପ୍ରାଚ୍ୟ ଅଶାନ୍ତ ହୋଇଉଠିଛି। ସୋମବାର ଇରାନ୍ ଆମେରିକା ସେନାର ଲଢୁଆ ବିମାନ ଆପାଚି ହେଲିକପ୍ଟରକୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଖସାଇଦେବା ପରେ ଆମେରିକା ପ୍ରତିକ୍ରିୟାଶୀଳ ହୋଇ ଇରାନର ଏୟାର ଡିଫେନ୍ସ ସିଷ୍ଟମ୍ ଓ ରାଡାର ଉପରେ ଆକ୍ରମଣ କରିବା ପରେ ଇରାନ ଏହାର ଜବାବ ଦେଇଛି। ଫଳରେ ପଶ୍ଚିମ ଏସିଆ ପୁଣିଥରେ ଯୁଦ୍ଧର ଅର୍ଗଳି ଭିତରକୁ ଠେଲି ହୋଇଯାଇଛି। ଆମେରିକା ଏହି ଆକ୍ରମଣକୁ 'ଇରାନର ଆକ୍ରମଣର ସମାନୁପାତିକ ଆକ୍ରମଣ' ବୋଲି କହିଥିବା ବେଳେ ଆମେରିକାର ଆକ୍ରମଣକୁ ଇରାନ କ୍ରୂର ଓ ଜଘନ୍ୟ ବୋଲି କହିଛି।

ପାରସ୍ୟ ଉପସାଗରରେ ଆପାଚି ହେଲିକପ୍ଟର ଖସାଇ ଦେବା ପରେ ଇରାନର ସାମରିକସ୍ଥଳ ଓ ସେନା ନିରୀକ୍ଷଣ ସ୍ଥଳ ଉପରେ ଜୋରଦାର ଆକ୍ରମଣ କରାଯାଇଥିବା କଥା ଆମେରିକା ସ୍ୱୀକାର କରିଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) କହିଛି ଯେ, ଏହା ଷ୍ଟ୍ରେଟ୍ ଅଫ୍ ହର୍ମୁଜ ସମୀପବର୍ତ୍ତୀ ଇରାନର ଏୟାର ଡିଫେନ୍ସ ସିଷ୍ଟମ୍ ଓ ଗ୍ରାଉଣ୍ଡ କଣ୍ଟ୍ରୋଲ ସହିତ ରାଡାର ସ୍ଥଳଗୁଡ଼ିକ ଉପରେ ଆକ୍ରମଣ କରାଯାଇଛି। ଇରାନ ଆମେରିକାର ଆକ୍ରମଣକୁ ନିଶ୍ଚିତ କରିଛି। ଆଇଆରଜିସି ବୁଧବାର କହିଛି ଯେ, ଆମେରିକାର ଶକ୍ତିଶାଳୀ ଆକ୍ରମଣରେ ଇରାନର ଏକାଧିକ ଟେଲି-ଯୋଗାଯୋଗ-ଟାୱାର ଧ୍ୱଂସ ହୋଇଯାଇଛି। ଏଥିସହିତ ଦୁଇଟି ୱାଟର ଟ୍ୟାଙ୍କ ମଧ୍ୟ ଆମେରିକାର ଆକ୍ରମଣର ଶିକାର ହୋଇଛି। ସେହିପରି ଆମେରିକା ମୁଖ୍ୟତଃ ଜାସ୍କ ଏବଂ ସିରିକ୍ ତଥା ଅନ୍ୟଏକ ଉପସଗାରୀୟ ଦ୍ୱୀପ କେସମ୍ ଆଇଲାଣ୍ଡକୁ ଟାର୍ଗେଟ୍ କରିଛି।

ଆମେରିକା ଆକ୍ରମଣର ପ୍ରତିକ୍ରିୟାରେ ଇରାନ ପକ୍ଷରୁ ମଧ୍ୟପ୍ରାଚ୍ୟର ଜୋର୍ଡାନ, ବାହାରିନ୍ ଓ କୁଏତ୍ ଉପରେ ଜବାବୀ ହମ୍ଲା କରାଯାଇଛି। ଇରାନର ଇସଲାମିକ୍ ରିଭଲ୍ୟୁସନାରି ଗାର୍ଡ କର୍ପସ୍ (ଆଇଆରଜିସି) କହିଛି ଯେ, ଏହା ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକା ବେସ୍‌ଗୁଡ଼ିକ ଉପରେ ଟାର୍ଗେଟ୍ କରିଛି। ଏହା ମାର୍କିନ୍ ସେନାଘାଟିର ୨୧ଟି ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଛି। ସେଥିମଧ୍ୟରୁ ଗୋଟିଏ ଘାଟି ବାହାରିନ୍‌ରେ ଥିବା ବେଳେ ଆଇଆରଜିସି ଟାର୍ଗେଟ୍ କରିଥିବା ଅନ୍ୟ ଘାଟିଟି ଜୋର୍ଡାନରେ ରହିଛି। କୁଏତ ମଧ୍ୟ ଆଇଆରଜିସିର ଦାବିକୁ ନିଶ୍ଚିତ କରିଛି। କୁଏତର ସେନା କହିଛି ଯେ, ସେମାନଙ୍କୁ ଆଇଆରଜିସିର ଆକ୍ରମଣକୁ ପ୍ରତିହତ କରିବାକୁ ପଡ଼ିଛି। ତେବେ ଆମେରିକାର ଅଧିକାରୀମାନେ ଇରାନର ଆକ୍ରମଣ ଦାବି ଉପରେ କୌଣସି ମନ୍ତବ୍ୟ ଦେଇନାହାନ୍ତି କିମ୍ବା ଆକ୍ରମଣରେ କୌଣସି କ୍ଷୟକ୍ଷତି ହୋଇଥିବା କଥାକୁ ପୁଷ୍ଟି କରିନାହାନ୍ତି। ତେବେ ସେମାନେ ଇରାନ୍‌ର ୫ଟି ମିସାଇଲକୁ ଖସାଇଦେଇଛନ୍ତି ବୋଲି ଜୋର୍ଡାନର ସେନା ଦାବି କରିଛି। ଇରାନର ଜଣେ ଶିଖର କୂଟନୈତିକ ଅଧିକାରୀ କହିଛନ୍ତି ଯେ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ ନିକଟକୁ ଆସିବା ଆଗରୁ ବିଦେଶୀ ସୈନ୍ୟମାନେ ଜାଣି ରଖିବା ଆବଶ୍ୟକ ଯେ, ସେମାନେ ଇରାନ୍ ସେନାର ନିରନ୍ତର ଟାର୍ଗେଟ୍‌ରେ ରହିଛନ୍ତି।

ସୂଚନାଯୋଗ୍ୟ ଯେ, ଫେବୃଆରି ୨୮ରେ ଆମେରିକା-ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରଠାରୁ ଅବରୋଧ ହୋଇ ରହିଥିବା ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ପଥ ଉପରେ ବୁଧବାର ଆମେରିକାର ଏକ ଆପାଚି ହେଲିକପ୍ଟର ପାଟ୍ରୋଲିଂ କରୁଥିବା ବେଳେ ଇରାନ୍ ତାହା ଉପରେ ଆକ୍ରମଣ କରିଥିଲା। ଇରାନ ଡ୍ରୋନ୍ ମାଡ଼ କରି ହେଲିକପ୍ଟରକୁ ଖସାଇ ଦେଇଥିଲା ବୋଲି ଆମେରିକା ସେନା ପକ୍ଷରୁ କୁହାଯାଇଥିଲା। ତେବେ ଇରାନ ଜାଣିଜାଣି ଆକ୍ରମଣ କରିଥିଲା କି ଏହା ଏକ ଦୁର୍ଘଟଣା ଥିଲା ତାହା ସ୍ପଷ୍ଟ ହୋଇ ନଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ଓ ଆମେରିକା ଏହାର 'ନିଶ୍ଚିତ ଜବାବ' ଦେବ ବୋଲି କହିଥିଲେ। ଦୁଇଦେଶ ପକ୍ଷରୁ ଆକ୍ରମଣକୁ ଜୋରଦାର କରାଯାଇଥିବା ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଟ୍ରମ୍ପ୍ ବୁଧବାର ସକାଳେ କହିଛନ୍ତି ଯେ, ମଧ୍ୟପ୍ରାଚ୍ୟରେ ଶାନ୍ତି ସ୍ଥାପନ ପାଇଁ ଇରାନକୁ ଅନେକ ଅବସର ଦିଆଯାଇଛି। ମାତ୍ର ଏହା ଶାନ୍ତି ପ୍ରକ୍ରିୟାରେ ଅନାବଶ୍ୟକ କାଳକ୍ଷେପଣ ନୀତି ପୋଷଣ କରିଛି, ଯାହାର ମୂଲ୍ୟ ଏବେ ଇରାନକୁ ଦେବା ପାଇଁ ପଡ଼ିବ।

# ପାକ୍ ସେନାର ନରସଂହାର



ଶ୍ରୀନଗର, ୧୦।୬: ପିଓକେରେ ବିଦ୍ରୋହ। ପାକିସ୍ତାନ ଅଧିକୃତ କାଶ୍ମୀରରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ପାକିସ୍ତାନ ସେନା ଯେଉଁ ନରସଂହାର କରିଛି ତାକୁ ବିରୋଧ କରି ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ପାକ୍ ସରକାର ବିରୋଧରେ ନାରାବାଜି କରୁଛନ୍ତି। ରିପୋର୍ଟ ଅନୁସାରେ, ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ମିଳିତ ଆୱାମ କାର୍ଯ୍ୟ କମିଟି ଉପରେ ପ୍ରତିବନ୍ଧକ ଲଗାଇବା ପରେ ବଡ଼ ଧରଣର ପ୍ରତିବାଦ ଆରମ୍ଭ ହୋଇଛି।ପ୍ରଦର୍ଶନକାରୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ସଂଘର୍ଷରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୭୦ ରୁ ଅଧିକ ଆହତ ହୋଇଛନ୍ତି।

ରଏଟର୍ସ ରିପୋର୍ଟ ଅନୁସାରେ, ରାୱାଲକୋଟ ସହରରେ ହିଂସା ଆରମ୍ଭ ହୋଇଥିଲା। ଜାକ୍ ସମର୍ଥକମାନେ ଏକ ହସ୍ପିଟାଲ ବାହାରେ ଏକାଠି ହୋଇଥିଲେ। ଏଠାରେ ପୂର୍ବରୁ ପାକ୍ ସେନାର ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ରଖାଯାଇଥିଲା ଘଟଣାସ୍ଥଳରେ ପ୍ରଦର୍ଶନକାରୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଗତ ସପ୍ତାହରେ, ଆତଙ୍କବାଦ ବିରୋଧୀ ଆଇନ ଅନୁଯାୟୀ ଜାକ୍ ଓ ପିଓକେରେ ଏକ ନିଷିଦ୍ଧ ସଂଗଠନ ଘୋଷଣା କରାଯାଇଥିଲା। ପରବର୍ତ୍ତୀ ସମୟରେ, ପୋଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ଏହି ସଙ୍ଗଠନ ସହ ଜଡିତ ବ୍ୟକ୍ତିଙ୍କୁ ବିଦା କରିବାକୁ ଚେଷ୍ଟା କରିଥିଲେ। ଯାହା ଫଳରେ ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା।ପରବର୍ତ୍ତୀସମୟରେ ହିଂସାରେ ଚାରି ଜଣ ପୋଲିସ କର୍ମଚାରୀ ଏବଂ ଜଣେ ପଥଦର୍ଶକଙ୍କ ମୃତ୍ୟୁ ହୋଇଥିଲା। ପରେ, ସୁରକ୍ଷା ବାହିନୀ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମୟରେ ଛଅ ଜଣ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ହୋଇଥିଲା।

ତେବେ ଅସିମ୍ ମୁନୀରଙ୍କ ସେନାର ଦମନଲୀଳା ଏବଂ ନରସଂହାର ବିରୋଧରେ ପିଓକରେ ବିଦ୍ରୋହ ଜାରି ରହିଛି। ବିଦ୍ରୋହୀମାନେ ରାସ୍ତା ଘାଟ ବନ୍ଦ କରିଦେଇଛନ୍ତି। ପ୍ରଶାସନ ମଧ୍ୟ ବିକ୍ଷୋଭକାରୀଙ୍କୁ ତଡିବାକୁ ପ୍ରୟାସ କରୁଛି। କିଛି କିଛି ଆନ୍ଦୋଳନକାରୀଙ୍କୁ ପୋଲିସ ଏବଂ ସେନା ଉଠାଇ ନେଇଛନ୍ତି।

## ମୋଦିଙ୍କୁ ଶୁଭେଚ୍ଛା ଜଣାଇବାକୁ ବୈଠକ



ନୂଆଦିଲ୍ଲୀ, ୧୦।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧିନ ସରକାର ୧୨ ବର୍ଷ ପୂରଣ କରିଛନ୍ତି। ଏହାସହ ମୋଦୀ ଦେଶର ଲଗାତାର ଭାବେ ସବୁଠୁ ଦୀର୍ଘ ଦିନ ଧରି ପ୍ରଧାନମନ୍ତ୍ରୀ ହେବାର ରେକର୍ଡ ସ୍ଥାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ ବା ଏନଡିଏ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛି। ଏଥିରେ ମୋଦୀଙ୍କ ସମେତ ବିଜେପିର ଶୀର୍ଷ ନେତା ଏବଂ ସହଯୋଗୀ ଦଳର ପ୍ରମୁଖ ନେତା ସାମିଲ ହେବେ। ବୈଠକରେ ମୋଦୀଙ୍କ ବଡ ଉପଲବ୍ଧିକୁ ସ୍ୱାଗତ କରାଯାଇ ଏକ ପ୍ରସ୍ତାବ ପାରିତ କରାଯିବ। ରିପୋର୍ଟ ଅନୁସାରେ, ଭାରତ ମଣ୍ଡପମରେ ଏନଡିଏର ବୈଠକ ଅନୁଷ୍ଠିତ ହେବ। ଏଥିରେ ୨୨ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀ ସାମିଲ ହେବେ। ଏହାବ୍ୟତୀତ ବିଜେପି ସହଯୋଗୀ ଦଳର ବରିଷ୍ଠ ନେତା ଉପସ୍ଥିତ ରହିବେ। ସମସ୍ତ କେନ୍ଦ୍ରମନ୍ତ୍ରୀ ବୈଠକକୁ ଆସିବାର କାର୍ଯ୍ୟକ୍ରମ ରହିଛି।

## ଶୁକ୍ର ଓ ବୃହସ୍ପତି ଗ୍ରହର ମହାମିଳନ




ନୂଆଦିଲ୍ଲୀ, ୧୦।୬: ଆକାଶରେ ମଙ୍ଗଳବାର ଏକ ଅଦ୍ଭୁତ ଖଗୋଳୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ବୃହସ୍ପତି ଏବଂ ଶୁକ୍ର ଗ୍ରହ ପରସ୍ପରର ଅତି ନିକଟତର ହୋଇଥିଲେ। ଏହି ଦୁଇ ଗ୍ରହଙ୍କ ମଧ୍ୟରେ ଦୂରତା ମାତ୍ର ୧.୫ ଡିଗ୍ରୀରୁ ୨ ଡିଗ୍ରୀ ଆଖପାଖରେ ରହିଥିଲା। ସନ୍ଧ୍ୟାରେ ସୂର୍ଯ୍ୟାସ୍ତ ପରେ ଏହି ସୁନ୍ଦର ଦୃଶ୍ୟକୁ ଖୋଲା ଆଖିରେ ସହଜରେ ଦୃଶ୍ୟମାନ ହୋଇଥିଲା। ନେହେରୁ ପ୍ଲାନେଟୋରିୟମର ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ସୌରମଣ୍ଡଳର ଦୁଇଟି ସବୁଠାରୁ ଉଜ୍ଜ୍ୱଳ ଗ୍ରହ ବୃହସ୍ପତି ଏବଂ ଶୁକ୍ର ମଧ୍ୟରେ ପ୍ରକୃତରେ କୋଟି କୋଟି କିଲୋମିଟରର ଦୂରତା ରହିଛି। ମାତ୍ର ପୃଥିବୀରୁ ଦେଖିଲେ ସେମାନଙ୍କର କକ୍ଷପଥ ଏଭଳି ସ୍ଥିତିକୁ ଆସିଥାଏ ଯେ ସେମାନେ ପରସ୍ପରର ଅତି ପାଖରେ ଥିବା ଭଳି ମନେହୁଅନ୍ତି। ଏହି ବିରଳ ଘଟଣାକୁ ଗ୍ରହମାନଙ୍କର 'ମହାମିଳନ' ବା ପ୍ଲାନେଟାରୀ କଞ୍ଜଙ୍କସନ୍ କୁହାଯାଏ।

## ୩୬ ମହଲାରୁ ଖସି ଭାରତୀୟ ପରିବାର ମୃତ



ଲଣ୍ଡନ, ୧୦।୬: ଦକ୍ଷିଣ ଲଣ୍ଡନରୁ ଏକ ଅତ୍ୟନ୍ତ ଦୁଃଖଦ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଏକ ସୁଉଚ୍ଚ ଅଟ୍ଟାଳିକାର ୩୬ ମହଲାରୁ ତଳକୁ ଖସିପଡ଼ି ଜଣେ ଭାରତୀୟ ବଂଶୋଦ୍ଭବ ଦମ୍ପତି ଏବଂ ସେମାନଙ୍କର ୯ ବର୍ଷର ପୁଅର ମୃତ୍ୟୁ ଘଟିଛି। ଏହି ଘଟଣାଟି ଗତ ମେ ୨୭ ତାରିଖରେ ଘଟିଥିବା ବେଳେ ଜୁନ୍ ୯ ତାରିଖରେ ଏହା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣା ଦିନ ସକାଳ ପ୍ରାୟ ୭.୩୦ ମିନିଟ୍‌ରେ ଲଣ୍ଡନର 'ଏଲିଫ୍ୟାଣ୍ଟ ଆଣ୍ଡ କାସଲ' ଅଞ୍ଚଳର ଚର୍ଚ୍ଚୟାର୍ଡଠାରେ ତିନି ଜଣ ବ୍ୟକ୍ତି ସୁଉଚ୍ଚ ବିଲଡିଂରୁ ତଳକୁ ଖସି ପଡିଥିବା ନେଇ ସ୍ଥାନୀୟ ମେଟ୍ରୋପଲିଟାନ୍ ପୋଲିସ ଏବଂ ଜରୁରୀକାଳୀନ ସେବା ସଂସ୍ଥାକୁ ସୂଚନା ମିଳିଥିଲା। ସୂଚନା ପାଇ ଲଣ୍ଡନ ଆମ୍ବୁଲାନ୍ସ ସେବା, ଏୟାର ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ରିପୋର୍ଟ ଅନୁଯାୟୀ, ଉକ୍ତ ପରିବାରଟି ଏକ ୪୫ ମହଲା ବିଶିଷ୍ଟ 'ହାଇପଏଣ୍ଟ ଟାୱାର'ର ୩୬ ମହଲା ଆପାର୍ଟମେଣ୍ଟର ବାଲକୋନିରୁ ତଳକୁ ଖସିପଡ଼ିଥିଲେ, ଯାହାର ଉଚ୍ଚତା ପ୍ରାୟ ୪୦୦ ଫୁଟ ଥିଲା।

## ପରଦା ପଛରେ ସ୍ପେସ୍ ୱାର୍

ନୂଆଦିଲ୍ଲୀ, ୧୦।୬: ଭାରତ ଓ ପାକିସ୍ତାନ ମଧ୍ୟରେ ସୀମା ବିବାଦ ଏବଂ 'ଅପରେସନ୍ ସିନ୍ଦୂର' ପରବର୍ତ୍ତୀ ସମୟରେ ଭୂ-ରାଜନୈତିକ ସ୍ଥିତି ସାମାନ୍ୟ ଶାନ୍ତ ପଡ଼ିଥିବା ମନେ ହେଉଥିଲେ ମଧ୍ୟ, ପରଦା ପଛରେ ଏକ ଭୟଙ୍କର 'ସ୍ପେସ୍ ୱାର' (ମହାକାଶ ଯୁଦ୍ଧ) ଆରମ୍ଭ ହୋଇଛି। ଗତ ୧୬ ମାସ ମଧ୍ୟରେ ପାକିସ୍ତାନ ନିଜର ମହାକାଶ କ୍ଷମତାରେ ଯେଉଁ ଦ୍ରୁତ ପରିବର୍ତ୍ତନ ଆଣିଛି, ତାହା ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି। ଭୂମିରେ ଯୁଦ୍ଧ ବନ୍ଦ ହୋଇଯାଇଥିଲେ ବି ଆକାଶ ମାର୍ଗରୁ ଷଡ଼ଯନ୍ତ୍ର ଜାରି ରଖିଛି ପାକିସ୍ତାନ। ଚୀନ୍ ସମର୍ଥନରେ ଏହାର ମହାକାଶ-ଭିତ୍ତିକ ପର୍ଯ୍ୟବେକ୍ଷଣ କ୍ଷମତାକୁ ଦ୍ରୁତ ଗତିରେ ବିସ୍ତାର କରିଛି, ମାତ୍ର ୧୬ ମାସରେ ୬ ପୃଥିବୀ-ପର୍ଯ୍ୟବେକ୍ଷଣ ଉପଗ୍ରହ ଉତକ୍ଷେପଣ କରି ପାକିସ୍ତାନ ଭାରତ ଭୂମି ଉପରେ ନଜର ରଖିବା ପାଇଁ ମାହାକାଶରୁ ସାଟେଲାଇଟ ଜାଲ ବୁଣି ଦେଇଛି।



୧୯୬୧ ମସିହାରେ ପାକିସ୍ତାନର ମହାକାଶ ଏବଂ ଉପର ବାୟୁମଣ୍ଡଳ ଗବେଷଣା କମିଶନ ପ୍ରତିଷ୍ଠା ହେବା ପରଠାରୁ, ଗତ କିଛି ଦଶନ୍ଧି ଧରି କେବଳ କିଛି ଉପଗ୍ରହ ଉତ୍ କ୍ଷେପଣ କରିଥିଲା।

## ଟିଏମ୍‌ସି ସଂକଟ
# ଇସ୍ତଫା ଦେଲେ ରାଜ୍ୟସଭା ସାଂସଦ ସୁସ୍ମିତା ଦେବ




ମୁମ୍ବାଇ, ୧୦।୬: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜିତ ହେବା ପରଠାରୁ ଟିଏମ୍‌ସିର ସଙ୍କଟ ବଢ଼ିବାରେ ଲାଗିଛି। ଫଳାଫଳର ମାସକ ମଧ୍ୟରେ ଦଳ ପ୍ରାୟତଃ ଧ୍ୱଂସହେବା ଅବସ୍ଥାକୁ ଆସିଗଲାଣି। ବିଦ୍ରୋହୀ ବିଧାୟକ ରୀତବ୍ରତ ବାନର୍ଜୀଙ୍କ ନେତୃତ୍ୱରେ ପ୍ରଥମେ ୬୧ ଜଣ ବିଧାୟକ ଟିଏମସିର ହାତ ଛାଡ଼ିଥିଲେ। ସୋମବାର ୨୦ ଜଣ ଟିଏମସି ସାଂସଦ ଦଳ ଛାଡ଼ିବା ସହ ଏନଡିଏକୁ ସମର୍ଥନ ଦେବେ ବୋଲି ଲୋକସଭା ବାଚସ୍ପତି ଏମ୍. ବିର୍ଲାଙ୍କୁ ଚିଠିଲେଖିଥିବା ବେଳେ ଏକଦା ମମତାଙ୍କ ଘନିଷ୍ଠ କୁହାଯାଉଥିବା ରାଜ୍ୟସଭା ସାଂସଦ ସୁସ୍ମିତା ଦେବ ନିଜ ପଦରୁ ଇସ୍ତଫା ଦେଇଛନ୍ତି।

ସୁସ୍ମିତା କେଉଁ କାରଣରୁ ଇସ୍ତଫା ଦେଇଛନ୍ତି ସେକଥା ଜଣା ପଡ଼ି ନଥିବା ବେଳେ ସେ ଉଭୟ ରାଜ୍ୟସଭାରୁ ଏବଂ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଗତ ସପ୍ତାହରେ ସୁଖେନ୍ଦୁ ଶେଖର ରାୟ ମଧ୍ୟ ରାଜ୍ୟସଭାରୁ ଓହରି ଯାଇଥିବା ବେଳେ ସୁସ୍ମିତା ଦେବଙ୍କ ଇସ୍ତଫା ଟିଏମ୍‌ସି ଲାଗି ଏକ ବଡ଼ ଝଟକା ହେବ ବୋଲି ବିଚାର କରାଯାଉଛି। ସୁସ୍ମିତା ଦେବ ପ୍ରଥମେ ଆସାମର ସିଲଚରରୁ କଂଗ୍ରେସ ଟିକେଟ୍‌ରେ ଲୋକସଭା ସାଂସଦ ହୋଇଥିବା ବେଳେ ୨୦୧୯ରେ କଂଗ୍ରେସରେ ଛାଡ଼ି ତୃଣମୂଳରେ ଯୋଗ ଦେଇଥିଲେ। ସୁସ୍ମିତା ଇସ୍ତଫା ଦେବା ପରେ ବୁଧବାର ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ତାଙ୍କ ଦିଲ୍ଲୀ ବାସଭବନରେ ଭେଟିଛନ୍ତି। ଅନ୍ୟ ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କ ପରି ସେ ବିଜେପି ଯୋଗ ଦେଇପାରନ୍ତି ବୋଲି ଅନୁମାନ କରାଯାଉଛି।

## ଦଳ ଛାଡ଼ିପାରିବେ ସାୟୋନୀ ଘୋଷ

ଅନ୍ୟ ଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ମମତା ବାନାର୍ଜୀଙ୍କ ଘନିଷ୍ଠ ବିଶ୍ୱାସୀ ତଥା ଟିଏମ୍‌ସିର ଫାୟାରବ୍ରାଣ୍ଡ ଚେହେରା କୁହାଯାଉଥିବା ସାୟୋନୀ ଘୋଷ ମଧ୍ୟ ବିଦ୍ରୋହୀ ଗୋଷ୍ଠୀରେ ସାମିଲ୍ ହୋଇଥିବା କୁହାଯାଉଛି। ପଶ୍ଚିମବଙ୍ଗର ଯାଦବପୁର ଲୋକସଭା ନିର୍ବାଚନମଣ୍ଡଳୀର ଟିଏମସି ସାଂସଦ ସାୟୋନୀ ଘୋଷ୍ ତୃଣମୂଳରେ ତାଙ୍କର ଆଉ କୌଣସି ରାଜନୈତିକ ଭବିଷ୍ୟତ ନାହିଁ ବୋଲି ଅନୁମାନ କରୁଛନ୍ତି। ନିର୍ବାଚନ ପ୍ରଚାର ସମୟରେ ସାୟୋନୀ ଆକ୍ରମଣର ଶିକାର ହୋଇଥିବା ବଳେ ସେ ଦଳୀୟ ନେତୃତ୍ୱଙ୍କ ସମର୍ଥନ ପାଇ ନଥିଲେ। ଏଥିରେ ସେ କ୍ଷୁବ୍ଧ ହୋଇ ରହିଥିବା ବେଳେ ବେଳକୁବେଳ ଟିଏମ୍‌ସିର ପତନ ସାୟୋନିଙ୍କୁ ବିଜେପି ମୁହାଁ କରୁଥିବା ଅନୁମାନ କରାଯାଉଛି।

## ଲେବାନନ୍ ଉପରେ ଇସ୍ରାଏଲର ଜୋରଦାର ଆକ୍ରମଣ, ୮ ମୃତ



ତେହେରାନ,୧୦।୦୬: ଇରାନର ଧମକ ଏବଂ ଆକ୍ରମଣ ସତ୍ତ୍ୱେ ଇସ୍ରାଏଲ୍ ନିଜ ଜିଦରେ ଅଟଳ ରହି ଦକ୍ଷିଣ ଲେବାନନ ଉପରେ ପୁନର୍ବାର ଆକ୍ରମଣ କରିଛି। ସଦ୍ୟ ଘଟଣାରେ ଲେବାନନର ତଟବର୍ତ୍ତୀ ଟାୟର ସହରରେ ଇସ୍ରାଏଲ୍ ଏୟାର ଷ୍ଟ୍ରାଇକ୍ କରିଛି। ଏଥିରେ ୮ ଜଣ ପ୍ରାଣ ହରାଇଛନ୍ତି। ଅନେକ ଆହତ ହୋଇଛନ୍ତି।

ଏହା ପୂର୍ବରୁ ଇସ୍ରାଏଲୀ ସେନା ସହରବାସୀଙ୍କୁ ଅଞ୍ଚଳ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲା। ହିଜବୁଲାକୁ ଟାର୍ଗେଟ୍ କରାଯାଇ ଏହି ଆକ୍ରମଣ ହୋଇଛି। ଲେବାନନର ସିଭିଲ ଡିଫେନ୍ସ ସିଭିଲ ଏଜେନ୍ସି କହିଛି, ଆକ୍ରମଣରେ ଟାୟର ସହରର ଏକ ଲୋକପ୍ରିୟ ଜନବସତି ଅଞ୍ଚଳ ପ୍ରଭାବିତ ହୋଇଛି। ପ୍ରାଥମିକ ସୂଚନା ଅନୁସାରେ, ଅତିକମରେ ୮ ଜଣଙ୍କ ମୃତ୍ୟୁ ଘଟିଛି। ଆହତଙ୍କ ସଂଖ୍ୟାକୁ ନେଇ ରିପୋର୍ଟ ଜାରି ହୋଇନାହିଁ। ଦକ୍ଷିଣ ଲେବାନନରେ ଇସ୍ରାଏଲର ଆକ୍ରମଣ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଟାୟର ଏବଂ ଆଖପାଖ ଅଞ୍ଚଳରେ ଅନେକ ବାର ଆକ୍ରମଣ ଯୋଗୁ ବହୁ ସଂଖ୍ୟାରେ ଲୋକ ବିସ୍ଥାପିତ ହୋଇଛନ୍ତି। ଏଠାରେ ଏବେ ଗଣପଳାୟନ ଦେଖିବାକୁ ମିଳିଛି। ଯୁଦ୍ଧବିରତିର ତମାମ ଉଦ୍ୟମ ସତ୍ତ୍ୱେ ଇସ୍ରାଏଲ ଏବଂ ହିଜବୁଲା ମଧ୍ୟରେ ବିବାଦ ଲାଗିରହିଛି। ସେପଟେ ଇରାନ ନିଜ ପୁରୁଣା ସହଯୋଗୀ ଲେବାନନ ଏବଂ ହିଜବୁଲାକୁ ସମର୍ଥନ ଜଣାଇ ଇସ୍ରାଏଲକୁ ପୁଣି କଡ଼ା ବାର୍ତ୍ତା ଦେଇଛି। କହିଛି, ଲେବାନନ ଉପରେ ଆକ୍ରମଣ ଜାରି ରହିଲେ ସାଙ୍ଘାତିକ ଜବାବ ଦିଆଯିବ। ଏହାର ସଦ୍ୟ ପ୍ରଭାବ ବିଶ୍ୱବାସୀ ଦେଖିଥିବେ।

## ଆଫ୍‌ଗାନ୍ ମହିଳା ଓ ଶିଶୁଙ୍କୁ ହତ୍ୟାକଲା ପାକିସ୍ତାନ



ତେହେରାନ, ୧୦।୬: ଆଫଗାନିସ୍ତାନରେ ପାକିସ୍ତାନର ନରହତ୍ୟା। ଆଫଗାନିସ୍ତାନ ସୀମାରେ ପଶି ଶିଶୁ ଏବଂ ମହିଳାଙ୍କୁ ମାରିଲା ପାକିସ୍ତାନ ସେନା। ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତର ଦୁଇ ପଡୋଶୀ ଦେଶ ମଧ୍ୟରେ ତିକ୍ତତା ବଢିବାରେ ଲାଗିଛି।

ରିପୋର୍ଟ ଅନୁସାରେ, ମଙ୍ଗଳବାର ରାତିରେ ପାକିସ୍ତାନୀ ସେନାର ଲଢୁଆ ବିମାନ ଆଫଗାନିସ୍ତାନରେ ଏୟାର ଷ୍ଟ୍ରାଇକ୍ କରିଛି। ଏହାସହ ଆଫଗାନର ଆକାଶ ପଥକୁ ଉଲ୍ଲଙ୍ଘନ କରିଛି। ସାଧାରଣ ନାଗରିକଙ୍କ ଘରକୁ ଟାର୍ଗେଟ୍ କରି ବୋମାବର୍ଷା ମଧ୍ୟ କରିଛି।

ପାକ୍ ଆକ୍ରମଣରେ ମହିଳା ଏବଂ ଶିଶୁଙ୍କ ସମେତ ଅନେକ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ଆଫଗାନ୍ ପ୍ରବକ୍ତା ଜବୀଉଲ୍ଲାହ ମୁଜାହିଦଙ୍କ ପକ୍ଷରୁ ଜାରି ବୟାନ ଅନୁସାରେ, ପାକ୍ ଆଫଗାନିସ୍ତାନର ସାର୍ବଭୌମତା ଉଲ୍ଲଙ୍ଘନ କରିଛି। ପାକ୍ ବିମାନ ଆଫଗାନର କୁନାର, ଖୋସ୍ତ, ପକ୍ତିକାରେ ସାଧାରଣ ନାଗରିକ ରହୁଥିବା ସ୍ଥାନକୁ ଟାର୍ଗେଟ୍ କରିଛି। ଘର ଉପରେ ମନଇଚ୍ଛା ଗୁଳିଗୋଳା ବର୍ଷା କରିଛି। ଫଳରେ ଅନେକ ଘର ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି।

କୁହାଯାଉଛି ଯେ, ଆକ୍ରମଣରେ ମହିଳା ଏବଂ ଶିଶୁଙ୍କ ସମେତ ୧୩ ଜଣ ପ୍ରାଣ ହରାଇଛନ୍ତି।

## ଦକ୍ଷିଣ ଆଫ୍ରିକାରେ ଭୟାବହ ଗଣହତ୍ୟା, ୧୨ ମୃତ



ନୂଆଦିଲ୍ଲୀ ୧୦।୬: ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ସହରରେ ଭୟଙ୍କର ଅଘଟଣ। କ୍ଲିଭଲ୍ୟାଣ୍ଡର 'ଜମ୍ପର୍ସ' ନାମକ ଏକ ଅସ୍ଥାୟୀ ଜନବସତି ଅଞ୍ଚଳରେ ଗତ ମଙ୍ଗଳବାର ସନ୍ଧ୍ୟାରେ କେତେକ ସଶସ୍ତ୍ର ବନ୍ଧୁକଧାରୀ ଆତତାୟୀ ଗୁଳିକାଣ୍ଡ ଘଟାଇଛନ୍ତି, ଯେଉଁଥିରେ ଅତି କମରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବୁଧବାର ସ୍ଥାନୀୟ ପୋଲିସ ପକ୍ଷରୁ ଜାରି ବୟାନ ଓ ରଏଟର୍ସର ରିପୋର୍ଟ ଅନୁଯାୟୀ, ପ୍ରାୟ ୧୦ରୁ ଅଧିକ ସନ୍ଦିଗ୍ଧ ଦୁର୍ବୃତ୍ତ ଏକ ଧଳା ରଙ୍ଗର''ଟୟୋଟା କ୍ୱାଣ୍ଟମ୍'' ଗାଡ଼ିରେ ଆସି ସେହି ବସ୍ତିର ଦୁଇଟି ପ୍ରବେଶ ପଥ ଦେଇ ଭିତରକୁ ପଶିଥିଲେ।

ସେମାନେ ସେଠାରେ ଅଲଗା ଅଲଗା ସ୍ଥାନରେ ଆନ୍ଧାଧୁନ୍ଧ ଗୁଳି ଚଳାଇବା ପରେ ସେହି ଗାଡ଼ିରେ ହିଁ ଫେରାର ହୋଇଯାଇଥିଲେ। ଏହି ନୃଶଂସ ଆକ୍ରମଣ ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ, ପୋଲିସ ସମଗ୍ର ଅଞ୍ଚଳକୁ ଘେରାଉ କରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ବଡ଼ ଧରଣର ମ୍ୟାନହଣ୍ଟ ବା ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅନେକ ଲୋକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ, ଯେଉଁଠାରେ ୮ ଜଣ ପୁରୁଷ ଓ ୩ ଜଣ ମହିଳାଙ୍କ ସମେତ ୧୧ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା।

ପରେ ଆଉ ଜଣେ ଗୁରୁତର ବ୍ୟକ୍ତି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ, ଯାହା ଫଳରେ ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ବାକି ୯ ଜଣ ଆହତଙ୍କୁ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଯାଉଛି। ଉଲ୍ଲେଖଯୋଗ୍ୟ ଯେ, ସାରା ବିଶ୍ୱରେ ଦକ୍ଷିଣ ଆଫ୍ରିକାରେ ହତ୍ୟା ହାର ସବୁଠାରୁ ଅଧିକ ରହିଛି, ଯେଉଁଠାରେ ଦୈନିକ ହାରାହାରି ପ୍ରାୟ ୬୦ ଜଣ ଲୋକ ନିଜର ଜୀବନ ହରାନ୍ତି, ଯାହା ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି।

## ପାକିସ୍ତାନରେ ପାଣି ପାଇଁ ହାହାକାର

# ଟୋପାଏ ବି ପାଣି ଦେବାକୁ ପ୍ରସ୍ତୁତ ନୁହେଁ ଭାରତ



ନୂଆଦିଲ୍ଲୀ, ୧୦।୬: ଆଗାମୀ ବର୍ଷଗୁଡ଼ିକରେ ସିନ୍ଧୁ ନଦୀ ଚୁକ୍ତିରୁ ପାକିସ୍ତାନକୁ ବୁନ୍ଦାଏ ବି ପାଣି ମିଳିବ ନାହିଁ। ଏଥିପାଇଁ ନରେନ୍ଦ୍ର ମୋଦୀ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମଙ୍ଗଳବାର କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ କହିଛନ୍ତି। ପାଟିଲ ସ୍ପଷ୍ଟ କରିଛନ୍ତି ଯେ ସିନ୍ଧୁ ଜଳ ଚୁକ୍ତିକୁ ବାତିଲ କରାଯାଇ ନାହିଁ, ବରଂ ଏହାକୁ ସ୍ଥଗିତ ରଖାଯାଇଛି ଏବଂ ସୀମା ଆରପାରିକୁ ଯାଉଥିବା ପାଣିକୁ ଅଟକାଇବା ପାଇଁ ପ୍ରୟାସ ଜାରି ରହିଛି।

ସେ କହିଛନ୍ତି, "ଏହି ଚୁକ୍ତି ଏବେ ବି ଅଛି; ବରଂ ଏହାକୁ ସ୍ଥଗିତ ରଖାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଏହି ନିଷ୍ପତ୍ତି ନେବା ପରେ, ସେଠାକୁ ଗୋଟିଏ ବି ବୁନ୍ଦା ପାଣି ନଯିବା ସୁନିଶ୍ଚିତ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଛି।"

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ବଢ଼ିଥିବା ଉତ୍ତେଜନା ପରେ ଭାରତ ୧୯୬୦ ମସିହାର ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ଏହାପରଠାରୁ ପାକିସ୍ତାନ ପାଣି ଛାଡିବାକୁ ଭାରତ ଉପରେ ସବୁ ପ୍ରକାର ଚାପ ପକାଇବାକୁ ଚେଷ୍ଟା କରୁଛି। ଏହାପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଚୁକ୍ତି ଅନୁଯାୟୀ ଗଠିତ 'କୋର୍ଟ ଅଫ୍ ଆର୍ବିଟ୍ରେସନ୍'ର ଅଧିକାରକୁ ପ୍ରତ୍ୟାଖ୍ୟାନ କରିସାରିଛି। ସର୍ବାଧିକ ଜଳାଶୟ କ୍ଷମତା ପ୍ରସଙ୍ଗରେ ଟ୍ରିବ୍ୟୁନାଲ ଦ୍ୱାରା ନିକଟରେ ଜାରି ହୋଇଥିବା ରାୟକୁ ଭାରତ ପ୍ରତ୍ୟାଖ୍ୟାନ କରିଥିଲା। ପ୍ରତିକ୍ରିୟା ରଖି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଥିଲେ ଯେ, ଭାରତ ଏହି କୋର୍ଟକୁ ବେଆଇନ ଭାବେ ଗଠିତ ବୋଲି ବିବେଚନା କରେ ଏବଂ ଏହାର କୌଣସି ନିଷ୍ପତ୍ତିକୁ ମାନ୍ୟତା ଦେବ ନାହିଁ।

ସେପଟେ ପାକିସ୍ତାନରେ ପାଣିର ଉପଲବ୍ଧତାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। କରାଚି ବର୍ତ୍ତମାନ ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛି। ରିପୋର୍ଟ ଅନୁଯାୟୀ କରାଚୀ ସହରର ପ୍ରାୟ ୭୦ ପ୍ରତିଶତ ଅଞ୍ଚଳରେ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଛି। ସିନ୍ଧୁ ନଦୀ ପ୍ରଣାଳୀ ଅଧୀନରେ ଭବିଷ୍ୟତରେ ପାଣି ପ୍ରବାହକୁ ନେଇ ପାକିସ୍ତାନ ଅନିଶ୍ଚିତତାରେ ଘେରି ରହିଥିବାବେଳେ, ରାଜନୈତିକ ନେତାମାନେ ଏହି ସଙ୍କଟ ପାଇଁ ପ୍ରଶାସନିକ ବିଫଳତାକୁ ଦାୟୀ କରିଛନ୍ତି।

# ଡିଜିପିଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଓ ସତ୍ୟାଗ୍ରହ

- ଚାଷୀ ଆନ୍ଦୋଳନକୁ ମିଛ କେସ୍ ଲଗାଇ ଚପାଇ ଦେବାକୁ ଚକ୍ରାନ୍ତ
- ଚାଷୀ ନେତାଙ୍କ ଉପରୁ ମିଛ କେସ୍ ପ୍ରତ୍ୟାହାର ଦାବି



କଟକ,୧୦ା୬(ସଂଚାର ବ୍ୟୁରୋ): ନବନିର୍ମାଣ କୃଷକ ସଂଗଠନର ନେତୃତ୍ୱମାନଙ୍କ ଉପରେ ମିଛ ଓ ମନଗଢ଼ା ମାମଲା ଦାୟର କରି ଗଣତାନ୍ତ୍ରିକ ଆନ୍ଦୋଳନକୁ ପୁଲିସ ସହାୟତାରେ ଦବାଇ ଦେବାର ହୀନ ଚକ୍ରାନ୍ତ ଓ ସମ୍ବିଧାନର ହତ୍ୟା କହିଲେ ଅତ୍ୟୁକ୍ତି ହେବନାହିଁ। ଗତ ମାର୍ଚ୍ଚ ୩ଠରେ କେନ୍ଦୁଝର ଘଟଗାଁ ଥାନା ଅନ୍ତର୍ଗତ ହୋଇଥିବା ପଦଯାତ୍ରାକୁ କଟକର ଫୁଲନଖରାଠାରେ ହିଂସା ଓ ଦଙ୍ଗା କେସ୍ ଲଗାଇ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ସମେତ ୧୩ ଜଣଙ୍କୁ ୧୪ ଦିନ ଜେଲରେ ରଖିବା ହେଉ ବା ନୟାଗଡ଼ରେ ଗତ ଜାନୁଆରୀ ୨୨ରେ ଚାଷୀ ର୍ୟାଲି ସମୟରେ ସଂଗଠନର ପ୍ରତିଷ୍ଠାତା ଓ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୋଜ ଅଲ୍ଲାଙ୍କ ଉପରେ ଆର୍ମସ୍ ଆକ୍ଟ ଲଗାଇବା ହେଉ, ଚୋଳପୁରରେ ମାର୍ଚ୍ଚ ୧୯ରେ ନବନିର୍ମାଣ ସଂଗଠନର ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ ପାତ୍ରଙ୍କ ଉପରେ ଡକାୟତି ଓ ଆର୍ମସ୍ ଆକ୍ଟ ଲଗାଇ ୧୪ ଦିନ ଜେଲ ପଠାଗଲା। ଏହାଛଡ଼ା ଗତ ମେ' ୧୯ରେ ଜଗତସିଂହପୁରରେ ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁଙ୍କ ଉପରେ ଜାତିଆଣ ଓ ହିଂସାର ଛିଟା ଲଗାଗଲା। ଏସବୁ କେବଳ ପୁଲିସର ମନଗଢ଼ା ଓ କପୋଳକଳ୍ପିତ କାହାଣୀ ସହ ଗଣତନ୍ତ୍ର ଓ ସମ୍ବିଧାନର ହତ୍ୟା ବୋଲି ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ଓ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅଭିଯୋଗ କରିଛନ୍ତି। ଗଣତାନ୍ତ୍ରିକ ଓ ସାମ୍ବିଧାନିକ ମୂଲ୍ୟବୋଧକୁ ବଞ୍ଚାଇବା ପାଇଁ ପୁଲିସର ଏଭଳି ଅମାନୁଷିକ ଅତ୍ୟାଚାରର ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ପୁଲିସ୍ ମୁଖ୍ୟାଳୟସ୍ଥିତ ପୁଲିସ ଡିଜି ଅଫିସ୍ ସାମ୍ନାରେ ଗଣଧାରଣା ଓ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଛି।

ବିଭିନ୍ନ ଜିଲ୍ଲାରୁ ଶତାଧିକ କର୍ମକର୍ତ୍ତା ଏକାଠି ହୋଇ ଚାଷୀ ନେତାଙ୍କ ଉପରେ ଲାଗିଥିବା ମିଛ କେସ୍‌ଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର ଦାବି କରିବା ସକାଶେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ଭାରତ ବିଶ୍ୱର ପ୍ରମୁଖ ରପ୍ତାନୀକାରୀ ରାଷ୍ଟ୍ର

ଭୁବନେଶ୍ୱର,୧୦ା୬(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୨ ବର୍ଷରେ ଭାରତ ବିଶ୍ୱର ଏକ ପ୍ରମୁଖ ରପ୍ତାନିକାରୀ ରାଷ୍ଟ୍ର ରୂପେ ଉଭା ହୋଇଛି। ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନ ବାଣିଜ୍ୟ ବିଭାଗ ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ୍ ଫର୍ ଲୋକାଲ' ଏବଂ 'ଲୋକାଲ ଟୁ ଗ୍ଲୋବାଲ୍' ସଂକଳ୍ପକୁ ସାକାର କରିବା ଲାଗି ସକ୍ରିୟ ରୂପେ କାର୍ଯ୍ୟ କରୁଛି। ଦେଶରେ ଉତ୍ପାଦିତ ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବା ଲାଗି ବିଭାଗ ପକ୍ଷରୁ ନିରନ୍ତର ସକ୍ରିୟ ପଦକ୍ଷେପ ନିଆଯାଉଥିବା ଭାରତ ସରକାରଙ୍କ ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଯଶବୀର ସିଂ କହିଛନ୍ତି। ବୁଧବାର ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସେ କେନ୍ଦ୍ର ବାଣିଜ୍ୟ ବିଭାଗ ଉପଲବ୍ଧି ଏବଂ ଓଡ଼ିଶାରେ କୃଷି ଓ ସାମୁଦ୍ରିକ ଉତ୍ପାଦ ରପ୍ତାନି କ୍ଷେତ୍ରରେ ମିଳିଥିବା ସଫଳତାର ବିବରଣୀ ପ୍ରଦାନ କରିଥିଲେ। ସାମୁଦ୍ରିକ ଉତ୍ପାଦ କ୍ଷେତ୍ରର ଅଭିବୃଦ୍ଧିକୁ ଉଲ୍ଲେଖ କରି ସଚିବ କହିଛନ୍ତି ଯେ, ୨୦୨୫-୨୬ରେ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି ରେକର୍ଡ ୮.୪୫ ବିଲିୟନ ଡଲାର ଛୁଇଁଛି। ପ୍ରକ୍ରିୟାକୃତ ଚିଙ୍ଗୁଡ଼ି ରପ୍ତାନିର ଅଂଶଧନ ୬୭%ରୁ ଅଧିକ ରହିଛି। ଆମେରିକା ଓ ଚୀନ ଆମଦାନୀ କ୍ଷେତ୍ରରେ ଆଗରେ ଅଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତୀୟ ଗଣତନ୍ତ୍ରରେ...

ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର, ୮୦ କୋଟିରୁ ଅଧିକ ନାଗରିକଙ୍କ ପାଇଁ ମାଗଣା ଖାଦ୍ୟଶସ୍ୟ ଏବଂ ୬୦ କୋଟିରୁ ଅଧିକ ଗରିବ ବ୍ୟକ୍ତିଙ୍କ ପାଇଁ ମାଗଣା ଚିକିତ୍ସା ସୁବିଧା ଦିଆଯାଇଛି। ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି ଯେ ଏହି ପ୍ରୟାସଗୁଡ଼ିକ ସାମୂହିକ ଭାବରେ ଜାତୀୟ ଆତ୍ମବିଶ୍ୱାସକୁ ବୃଦ୍ଧି କରିଛି ଓ ୨୫ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟକୁ ପରାସ୍ତ କରିବାରେ ସକ୍ଷମ କରିଛି। ଏହି ପ୍ରସ୍ତାବରେ ପ୍ରମୁଖ ଜନସଂଖ୍ୟାଗତ ଗୋଷ୍ଠୀଗୁଡ଼ିକର ସଶକ୍ତୀକରଣ ସହ ଆଗକୁ ବଢ଼ିବା ପାଇଁ ଏକ ରୋଡମ୍ୟାପ୍ ଉପସ୍ଥାପନ କରାଯାଇଛି। ଏହା ଯୁବଶକ୍ତି ଉପରେ ଗୁରୁତ୍ୱକୁ ସ୍ୱୀକାର କରେ, ଯାହା ଭାରତକୁ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଓ ମିଶନ ଚନ୍ଦ୍ରଯାନ ମାଧ୍ୟମରେ ଏକ ବୈଜ୍ଞାନିକ ଶକ୍ତି ହେବା ଦିଗରେ ଆଗେଇ ଆଣିଛି। 'ମହିଳା ନେତୃତ୍ୱାଧୀନ ବିକାଶ'ର ଏକ ନୂତନ ଅଧ୍ୟାୟକୁ ଧୂଆଁମୁକ୍ତ ରୋଷେଇ ଘର ଏବଂ ଲକ୍ଷପତି ଦିଦି ଅଭିଯାନଠାରୁ ଆରମ୍ଭ କରି ବିଧାନସଭାରେ ମହିଳାଙ୍କ ପାଇଁ ଐତିହାସିକ ୩୩ ପ୍ରତିଶତ ସଂରକ୍ଷଣ ପର୍ଯ୍ୟନ୍ତ ବ୍ୟାପକ ନୀତି ମାଧ୍ୟମରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ଚାଷୀମାନଙ୍କୁ 'ବିକଶିତ ଭାରତ'ର ମୁଖ୍ୟ ସ୍ତମ୍ଭ ଭାବେ ସ୍ୱୀକାର କରି ଏହି ପ୍ରସ୍ତାବରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପଶୁପାଳକ ଓ ମତ୍ସ୍ୟଜୀବୀଙ୍କ ପାଇଁ କିଷାନ କ୍ରେଡିଟ୍ କାର୍ଡ ଭଳି ପଦକ୍ଷେପଗୁଡ଼ିକୁ ପ୍ରଶଂସା କରାଯାଇଛି। ଏହି ପଦକ୍ଷେପ ଦ୍ୱାରା କୃଷି ରପ୍ତାନୀ ୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିପାରିଛି। ଦୀର୍ଘଦିନ ଧରି ପଡ଼ିରହିଥିବା ସଂସ୍କାର କାର୍ଯ୍ୟକାରୀ କରିବାରେ ପ୍ରଦର୍ଶିତ ନିର୍ଣ୍ଣାୟକ 'ରାଷ୍ଟ୍ର ପ୍ରଥମ' ମନୋଭାବକୁ ପ୍ରଶଂସା କରି ପ୍ରସ୍ତାବରେ ଧାରା ୩୭୦ ରଦ୍ଦ, ଜିଏସଟି ଓ ୱାନ୍ ର୍ୟାଙ୍କ୍ ୱାନ୍ ପେନସନ୍ (ଓଆରଓପି) କାର୍ଯ୍ୟକାରୀ, ସିଏଏ ପ୍ରଣୟନ, ଭାରତୀୟ ନ୍ୟାୟ ସଂହିତା ଓ ଶ୍ରମ ସଂହିତାର ଏକୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ପ୍ରଶଂସା କରାଯାଇଛି। ଏହି ପ୍ରସ୍ତାବରେ ଜାତୀୟ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ପ୍ରଦାନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି, ଯାହା ସର୍ଜିକାଲ ଓ ସୀମାପାର ବିମାନ ଆକ୍ରମଣ, 'ଅପରେସନ ସିନ୍ଦୂର', ପକ୍ଷପାତଦୁଷ୍ଟ ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରଖିବା ଏବଂ ଆତଙ୍କବାଦ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦ୍ୱାରା ପ୍ରମାଣିତ ହୋଇଛି। ନକ୍ସଲବାଦର ନିରାକରଣ, ଉତ୍ତର-ପୂର୍ବରେ ସ୍ଥାୟୀ ଶାନ୍ତି ଚୁକ୍ତି ସ୍ୱାକ୍ଷର ଓ ବାଂଲାଦେଶ ସହ ସୀମା ବିବାଦର ସମାଧାନରେ ମଧ୍ୟ ପ୍ରଶଂସନୀୟ ପ୍ରଗତି କଥା ଏଥିରେ ଉଲ୍ଲେଖ କରାଯାଇଛି। ପ୍ରସ୍ତାବରେ ପ୍ରତିରକ୍ଷାଠାରୁ ଏଆଇ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଭାରତୀୟ ଉତ୍ପାଦନର ପ୍ରଗତି ଓ ମେକ୍ ଇନ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ଅଭିଯାନର ଅଗ୍ରଗତି ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି।

### ସେବା ଓ ସମର୍ପଣର...

ଅନୁଗାମୀ। ତାଙ୍କର ସାମାଜିକ ଜୀବନ ମହାପ୍ରଭୁଙ୍କ ଆଶୀର୍ବାଦରୁ ହିଁ ଗଢ଼ିଉଠିଛି। ବହୁ ବର୍ଷ ପୂର୍ବେ ଅହମ୍ମଦାବାଦର ଶ୍ରୀ ଜଗନ୍ନାଥ ମନ୍ଦିରରୁ ହିଁ ସେ ନିଜର ସାମାଜିକ ଜୀବନର ଯାତ୍ରା ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଓ ପରେ ସେ ଯେତେବେଳେ ବି ଓଡ଼ିଶା ଗସ୍ତର ସୁଯୋଗ ପାଇଛନ୍ତି, ସେତେବେଳେ ମହାପ୍ରଭୁଙ୍କ ଶରଣାପନ୍ନ ହୋଇ ଆଶୀର୍ବାଦ ନେବାକୁ କଦାପି ଭୁଲିନାହାନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ସେ ମହାପ୍ରଭୁଙ୍କ ଶ୍ରୀଚରଣରେ ପ୍ରାର୍ଥନା କରି କହିଛନ୍ତି ଯେ ମହାପ୍ରଭୁଙ୍କ କୃପା ସମଗ୍ର ଦେଶବାସୀଙ୍କ ଉପରେ ରହିଛି ଓ ଏହା ପ୍ରଧାନମନ୍ତ୍ରୀଙ୍କ ଉପରେ ମଧ୍ୟ ବଜାୟ ରହୁ। ପ୍ରଧାନମନ୍ତ୍ରୀଙ୍କ ସମର୍ଥ ନେତୃତ୍ୱରେ ଆମ ଦେଶ ଜନସେବା ଓ ରାଷ୍ଟ୍ର ଗଠନର ମହାନ ଦାୟିତ୍ୱକୁ ସଫଳତାର ସହ ଆଗକୁ ବଢ଼ୁ। ତାଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତ ଆହୁରି ବିକଶିତ, ସମୃଦ୍ଧ ଓ ପ୍ରଗତିଶୀଳ ହେବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକଟ କରିଛନ୍ତି।

### ହଜିଗଲା ପୁଲିସ୍‌ବାବୁଙ୍କ...

ଡେରି ରଖିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେଉଥିବାରୁ ତୁରନ୍ତ ଗୁରୁତର ଯୁବକଙ୍କୁ ପିସିଆର ଭ୍ୟାନ୍‌ରେ ମେଡିକାଲ ନେବା ସକାଶେ ସହଯୋଗୀ ଜଣଙ୍କ ପୁଲିସ୍ ବାବୁଙ୍କୁ ଅନୁରୋଧ କରିଥିଲେ। ହେଲେ ପିସିଆର ଭ୍ୟାନ୍‌ରେ ଥିବା ପୁଲିସ ବାବୁ ତାଙ୍କୁ ସହଯୋଗ କରିବେ କ'ଣ, ବରଂ ନାଲି ଆଖି ଦେଖାଇଥିଲେ। ସେତିକି ନୁହେଁ, ସବୁ ମାନବିକତା ଭୁଲି ଆହତ ବ୍ୟକ୍ତିଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ ବି କରିଥିଲେ। ଏପରିକି ତାଙ୍କୁ ଜେଲ୍‌ରେ ପୂରାଇ ଦେବାକୁ ମଧ୍ୟ ଧମକ ଦେଇଥିବା ଶୁଣିବାକୁ ମିଳିଛି। ସୋସିଆଲ ମିଡିଆରେ ଘୂରି ବୁଲୁଥିବା ଭିଡିଓରେ ସାହଯ୍ୟ ମାଗିଥିବା ଯୁବକଙ୍କୁ ପୁଲିସ ବାବୁ ଓଲଟି 'ଗାଡ଼ିରେ ବସ ଓ ଥାନାକୁ ଚାଲ' ବୋଲି କହି ମାଡ଼ ମାରିବାକୁ ହାତ ଉଠାଉଥିବା ଦେଖିବାକୁ ମିଳିଛି। ପୁଲିସ ବାବୁ ଜଣଙ୍କ 'ଆମ ଗାଡ଼ିରେ ତେଲ ନାହିଁ, ଆମେ ଯାଇପାରିବୁ ନାହିଁ' ବୋଲି କହିଥିଲେ। ଦୁର୍ଘଟଣାରେ ଆହତ ଓ ପ୍ରଶାସନର ବ୍ୟବହାରରେ ମର୍ମାହତ ହୋଇଥିବା ବ୍ୟକ୍ତି ସତ୍ୟବାନ ରଣା ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ପରେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଅତିରିକ୍ତ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଭଦ୍ରକ ଏସପି ଶ୍ରୀ ରାଉତ। ତଦନ୍ତ ପରେ ଦୋଷୀ ସାବ୍ୟସ୍ତ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

### ସୁଜାତାଙ୍କୁ ବିରୋଧ...

ପାଇଁ ବହୁତ କାମ କରିଛନ୍ତି। ମିଶନ ଶକ୍ତିକୁ ଏକ ବଳିଷ୍ଠ ସଙ୍ଗଠନରେ ପରିଣତ କରିଥିଲେ, ଯେଉଁଥିପାଇଁ ବିଶ୍ୱ ସ୍ତରରୁ ରାଜ୍ୟକୁ ପ୍ରଶଂସା ମିଳିଥିଲା। ସେ ଏବେ ବିଜେଡିରେ ନ ଥିଲେ ମଧ୍ୟ ନବୀନ ବାବୁଙ୍କୁ ସହଯୋଗ କରୁଛନ୍ତି। ତେଣୁ ସେ ଯଦି ଚାହିଁବେ ଓ ନବୀନ ବାବୁ ଯଦି ଅନୁମତି ଦେବେ, ତେବେ ଆମେ ତାଙ୍କୁ ସ୍ୱାଗତ କରିବୁ ବୋଲି ଶ୍ରୀ ସିଂ କହିଛନ୍ତି। ସେହିଭଳି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ମଧ୍ୟ କହିଛନ୍ତି ଯେ ସୁଜାତା ଦଳକୁ ଆସିବେ କି ନାହିଁ, ସେ ନିଷ୍ପତ୍ତି ନବୀନ ପଟ୍ଟନାୟକ ନେବେ। ଆଉ ନବୀନ ଯାହା ନିଷ୍ପତ୍ତି ନେବେ ଆମେ ତାଙ୍କୁ ସମର୍ଥନ କରିବୁ ବୋଲି ସେ କହିଛନ୍ତି। ଏଭିତରେ ବଦ୍ରି ପାତ୍ର ଓ ଭୂପିନ୍ଦର ସିଂଙ୍କ ପରି କିଛି ବରିଷ୍ଠ ନେତାମାନେ ତାଙ୍କ ଯୋଗଦାନକୁ ଖୋଲାଖୋଲି ବିରୋଧ କରୁଛନ୍ତି। ତେବେ ନବୀନ ଦିଲ୍ଲୀରୁ ଫେରି ଶଙ୍ଖ ଭବନରେ ହାରିଥିବା ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ସହ ଆଲୋଚନା ପରେ ସୁଜାତାଙ୍କ ଏଣ୍ଟ୍ରିକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଦଳର ବରିଷ୍ଠ ନେତାମାନେ ଏନେଇ ମୁହଁ ଖୋଲୁନାହାଁନ୍ତି।

### ଇରାନ ଉପରେ ହେବ...

ପହଞ୍ଚିଛି। ଆମେରିକାର ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲରେ ୯୦.୪୨ ଡଲାରରେ ପହଞ୍ଚିଥିବା ଖବର ସରବରାହ ସଂସ୍ଥା ରଏଟର ରିପୋର୍ଟ କରିଛି। ଆମେରିକା ଏବଂ ଇରାନ ମଧ୍ୟରେ ନୂତନ କରି ସଂଘର୍ଷ ଆରମ୍ଭ ହେବା ପରେ ତୈଳ ମୂଲ୍ୟରେ ବୃଦ୍ଧି ଘଟିଛି ବୋଲି ଦି ପ୍ରାଇସ୍ ଫ୍ୟୁଚର୍ସ ଗ୍ରୁପର ବରିଷ୍ଠ ବଜାର ବିଶ୍ଳେଷକ ଫିଲ୍ ଫ୍ଲାଇନ୍ କହିଛନ୍ତି। ସୂଚନାଯୋଗ୍ୟ ଯେ ବୁଧବାର ଦୁଇଦେଶ ଆକ୍ରମଣ ଜାରି ରଖିବା ପରିପ୍ରେକ୍ଷୀରେ ଟ୍ରମ୍ପ୍ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଉଲ୍ଲେଖ କରିଥିଲେ ଯେ ଶାନ୍ତି ଆଲୋଚନାରେ ଇରାନ ବିଳମ୍ବ କରିଛି। ତେଣୁ ତାକୁ ତା'ର ମୂଲ୍ୟ ଦେବାକୁ ପଡ଼ିବ। ଦିନେ ଦୁଇଦିନ ମଧ୍ୟରେ ଇରାନ ଉପରେ ଆମେରିକା ତା'ର ଆକ୍ରମଣକୁ ଆହୁରି ଭୟଙ୍କର କରିବ। ଶକ୍ତି କେନ୍ଦ୍ର, ସାମରିକ ସ୍ଥଳ, ସେତୁ, ରାସ୍ତା ଭଳି ଇରାନର ସମସ୍ତ ଭିତ୍ତିଭୂମି ଉପରେ ଆମେରିକା ଆକ୍ରମଣ କରିବ। ବାରମ୍ବାର ଶାନ୍ତି ସ୍ଥାପନ ପାଇଁ ଇରାନକୁ ଅନୁରୋଧ କରିବା ସତ୍ତ୍ୱେ ଏହା ରାଜି ନହେବା କାରଣରୁ ଇରାନକୁ ଏସବୁ ଭୋଗିବା ପାଇଁ ପଡ଼ିବ। ଏହା ପରେ ସମଗ୍ର ବିଶ୍ୱରେ ପୁଣିଥରେ ଉତ୍ତେଜନା ସୃଷ୍ଟି ହୋଇଛି। ଅପରପକ୍ଷରେ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ କହିଛନ୍ତି ଯେ ଏବେ ଯୁଦ୍ଧ କିମ୍ବା ଶାନ୍ତିର ସମୟ ନୁହେଁ। ବର୍ତ୍ତମାନ ଯେଉଁ ସ୍ଥିତି ଉପୁଜୁଛି ତାହାକୁ ସାମ୍ନା କରିବା ହିଁ ଆମର ଏକମାତ୍ର କର୍ତ୍ତବ୍ୟ। ଏକଥା କହି ସେ ପରୋକ୍ଷରେ ଇରାନ୍ ଜବାବୀ ହମ୍‌ଲା ପାଇଁ ପ୍ରସ୍ତୁତ ବୋଲି ଆମେରିକାକୁ ଜଣାଇ ଦେଇଛନ୍ତି। ତେବେ ଶାନ୍ତି ପାଇଁ ଯୁଦ୍ଧ ନୁହେଁ କୂଟନୈତିକ କଥାବାର୍ତ୍ତା ଏକମାତ୍ର ସମ୍ଭବ ପଥ ବୋଲି ସେ କହିଛନ୍ତି। ଇରାନ୍ ଓ ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ସମଗ୍ର ମଧ୍ୟପ୍ରାଚ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ତୁର୍କୀର ରାଷ୍ଟ୍ରପତି ତାୟିପ୍ ଇରଡୋଗାନ୍ ଲେବାନନ ଓ ସିରିଆରେ ଇସ୍ରାଏଲର ଆକ୍ରମଣକୁ ଘୋର ନିନ୍ଦା କରିବା ସହ ଏହା ଆଞ୍ଚଳିକ ଉତ୍ତେଜନାକୁ ବଢ଼ାଉଛି ବୋଲି କହିଛନ୍ତି। କେବଳ ମଧ୍ୟପ୍ରାଚ୍ୟ ନୁହେଁ, ଏହାକୁ ନେଇ ବିଶ୍ୱନେତାମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ରୁଷ୍, ଚୀନ୍ ତଥା ଅନ୍ୟାନ୍ୟ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ଉଭୟ ଇରାନ୍ ଓ ଆମେରିକାକୁ ସଂଯମ ଆଚରଣ କରିବାକୁ ଅନୁରୋଧ କରିଛନ୍ତି।

# ଅଭିଷେକ ବାନାର୍ଜୀଙ୍କୁ ସିଆଇଡି ନୋଟିସ୍

କୋଲକାତା,୧୦ା୬(ସଂଚାର ବ୍ୟୁରୋ): ବୁଧବାର ଅଭିଷେକ ବାନାର୍ଜୀଙ୍କୁ ଜାରି କରାଯାଇଥିବା ସିଆଇଡି ନୋଟିସ୍ ସମ୍ପର୍କରେ ଜରୁରୀ ଶୁଣାଣି ପାଇଁ ଆବେଦନ ପ୍ରତି କୋଲକାତା ହାଇକୋର୍ଟର ଦୃଷ୍ଟି ଆକର୍ଷଣ କରାଯାଇଛି। ବିଚାରପତି କୌଶିକ ଚନ୍ଦା କହିଛନ୍ତି ଯେ, ସେ ଗୁରୁବାର ଏହି ମାମଲାର ଶୁଣାଣି କରିବାକୁ ଚେଷ୍ଟା କରିବେ। ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ପ୍ରତିନିଧିତ୍ୱ କରୁଥିବା ଓକିଲମାନେ ଅଧିକାଂଶ ମାମଲାରେ ପ୍ରାୟତଃ ଉପଲବ୍ଧ ନଥିବାରୁ ବୁଧବାର ଶୁଣାଣି ସମ୍ଭବ ନୁହେଁ। ଏହି ପରିସ୍ଥିତିରେ, ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି ଯେ ପ୍ରଥମେ ରାଜ୍ୟକୁ ନୋଟିସ୍ ପଠାଯାଉ।

## ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

କୋଲକାତା,୧୦ା୬ (ସଂଚାର ବ୍ୟୁରୋ): ବୁଧବାର ସକାଳେ ଆଲିପୁରର ଏକ ସରକାରୀ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ସକାଳ ପ୍ରାୟ ୧୦ଟା ସମୟରେ ସ୍ଥାନୀୟ ଲୋକମାନେ ଆଲିପୁରର ବହୁମହଲା ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ପରିଷଦ କାର୍ଯ୍ୟାଳୟରୁ ଧୂଆଁ ବାହାରୁଥିବାର ଦେଖିଥିଲେ। ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ଅଞ୍ଚଳ କଳା ଧୂଆଁରେ ଢାଙ୍କିଯାଇଥିଲା। ଅଗ୍ନିକାଣ୍ଡ ଦେଖିବା ପରେ ସ୍ଥାନୀୟ ଲୋକମାନେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ୫ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ପ୍ରାଥମିକ ତଦନ୍ତରୁ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ସୂତ୍ର ଅନୁଯାୟୀ ନିଆଁ ପ୍ରଥମେ ଏନ୍‌ଆଇସି କାର୍ଯ୍ୟାଳୟରେ ଲାଗିଥିଲା ଏବଂ ପରେ ବହୁତଳ କୋଠାର ଏକ ଅଂଶକୁ ଦ୍ରୁତ ଗତିରେ ବ୍ୟାପିଯାଇଥିଲା। ଶିକ୍ଷା ବିଭାଗ, ମଧ୍ୟାହ୍ନ ଭୋଜନ ବିଭାଗ ଏବଂ ଉଦ୍ୟାନ ବିଭାଗ କ୍ଷତିଗ୍ରସ୍ତ ହୋଇଛି। ନିଆଁର ତୀବ୍ରତା ଯୋଗୁଁ ଅଗ୍ନିଶମ କର୍ମଚାରୀମାନଙ୍କୁ ନିଆଁ ଲିଭାଇବା ପାଇଁ ଝରକା କାଚ ଭାଙ୍ଗିବାକୁ ପଡ଼ିଥିଲା। ପ୍ରଭାବିତ କୋଠାକୁ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ କରାଯାଇଛି। ସ୍ଥାନୀୟ ଲୋକମାନେ ଜଣାଇଛନ୍ତି ଯେ ଉପର ମହଲାରେ ରଙ୍ଗକର୍ମୀମାନେ କାମ କରୁଥିଲେ। ଅଗ୍ନିଶମ କର୍ମଚାରୀମାନେ ଦଉଡ଼ି ସାହାଯ୍ୟରେ ସେମାନଙ୍କୁ ତଳକୁ ଓହ୍ଲାଇ ଉଦ୍ଧାର କରିଥିଲେ। ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଚତୁର୍ଥ ମହଲାରେ ଥିବାରୁ ସରକାରୀ କାଗଜପତ୍ର ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି।

- ଦିଲ୍ଲୀରେ ସାଂସଦ ମାଳା ରାୟ

## ବିଦ୍ରୋହୀ ଶିବିରରେ ଯୋଗଦେବା ନେଇ ଚର୍ଚ୍ଚା

କୋଲକାତା,୧୦ା୬(ସଂଚାର ବ୍ୟୁରୋ): ଟିଏମ୍‌ସିର ଦକ୍ଷିଣ କୋଲକାତା ସାଂସଦ ମାଳା ରାୟ ବିଦ୍ରୋହୀ ଶିବିରରେ ଯୋଗ ଦେଇପାରନ୍ତି ବୋଲି କଳ୍ପନାଜଳ୍ପନା ବୃଦ୍ଧି ପାଉଛି। ସୂତ୍ର ଅନୁଯାୟୀ, ମାଳା ରାୟ ବୁଧବାର ତାଙ୍କ ସ୍ୱାମୀ ନିର୍ବେଦ ରାୟ ଓ ତାଙ୍କ ପୁଅ ଏବଂ ଝିଅଙ୍କ ସହ ଦିଲ୍ଲୀରେ ପହଞ୍ଚିଛନ୍ତି। ସେ ଖୁବ୍ ଶୀଘ୍ର ବିଦ୍ରୋହୀ ସାଂସଦଙ୍କ ଗୋଷ୍ଠୀର ସମର୍ଥନରେ ସ୍ୱାକ୍ଷର କରିପାରନ୍ତି। ଉଲ୍ଲେଖନୀୟ ଯେ, ସମ୍ପ୍ରତି ବିଧାନସଭା ନିର୍ବାଚନ ସମୟରେ ଦକ୍ଷିଣ କୋଲକାତାର କିଛି ପ୍ରମୁଖ ଅଞ୍ଚଳରେ ତୃଣମୂଳକୁ ପରାଜୟ ସହିବାକୁ ପଡିଥିଲା। ଦଳ ଭବାନୀପୁର ଏବଂ ରାସବିହାରୀ ଭଳି ଅଞ୍ଚଳରେ ଆଶାନୁରୂପ ସଫଳତା ହାସଲ କରିବାରେ ବିଫଳ ହୋଇଥିଲା। ଅସନ୍ତୁଷ୍ଟ ଗୋଷ୍ଠୀର ସୂତ୍ର ଦାବି କରିଛି ଯେ ମାଳା ରାୟଙ୍କ ସାମିଲ ହେବା ଦ୍ୱାରା ଲୋକସଭାରେ ସେମାନଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ।

- ପୋଖରୀ ଦଖଲକୁ ନେଇ ବିବାଦ

## ବଡ଼ଭାଇକୁ ହତ୍ୟାକଲା ସାନଭାଇ

କୋଲକାତା,୧୦ା୬ (ସଂଚାର ବ୍ୟୁରୋ): ପୋଖରୀ ଦଖଲକୁ ନେଇ ଦୀର୍ଘ ଦିନର ବିବାଦ ଯୋଗୁ ବଡ଼ଭାଇକୁ ସାନଭାଇ ହତ୍ୟା କରିଛି। ଏହି ଘଟଣାକୁ ନେଇ ଜୟନଗରର ବହଡୁ ଅଞ୍ଚଳରେ ଚାଞ୍ଚଲ୍ୟ ବ୍ୟାପିଛି। ମୃତକ ଦୁଧକୁମାର ବୈଦ୍ୟ ତାଜପୁର ମିଠାନି ଗ୍ରାମର ବାସିନ୍ଦା ଥିଲେ। ଅଭିଯୁକ୍ତ ଭାଇ ନିମାଇଁ ବୈଦ୍ୟ ଘଟଣା ପରଠାରୁ ଫେରାର୍ ଅଛନ୍ତି। ପରିବାର ସୂତ୍ରରୁ ଜଣାପଡିଛି ଯେ ଦୁଧକୁମାର ବୈଦ୍ୟ ଏବଂ ତାଙ୍କ ସମ୍ପର୍କୀୟ ଭାଇ ନିମାଇଁ ବୈଦ୍ୟଙ୍କ ମଧ୍ୟରେ ପୋଖରୀର ମାଲିକାନା ଏବଂ ମାଛ ଧରିବା ଅଧିକାରକୁ ନେଇ ଦୀର୍ଘ ଦିନ ଧରି ବିବାଦ ଚାଲିଥିଲା।

- ମୁମ୍ବାଇରେ ନିର୍ମାଣ ହେବ ଦ୍ୱିତୀୟ ଓଡ଼ିଶା ଭବନ

# ଜମି ଯୋଗାଇଦେଲେ ମହାରାଷ୍ଟ୍ର ସରକାର

ମୁମ୍ବାଇ,୧୦ା୬(ସଂଚାର ବ୍ୟୁରୋ): ମହାରାଷ୍ଟ୍ର ସରକାର ଓଡ଼ିଶା ସରକାର କରିଥିବା ଆବେଦନକୁ ବିଚାରକୁ ନେଇ ଏକ ବିଶାଳ ଜମି ଦ୍ୱିତୀୟ ଓଡ଼ିଶା ଭବନ ନିର୍ମାଣ ପାଇଁ ଯୋଗାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ୟମରେ ଏହା ସଫଳ ହୋଇଛି। ପ୍ଲଟ ନମ୍ବର ୨୧, ସେକ୍ଟର ୧୬, ଖାର ଘର, ନଭୀ ମୁମ୍ବାଇ ଅଞ୍ଚଳରେ ଏକ ଅତ୍ୟାଧୁନିକ ଭବନ ନିର୍ମାଣ ନିମନ୍ତେ ବର୍ତ୍ତମାନର ଓଡ଼ିଶଶ ସରକାର ଉଦ୍ୟମ ଚଳାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଆଧୁନିକ ସୁବିଧା ସହ ମୁମ୍ବାଇ ଭବନ ନିର୍ମାଣ ପାଇଁ ଜନସାଧାରଣଙ୍କ ଦାବି ଉପସ୍ଥାପନ କରିଛନ୍ତି। ସାଧାରଣ ଲୋକ, କର୍କଟ ରୋଗୀଙ୍କ ସେବା, ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ତଥା ପର୍ଯ୍ୟଟନ, ହସ୍ତତନ୍ତ, ସାଂସ୍କୃତିକ, ଶିଳ୍ପ ବିକାଶ ଦିଗରେ ବର୍ତ୍ତମାନ ୱାସିଠାରେ ଥିବା ଓଡ଼ିଶା ଭବନର ନିର୍ମାଣ ବିଭାଗ ଦ୍ୱାରା ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲିଛି। ଫଳରେ ଏଠାରେ ଅତିଥିମାନେ ଏବେ ରହିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। କିନ୍ତୁ କର୍କଟ ରୋଗୀଙ୍କ ପାଇଁ ଏହା ବିଶେଷ ସହାୟକ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଓଡ଼ିଶା ଭବନ ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ନୂତନ ଜମି ଯୋଗାଣ ପାଇଁ ମହାରାଷ୍ଟ୍ର ସରକାରଙ୍କୁ ନିବେଦନ କରାଯାଇଥିଲା।

ନୂଆ କରି ନିର୍ମିତ ହେବାକୁ ଥିବା ଭବନକୁ ସୁନ୍ଦର ଭାବେ ନିର୍ମାଣ ପାଇଁ ଓଡ଼ିଶା ସରକାର ପଦେକ୍ଷପ ନେଉଛନ୍ତି। ଏହି ନୂତନ ଜମିରେ ଦ୍ୱିତୀୟ ଓଡ଼ିଶା ଭବନ ନିର୍ମାଣକୁ ନେଇ ରାଜ୍ୟବାସୀ ଆନନ୍ଦ କରିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

## ଏକାମ୍ର ମେଧା ସମ୍ମାନ-୨୦୨୬ର ଶୁଭାରମ୍ଭ

# ବିକଶିତ ଓଡ଼ିଶାର ନୂତନ ବିନ୍ଧାଣିଙ୍କୁ ସମ୍ବର୍ଦ୍ଧନା




**ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଏକାମ୍ର ବିଧାୟକ**

ଭୁବନେଶ୍ୱର,୧୦ା୬(ସଂଚାର ବ୍ୟୁରୋ): ବିକଶିତ ଓଡ଼ିଶାର ନୂତନ ବିନ୍ଧାଣିମାନଙ୍କୁ ଏକାମ୍ର ମେଧା ସମ୍ମାନ-୨୦୨୬ର ଶୁଭାରମ୍ଭ କଲେ ଏକାମ୍ର ବିଧାୟକ ବାବୁ ସିଂ। ଏକାମ୍ର ନିର୍ବାଚନମଣ୍ଡଳୀରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଉତ୍ସାହିତ ବାତାବରଣ ସୃଷ୍ଟି କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏକାମ୍ର ବିଧାୟକଙ୍କ ଦ୍ୱାରା ଏକାମ୍ର ମେଧା ସମ୍ମାନ-୨୦୨୬ର ଶୁଭାରମ୍ଭ କରାଯାଇଛି।

ଜୟଦେବ ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ରୁ ଅଧିକ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀ, ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିଲେ। ଏହି ସମାରୋହରେ ବିଧାୟକ ବାବୁ ସିଂଙ୍କ ସମେତ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସାହିତ୍ୟିକ ଗୌରହରି ଦାସ, ଶିକ୍ଷାବିତ ପ୍ରତାପ ଜେନା, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ଶିକ୍ଷା ବିକାଶର ରୋଡମ୍ୟାପ୍ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ ଆଜିର ଏହି ଏକାମ୍ର ମେଧା ସମ୍ମାନ -୨୦୨୬ରେ ଏକାମ୍ର ନିର୍ବାଚନମଣ୍ଡଳୀର ୩୨ଟି ସ୍କୁଲର ଦଶମ ବୋର୍ଡ଼ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପ୍ରତି ସ୍କୁଲରୁ ୧୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିଭଳି ଏକାମ୍ର ନିର୍ବାଚନମଣ୍ଡଳୀର ୫ଟି କଲେଜର ଦ୍ୱାଦଶ ପରୀକ୍ଷାରେ କଳା, ବିଜ୍ଞାନ, ବାଣିଜ୍ୟରେ ସର୍ବାଧିକ ନମ୍ବର ରଖିଥିବା ପ୍ରତ୍ୟକ ବିଭାଗର ୩ ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷା କେବଳ ଉପାଧି କିମ୍ବା ଡିଗ୍ରୀ ଅର୍ଜନର ମାଧ୍ୟମ ନୁହେଁ, ଏହା ବିଦ୍ୟାର୍ଥୀକୁ ସମାଜର ସାମଗ୍ରିକ ଉତଥାନର ଉତ୍ତରଦାୟିତ୍ୱ ମଧ୍ୟ ପ୍ରଦାନ କରେ। ଶିକ୍ଷା ହିଁ ସମାଜ ପରିବର୍ତ୍ତନର ପ୍ରଧାନ ଶକ୍ତି। ଛାତ୍ରଛାତ୍ରୀମାନେ ହେଉଛନ୍ତି ଆଗାମୀ ସମୃଦ୍ଧ ଓଡ଼ିଶାର ଭବିଷ୍ୟତ ନିର୍ମାତା।

## ୩ ଦିନରେ ଓଡ଼ିଶା ଛୁଇଁବ ମୌସୁମୀ

- ୨ରୁ ୪ ଡିଗ୍ରୀ କମିବ ତାପମାତ୍ରା



ଭୁବନେଶ୍ୱର,୧୦ା୬(ସଂଚାର ବ୍ୟୁରୋ): ଆଗାମୀ ୩ ଦିନ ଭିତରେ ଓଡ଼ିଶା ଛୁଇଁବ ମୌସୁମୀ। ଆସନ୍ତା ୧୩ ତାରିଖ ବେଳକୁ ଦୁଇରୁ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ଏନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଆଗାମୀ ଦୁଇ ଦିନ ଯାଏ ଲାଗି ରହିବ ଗରମ ଗୁଳୁଗୁଳି। ତେବେ ଦିନ ତାପମାତ୍ରାରେ କୌଣସି ପରିବର୍ତ୍ତନ ସମ୍ଭାବନା ନାହିଁ। ରାଜ୍ୟରେ ଆସନ୍ତା ୧୩ ତାରିଖ ବେଳକୁ ୨ରୁ ୪ ଡିଗ୍ରୀ ତାପମାତ୍ରା ହ୍ରାସ ପାଇପାରେ। ତେବେ ଆଗାମୀ ୫ ଦିନ ଯାଏଁ ଲାଗି ରହିବ କାଳବୈଶାଖୀ। ପାଗ ଅନୁକୂଳ ରହିଥିବାରୁ ଆଗାମୀ ୩ ଦିନ ଭିତରେ ମୌସୁମୀ ଓଡ଼ିଶା ଛୁଇଁବ। ଆଗାମୀ ୨୪ ଘଣ୍ଟାରେ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ବୌଦ୍ଧ,, ନୟାଗଡ଼ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ବର୍ଷା ସହ ଝଟକା ପବନ ବହିବାର ସମ୍ଭାବନା ରହିଛି। କୋରାପୁଟ, ମାଲକାନଗିରି ଓ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ଋତୁସ୍ରାବ ସ୍ୱଚ୍ଛତା ଓ କିଶୋର ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରୁଛି ବେଦାନ୍ତ

## ୬୦୦ରୁ ଊର୍ଦ୍ଧ୍ୱ ମହିଳା ଓ କିଶୋରୀ ଉପକୃତ

ଭୁବନେଶ୍ୱର,୧୦ା୬ (ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଜାମଖାନୀ, କୁରାଲୋଇ ଓ ଘୋଗରପାଲି ଅଞ୍ଚଳରେ ମାସିକ ଧର୍ମ (ଋତୁସ୍ରାବ) ସ୍ୱଚ୍ଛତା ଓ କିଶୋରୀ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଜରିଆରେ ଗୋଷ୍ଠୀ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ଏଥିରୁ ୬୦୦ରୁ ଅଧିକ ମହିଳା ଓ କିଶୋରୀଙ୍କୁ ଉପକୃତ ହୋଇଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ ଓ ଆଗଧାଡ଼ିର କର୍ମୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଚେତନତା ବୃଦ୍ଧି, ସ୍ୱଚ୍ଛତା ସାମଗ୍ରୀର ଉପଲବ୍ଧତା ଓ ଋତୁସ୍ରାବ ସ୍ୱାସ୍ଥ୍ୟ ବିଷୟରେ ଖୋଲାଖୋଲି ଆଲୋଚନାକୁ ପ୍ରୋତ୍ସାହିତ କରିବା। ଋତୁସ୍ରାବ ସମୟରେ ପରିଷ୍କାର ପରିଚ୍ଛନ୍ନତା ସଂକ୍ରାନ୍ତରେ କମ୍ ସଚେତନତା, ପରିମଳ ସାମଗ୍ରୀର ସ୍ୱଳ୍ପ ଉପଲବ୍ଧତା ଓ ନିରନ୍ତର ସାମାଜିକ କଳଙ୍କ ଦ୍ୱାରା ପ୍ରଭାବିତ ହେବାରେ ଲାଗିଛି। ପ୍ରାୟତଃ ଏଥିଯୋଗୁଁ ସଫାସୁତୁରା ଖରାପ ଅଭ୍ୟାସରେ ପଡ଼ିଥାଏ ଓ ଦୈନନ୍ଦିନ କାର୍ଯ୍ୟକଳାପରେ ଏହା ପ୍ରତିଫଳିତ ହୋଇଥାଏ। ଏହିସବୁ ଆହ୍ୱାନର ମୁକାବିଲା କରିବା ପାଇଁ ଏହି ପଦକ୍ଷେପରେ ଶିକ୍ଷଣୀୟ କର୍ମଶାଳା, ସାନିଟାରୀ ପ୍ୟାଡ୍ ବଣ୍ଟନ ଓ ଚିକିତ୍ସକଙ୍କ ନେତୃତ୍ୱରେ ଓ କର୍ମଚାରୀ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସମର୍ଥିତ ସଚେତନତା ଅଭିଯାନ ଅନ୍ତର୍ଭୁକ୍ତ ଥିଲା।

ଅଧିବେଶନର ନେତୃତ୍ୱ ନେଇଥିଲେ ହେମଗିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୀମା କୁଆ, ଯିଏ ଛୋଟ ଛୋଟ ହସ୍ତକ୍ଷେପଠାରୁ ଆଗକୁ ବଢ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ ଋତୁସ୍ରାବ ସ୍ୱାସ୍ଥ୍ୟକୁ ମର୍ଯ୍ୟାଦା, ସମାନତା ଓ ଅତ୍ୟାବଶ୍ୟକ ସେବାଗୁଡ଼ିକର ପ୍ରବେଶ ପାଇଁ କେନ୍ଦ୍ରୀୟ ଭାବେ ସ୍ୱୀକୃତି ଦେଇଥିଲେ। ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ରାହୁଲ ସାହୁଙ୍କର ଏକ ଅଧିବେଶନ ଋତୁସ୍ରାବ ସ୍ୱଚ୍ଛତା ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଏହି ପଦକ୍ଷେପର ଏକ ପ୍ରମୁଖ ଆକର୍ଷଣ ଥିଲା ଅଲ୍‌ଟ୍ରା ଆପ୍ଲିକେସନ୍‌ର ସାଂସ୍କୃତିକ ଏକୀକରଣ, ଓଡ଼ିଶାର ରଜ ପର୍ବ ସହ ଜଡ଼ିତ ଏକ ପାରମ୍ପରିକ ଅଭ୍ୟାସ ଯାହା ଋତୁସ୍ରାବ, ଗର୍ଭଧାରଣ ଓ ନାରୀତ୍ୱର ପ୍ରତୀକ, ସକାରାତ୍ମକ ସାଂସ୍କୃତିକ ସଙ୍ଗଠନକୁ ମଜବୁତ କରିବାରେ ଓ ଖୋଲା ଆଲୋଚନାକୁ ଉତ୍ସାହିତ କରିବାରେ ସାହାଯ୍ୟ କରେ। ଅଂଶଗ୍ରହଣକାରୀମାନେ କହିଥିଲେ ଯେ ଏହି ଅଧିବେଶନ ସେମାନଙ୍କୁ ଋତୁସ୍ରାବ ସ୍ୱଚ୍ଛତା ଅଭ୍ୟାସ, ସରକାରୀ ସ୍ୱାସ୍ଥ୍ୟ ଯୋଜନା, ପୁଷ୍ଟିସାଧନ ଏବଂ ମାସିକ ଋତୁସ୍ରାବକୁ ନେଇ ଖୋଲା ଆଲୋଚନାର ଗୁରୁତ୍ୱକୁ ଭଲ ଭାବେ ବୁଝିବାରେ ସାହାଯ୍ୟ କରିଥିଲା, ଯାହା ଦୀର୍ଘ ଦିନରୁ ଲାଗି ରହିଥିବା ସାମାଜିକ ପ୍ରତିବନ୍ଧକକୁ ଭାଙ୍ଗିବାରେ ସହାୟକ ହୋଇଥିଲା।




## କେନ୍ଦ୍ର ଆୟୁଷ ମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ ସସ୍ମିତ ପାତ୍ର

# ମୟୂରଭଞ୍ଜରେ ପ୍ରଥମ ଆୟୁର୍ବେଦ ସଂସ୍ଥା ପ୍ରତିଷ୍ଠା ଦାବି



**ଆୟୁର୍ବେଦ ଶିକ୍ଷା, ଗବେଷଣାରେ ପୂର୍ବ ଭାରତକୁ ମିଳିବ ନୂଆ ଦିଗ**

ନୂଆଦିଲ୍ଲୀ,୧୦ା୬(ସଂଚାର ବ୍ୟୁରୋ): ବିଜେଡି ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ବୁଧବାର କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବଙ୍କୁ ଭେଟି ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥା (ଏଆଇଆଇଏ) ସ୍ଥାପନ ପାଇଁ ଏକ ଦାବିପତ୍ର ଦେଇଛନ୍ତି। ସସ୍ମିତ ତାଙ୍କ ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି ଯେ ଆଦିବାସୀ ପରମ୍ପରା, ଜୈବ ବିବିଧତା ସଂରକ୍ଷଣ, ଔଷଧୀୟ ଉଦ୍ଭିଦ ସମ୍ପଦ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ସତ୍ତ୍ୱେ ରାଜ୍ୟରେ ଏପର୍ଯ୍ୟନ୍ତ କୌଣସି ପ୍ରମୁଖ ଜାତୀୟ ଆୟୁର୍ବେଦ ସଂସ୍ଥା ନାହିଁ। ଦିଲ୍ଲୀ ଓ ଗୋଆର ଏଆଇଆଇଏ, ଜୟପୁରର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଆୟୁର୍ବେଦ ଓ ଜାମନଗରର ଇନଷ୍ଟିଚ୍ୟୁଟ ଅଫ୍ ଟିଚିଂ ଆଣ୍ଡ ରିସର୍ଚ୍ଚ ଇନ୍ ଆୟୁର୍ବେଦ ପରି ଏକ ସଂସ୍ଥା ଓଡ଼ିଶାରେ ସ୍ଥାପନ କରିବା ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ମୟୂରଭଞ୍ଜରେ ଏଆଇଆଇଓ ସ୍ଥାପନ ହେଲେ ଏହା କେବଳ ଓଡ଼ିଶା ନୁହେଁ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ସମେତ ସମଗ୍ର ପୂର୍ବ ଭାରତର ଲକ୍ଷାଧିକ ଲୋକଙ୍କ ପାଇଁ ଆୟୁର୍ବେଦ ଶିକ୍ଷା, ଗବେଷଣା, ଚିକିତ୍ସା ଓ ନବସୃଜନର ଏକ କେନ୍ଦ୍ର ଭାବେ ବିକଶିତ ହୋଇପାରିବ। ମୟୂରଭଞ୍ଜସ୍ଥିତ ଶିମିଳିପାଳ ରିଜର୍ଭ ଦେଶର ସବୁଠାରୁ ସମୃଦ୍ଧ ଜୈବ ବିବିଧତା କ୍ଷେତ୍ର ମଧ୍ୟରୁ ଗୋଟିଏ। ଏଠାରେ ଥିବା ବିପୁଳ ଔଷଧୀୟ ଉଦ୍ଭିଦ ସମ୍ପଦ ଆୟୁର୍ବେଦ ଗବେଷଣା, ସଂରକ୍ଷଣ ଓ ଶିକ୍ଷା କ୍ଷେତ୍ରକୁ ନୂଆ ଦିଗ ଦେଇପାରିବ। ଭୁବନେଶ୍ୱରରେ ଥିବା ସେଣ୍ଟ୍ରାଲ ଆୟୁର୍ବେଦ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ସିଏଆରଆଇ) ମୁଖ୍ୟତଃ ଗବେଷଣା କାର୍ଯ୍ୟରେ ସୀମିତ ଥିବା ବେଳେ ଏଆଇଆଇଏ ଏକ ସମନ୍ୱିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଗବେଷଣାଭିତ୍ତିକ ଜାତୀୟ ସଂସ୍ଥା ଭାବେ କାର୍ଯ୍ୟ କରିବ ବୋଲି ଡ. ପାତ୍ର କହିଛନ୍ତି।

## ଦକ୍ଷିଣ ଆଫ୍ରିକାରେ 'ରଜ ମହୋତ୍ସବ' ପ୍ରସ୍ତୁତି

ଜୋହାନ୍ସବର୍ଗ, ୧୦ା୬: କୃଷି ପର୍ବ ଭାବେ ପରିଚିତ ରଜପର୍ବକୁ ଆଉ କିଛିଦିନ ବାକି ଥିବା ବେଳେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ରହୁଥିବା ପ୍ରବାସୀ ଓଡ଼ିଆମାନେ ରଜ ପର୍ବ ପାଳନ ପାଇଁ ଏକାଠି ହୋଇଛନ୍ତି। 'ରଜ ମହୋତ୍ସବ' ପାଳନ ପାଇଁ ଓଡ଼ିଆ ସଂସ୍କୃତିକ ସଂଘ, ଦକ୍ଷିଣ ଆଫ୍ରିକା ପକ୍ଷରୁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ସୂଚନା ଅନୁଯାୟୀ, ଦକ୍ଷିଣ ଆଫ୍ରିକାର ରାଣ୍ଡବର୍ଗରେ ଥିବା ବ୍ଲେଗୋରି ରିକ୍ରିଏସନ୍ ସେଣ୍ଟରରେ 'ରଜ ମହୋତ୍ସବ' ପାଳିତ ହେବ। ସ୍ଥାନୀୟ ସମୟ ୨ଟା ୩୦ ମିନିଟରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଆ ସଂସ୍କୃତି ଏବଂ ପରମ୍ପରାର ଝଲକ ଦେଖିବାକୁ ମିଳିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ସହିତ ଭଳି କି ଭଳି ଓଡ଼ିଆ ବ୍ୟଞ୍ଜନର ପ୍ରଦର୍ଶନ ହେବ। ବିଦେଶ ମାଟିରେ ଓଡ଼ିଆ ପିଠାମିଠାର ମହକ ଚାରିଆଡ଼େ ଖେଳିଯିବ। ପ୍ରବାସୀ ଓଡ଼ିଆମାନେ ନାଚ ଗୀତରେ ଝୁମିବେ। ତେବେ ଦକ୍ଷିଣ ଆଫ୍ରିକାର ଭିନ୍ନ ଭିନ୍ନ ସ୍ଥାନରେ ରହୁଥିବା ପ୍ରବାସୀ ଓଡ଼ିଆମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

ଦକ୍ଷିଣ ବାଲିଆପାଳର ଜୀବନରେଖା ଏବେ ମରଣଯନ୍ତା

# ରାସ୍ତା ମଝିରୁ ଉଠୁନି ବିଦ୍ୟୁତ ଖୁଣ୍ଟ



## କାମ ନ ସରୁଣୁ ରାସ୍ତାର ଅବସ୍ଥା ବେହାଲ

ବାଲିଆପାଳ,୧୦।୬ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ, ବଡାଶ ପଞ୍ଚାୟତର କଚୁଆ ପୋଲ ଠାରୁ ପଞ୍ଚୁପାଲି ପଞ୍ଚାୟତର ପଞ୍ଚୁପାଲି ବଜାର ପର୍ଯ୍ୟନ୍ତ ଦୀର୍ଘ ୧୨ କିମିରୁ ଅଧିକ ଦୂରତ୍ୱର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା। ମାତ୍ର ତାହା ୨୦୨୩ ମସିହାରେ ପୂର୍ତ୍ତ ବିଭାଗ ଅଧୀନକୁ ଯିବା ପରେ ରାସ୍ତାର ପ୍ରଶସ୍ତୀକରଣ କରାଯାଉଛି। ୨୪ କୋଟି ଟଙ୍କା ବ୍ୟୟବରାଦରେ କାର୍ଯ୍ୟ ଦୁଇ ବର୍ଷ ହେବ ଚାଲିଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ। ତେବେ ରାସ୍ତା ମଝିରେ ଥିବା ବିଦ୍ୟୁତ ଖୁଣ୍ଟଗୁଡ଼ିକ ସ୍ଥାନାନ୍ତରିତ ନ ହୋଇ ସେହିଭଳି ରହିଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦକ୍ଷିଣ ବାଲିଆପାଳର ଜୀବନ ରେଖା କୁହାଯାଉଥିବା ଏହି ରାସ୍ତାଟି ବର୍ତ୍ତମାନ ଅତ୍ୟନ୍ତ ବ୍ୟସ୍ତବହୁଳ ରାସ୍ତା ହୋଇଥିଲେ ମଧ୍ୟ ସେଥି ପ୍ରତି ବିଭାଗୀୟ ଉଦାସୀନତା ଅଞ୍ଚଳବାସୀଙ୍କ ପାଇଁ ଦୁର୍ଦ୍ଦଶାର କାରଣ ପାଲଟିଛି। ଠିକାଦାର ବିଦ୍ୟୁତ ଖୁଣ୍ଟ ଥିବା ସ୍ଥାନର ଚାରିପଟେ ଦୁଇ ଫୁଟ ଲେଖାଏଁ ଛାଡ଼ି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରି ଚାଲିଥିବାବେଳେ ବର୍ତ୍ତମାନ ସେହି ସ୍ଥାନଗୁଡ଼ିକ ସେହିପରି ଖାଲ ହୋଇ ରହିଛି। ଫଳରେ ପଥଚାରୀମାନେ ସେହି ଖାଲରେ ପଡ଼ି ଖଣ୍ଡିଆଖାବରା ହେବା ସହ ବିଦ୍ୟୁତ ଖୁଣ୍ଟରେ ପିଟିହୋଇ ଗୁରୁତର ଆହତ ହେଉଛନ୍ତି। ଏହି ରାସ୍ତାଟି ଦକ୍ଷିଣବାଲିଆପାଳର ବଡାଶ, ପ୍ରତାପପୁର, ଜଗତିପୁର, ରତାଇ ପଞ୍ଚୁପାଲି ପଞ୍ଚାୟତର ମଧ୍ୟ ଭାଗ ଦେଇ ଯାଇଥିବାବେଳେ ରାସ୍ତାରେ ଯାତ୍ରୀବାହୀ ବସ ମଧ୍ୟ ଚଳାଚଳ କରୁଛି। ଏହିସବୁ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ମାନେ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଦ୍ୟୁତ ଖୁଣ୍ଟଗୁଡ଼ିକ ସେହିଭଳି ରହିଛି।

# ନଦୀରେ ବୁଡ଼ିଯିବାରୁ ଦୁଇ ସାଙ୍ଗଙ୍କ ସଲୀଳ ସମାଧି

## ବାଲିମାଫିଆଙ୍କ ପାଇଁ ଅକାଳରେ ଝଡିଗଲା ଦୁଇ ସାଙ୍ଗଙ୍କ ଜୀବନ





ନୀଳଗିରି,୧୦।୬ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ରାଧାକିଶୋର ପୁର ପଞ୍ଚାୟତ ର ପୁନ୍ଦାଳ ଗ୍ରାମର ଦୁଇ ସାଙ୍ଗ ସବୁଦିନ ଭଳି ଆଜିବି ସୋନ ନଦୀକୁ ଗାଧୋଇବା କୁ ଜାଇ ଥିଲେ। ବାଲିମାଫିଆ ସମ୍ପ ମେସିନ ଦ୍ୱାରା ବାଲି ଉଠାଇବା ଫଳରେ ନଦୀ ଭିତରେ ସ୍ଥାନେ ସ୍ଥାନେ ବହୁତ ଖାଲ ହୋଇ ଯାଇଛି ଯାହା ସ୍ଥାନୀୟ ସାଧାରଣ ଲୋକ ଜାଣିବା ସମ୍ଭବ ନୁହେଁ। ଏ ପିଲାମାନେ ଜାଣନ୍ତେ ବା କେମିତି ସାମାନ୍ୟ ଅଜାଣତରୁ ଦୁଇ ସାଙ୍ଗରଚାଲିଗଲା ଜୀବନ। ଏନେଇ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ରାଧାକିଶୋରପୁର ପଞ୍ଚାୟତ ପୁନ୍ଦାଳ ଗ୍ରାମ ଦେଇ ବୋହି ଯାଇଥିବା ସୁନ ନଦୀ ରେ ପୁନ୍ଦାଳ ଗ୍ରାମର ମନ୍ଦିର ଘାଟରେ ଆଜି ପ୍ରାୟ ମଧ୍ୟାହ୍ନ ୧୨, ୩୦ ମିନିଟ ସମୟରେ ସ୍ଥାନୀୟ ୫, ୬ ଜଣ ଗ୍ରାମର ପିଲାମାନେ ସାଙ୍ଗ ହୋଇ ଗାଧୋଇବାକୁ ଯାଇଥିଲେ। ସେମାନେ ପ୍ରଥମେ ନଦୀ କୂଳରେ ଥିବା ଜାମକୁଳି ଖାଇ ସାରିବା ପରେ ନଦୀରେ ଗାଧୋଇ ଥିଲେ। ପୂର୍ବରୁ ବାଲି ଉତ୍ତୋଳନ ଦ୍ୱାରା ଅଧିକ ଗଭୀର ହୋଇଥିଲା ବେଳେ ଗ୍ରାମର ବାବୁ ଓରଫ ଲକ୍ଷ୍ମୀଧର ମହାଳିକ ଙ୍କ ପୁଅ ଆକାଶ (୧୧), ଏବଂ କୁନୁ ଓରଫ ପ୍ରଦୀପ ବେହେରାଙ୍କ ପୁଅ କାର୍ତ୍ତିକ (୧୪); ଅଥଳ ଗଭୀରକୁ ଚାଲିଯାଇ ପାଣିରେ ବୁଡ଼ି ଯାଇଥିଲେ। ଅନ୍ୟ ସାଥିମାନେ ଗ୍ରାମରେ ଖବର ଦେବାରୁ ଗ୍ରାମବାସୀ ବହୁ ସମୟ ଧରି ଖୋଜାଖୋଜି ପରେ ଉଭୟଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଏଥିସହିତ ନୀଳଗିରି ଦମକଳ ବାହିନୀ, ୧୧୨ ପୋଲିସ ଗାଡି ଓ ୧୦୮ ଆମ୍ବୁଲାନ୍ସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତେଣେ ୧୦୮ ଯୋଗେ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜ କୁ ନିଆଯାଇଥଲେ ସୁଧା ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି।

## ଶିଶୁ ମନ୍ଦିରରେ ତାଲିମ ଶିବିର କାର୍ଯ୍ୟକ୍ରମ



ହିଞ୍ଜିଳିକାଟୁ,୧୦।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ସିକିରିର ଶ୍ରୀ ଶ୍ରୀ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରରେ ଶଙ୍କୁଳ ସ୍ତରୀୟ ଶିକ୍ଷଣ ପ୍ରଶିକ୍ଷଣ ତାଲିମ ଶିବିର ଅନୁଷ୍ଠାନ ହୋଇଯାଇଛି।ଉକ୍ତ ତାଲିମ ଶିବିରକୁ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀଯୁକ୍ତ ରମାକାନ୍ତ ପାଢ଼ୀ ଉଦଘାଟନ କରିଥିଲେ। ଏଥିରେ ୧୧ ଟି ଶିଶୁ ମନ୍ଦିରର ପ୍ରାୟ ୧୦୦ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଅଂଶ ଗ୍ରହଣ କରିଥିଲେ। ଏହି ଆଚାର୍ଯ୍ୟ ଓ ଆଚାର୍ଯ୍ୟା ମାନଙ୍କୁ ତାଲିମ ଦେବା ସକାଶେ ମଧୁସୂଦନ ମିଶ୍ର, ପ୍ରମୋଦ କୁମାର ପଣ୍ଡିତ, ଗଣେଶ ସାହୁ ଉଚ୍ଚକୋଟିର ଶିକ୍ଷାଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଭାକର ବାସନ୍ତୀ, ସିମାଞ୍ଚଳ ପାଣିଗ୍ରାହୀ, ପି ମହାଲକ୍ଷ୍ମୀ, ଲିଲି ସାହୁ ଓ କୈଳାଶ ଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ଶେଷ ଦିନରେ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଗଲା।

## ଡାକ୍ତରଙ୍କ ନାଁରେ ନକଲି ଇ-ମେଲ୍

କାକଟପୁର /ଅସ୍ତରଙ୍ଗ ,୧୦।୬ (ସଂଚାର ବ୍ୟୁରୋ): ସୂଚନା ଅଧିକାର ଆଇନ ଜରିଆରେ ସରକାରୀ ତଥ୍ୟ ହାତେଇବା ପାଇଁ ଡାକ୍ତର ଓ କର୍ମଚାରୀଙ୍କ ନାଁରେ ନକଲି ଇ-ମେଲ ଆଇଡି ତିଆରି କରିଥିବା ଏକ ଦମ୍ପତିଙ୍କୁ କଟକ ସାଇବର ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦମ୍ପତି ହେଲେ ଲକ୍ଷ୍ମୀଧର ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ସୋନାଲି ନାୟକ। ଅସ୍ତରଙ୍ଗ ସ୍ଥିତ ସେମାନଙ୍କ ଘରେ ଚଢାଉ କରି ପୁଲିସ ଦୁହିଁଙ୍କୁ ଉଠାଇ ନେଇଛି। ପୁଲିସ ସୂତ୍ରରୁ ଜଣାପଡ଼ିଛି, ସୋନାଲି ନାୟକ କଟକ ସିଡିଏ ସେକ୍ଟର-୭ରେ ଥିବା ଅର୍ବାନ କମ୍ୟୁନିଟି ହେଲ୍ଥ ସେଣ୍ଟର ରେ କାମ କରନ୍ତି। ସ୍ୱାମୀ ଲକ୍ଷ୍ମୀଧର ଜଣେ ସୂଚନା ଅଧିକାର କର୍ମୀ। ଦମ୍ପତି ମିଶି ହସ୍ପିଟାଲର ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ଫଟୋ ଓ ନାମ ବ୍ୟବହାର କରି ନକଲି ଇ-ମେଲ ଆକାଉଣ୍ଟ ଖୋଲିଥିଲେ। ସେହି ଆକାଉଣ୍ଟରୁ ଆର ଟି ଆଇ ଆବେଦନ କରି ସରକାରୀ ତଥ୍ୟ ସଂଗ୍ରହ କରୁଥିଲେ। ହସ୍ପିଟାଲ କର୍ମଚାରୀମାନେ ନିଜ ନାଁରେ ଭୁଲ ଇ-ମେଲ ବ୍ୟବହାର ହେଉଥିବା ଜାଣିବା ପରେ କଟକ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଅସ୍ତରଙ୍ଗରେ ଚଢାଉ କରି ଦମ୍ପତିଙ୍କୁ ପଚରାଉଚରା କରିଥିଲା। ଜେରା ବେଳେ ଦୁହେଁ ନକଲି ଇ-ମେଲ ଆଇଡି ତିଆରି କଥା ସ୍ୱୀକାର କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଠକେଇର ପରିସର କେତେ ବଡ଼ ଓ ଏଥିରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ତାହା ଖୋଜାଚାଲିଛି। ସାଇବର ପୁଲିସ କହିଛି, ଡିଜିଟାଲ ପରିଚୟର ଏଭଳି ଅପବ୍ୟବହାର ସ୍ୱଚ୍ଛତାକୁ ନଷ୍ଟ କରେ ଓ ଏହା ସାଇବର ଆଇନ ଉଲ୍ଲଂଘନ।



District : UPD, CUTTACK PS : Cyber Crime & Economic Offences, UPD Cuttack
Arrested Persons Information
Date : 9 June 2026 to 10 June 2026

ଆର ଟି ଆଇ ତଥ୍ୟ ହାତେଇବାକୁ ଦମ୍ପତିଙ୍କ କାରସାଦି, ସାଇବର ପୁଲିସ ହାତରେ ଧରା

# ଜିଲ୍ଲା ଯୋଜନା ବୋର୍ଡର ପ୍ରଥମ ସମୀକ୍ଷା ବୈଠକ



## ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ଅଧ୍ୟକ୍ଷ ନରସିଂହଙ୍କ ଯୁଦ୍ଧକାଳୀନ ନିର୍ଦ୍ଦେଶ

ମାଲକାନଗିରି,୧୦।୬ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଯୋଜନା ବୋର୍ଡ (ଡିପିସି) ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନରସିଂହ ମାଡ଼କାମୀଙ୍କ ଅଧ୍ୟକ୍ଷତାରେ ଆଜି ପ୍ରଥମ ଅଧିକୃତ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଶେଷ କରି ଜିଲ୍ଲାର ବିଚ୍ଛିନ୍ନାଞ୍ଚଳ ତଥା ସ୍ୱାଭିମାନ ଅଞ୍ଚଳର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସବିଶେଷ ସମୀକ୍ଷା କରାଯାଇଛି। ସେତୁ ଯୋଜନା ଅନ୍ତର୍ଗତ ପୂର୍ବବର୍ତ୍ତୀ ବର୍ଷର ଖର୍ଚ୍ଚ ଏବଂ ବିଭିନ୍ନ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରି ଅଧ୍ୟକ୍ଷ ଶ୍ରୀ ମାଡ଼କାମୀ ସ୍ୱାଭିମାନ ଅଞ୍ଚଳର ଯୁଦ୍ଧକାଳୀନ ବିକାଶ ପାଇଁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିକାଶ କାର୍ଯ୍ୟରେ କୌଣସି ପ୍ରକାରର ଶିଥିଳତାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି।ସମୀକ୍ଷା ସମୟରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସରକାରୀ ଅର୍ଥର ଅପବ୍ୟୟ ଓ ମନ୍ଥର ଗତିକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ୧୦୦ କୋଟି ଟଙ୍କା ଉପଲବ୍ଧ କରାଯାଇଥିବା ସତ୍ତ୍ୱେ ପୂର୍ବ ବର୍ଷରେ ସେଥିରୁ ମାତ୍ର ୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଏହା ସହିତ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କରିନପାରି ପ୍ରାୟ ୩୩ କୋଟି ଟଙ୍କା ସରକାରଙ୍କୁ ଫେରସ୍ତ କରିଥିବା ତଥ୍ୟ ସାମ୍ନାକୁ ଆସିଛି। ବିକାଶ ପାଇଁ ଆସିଥିବା ଅର୍ଥ ଉପଯୁକ୍ତ ଭାବେ ଖର୍ଚ୍ଚ ନହୋଇ ଫେରିଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହି ଅଧ୍ୟକ୍ଷ ଶ୍ରୀ ମାଡ଼କାମୀ ସମ୍ପୃକ୍ତ ବିଭାଗ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି ଏବଂ ଆଗାମୀ ଦିନରେ ଏହାର ପୁନରାବୃତ୍ତି ନକରିବାକୁ ତାଗିଦ୍ କରିଛନ୍ତି।

## ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀଙ୍କ ଧାରଣା

ବାଲିଅନ୍ତା,୧୦।୬ (ସଂଚାର ବ୍ୟୁରୋ): ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉଟ ସୋସିଂରେ କାର୍ଯ୍ୟରତ ୧୮ ଜଣ କର୍ମଚାରୀଙ୍କୁ ୨ ମାସ ହେଲା ଦରମା ମିଳିନାହିଁ। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଦରମା ପାଇନଥିବା କର୍ମଚାରୀଙ୍କ ମଧ୍ୟରେ ଆଉଟସୋସିଂରେ ଆଟେଣ୍ଡାଣ୍ଟ ଓ ସଫେଇ କର୍ମଚାରୀ ରହିଛନ୍ତି। ଏହାକୁ ନେଇ ଆଜିଠାରୁ କର୍ମଚାରୀମାନେ ଆନ୍ଦୋଳନ କରିଛନ୍ତି। ଅନ୍ୟପକ୍ଷରେ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ମେଡ଼ିକାଲରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ହସ୍ପିଟାଲ ଆଉଟଡୋର, ବିଭିନ୍ନ ୱାର୍ଡରେ କୁଢକୁଢ଼ ଅଳିଆ ସଫା ହୋଇନପାରି ଗଦା ହୋଇ ରହିଛି। ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଚାଲିବ ବୋଲି କର୍ମଚାରୀ କହିଛନ୍ତି ।



## ଆଙ୍କୁଲା ମଦ ଦୋକାନ ବିବାଦ: ଗ୍ରାମବାସୀଙ୍କ ପ୍ରତିବାଦ ନା ବିଜେପିର ଅନ୍ତର୍ଦ୍ୱନ୍ଦ୍ୱ ?

ଯାଜପୁର,୧୦।୬(ସଂଚାର ବ୍ୟୁରୋ): ଆଙ୍କୁଲା ମୌଜାରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ ନେଇ ଯାଜପୁର ଜିଲ୍ଲାରେ ଏବେ ରାଜନୈତିକ ତାପମାତ୍ରା ବଢ଼ିବାରେ ଲାଗିଛି। ଗୋଟିଏ ପଟେ ସ୍ଥାନୀୟ ଲୋକେ ମଦ ଦୋକାନ ବିରୋଧରେ ରାସ୍ତାକୁ ଓହ୍ଲାଇଥିବା ବେଳେ, ଅନ୍ୟପଟେ ଏହି ପ୍ରତିବାଦ ପଛରେ ଦଳୀୟ କନ୍ଦଳ ଓ ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ କାମ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି।ପ୍ରସ୍ତାବିତ ମଦ ଦୋକାନ ନିକଟରେ ଶିକ୍ଷାନୁଷ୍ଠାନ, ମେଡିକାଲ କଲେଜ ଓ ଧାର୍ମିକ ସ୍ଥଳ ଥିବାରୁ ଏହା ସାମାଜିକ ପରିବେଶ ଉପରେ କୁପ୍ରଭାବ ପକାଇବ ବୋଲି ଦର୍ଶାଇ ଆଙ୍କୁଲା, ବିନ୍ଧାଣ ଓ ମକେଇପୁର ଅଞ୍ଚଳର ଶତାଧିକ ଲୋକ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସେମାନେ ସତର୍କ କରିଛନ୍ତି। ତେବେ ଏହି ଆନ୍ଦୋଳନରେ ବିଜେପିର ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡାଙ୍କ ସକ୍ରିୟ ଭୂମିକା ନୂଆ ପ୍ରଶ୍ନ ସୃଷ୍ଟି କରିଛି। ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ଯେ, ବିଜେଡି ସରକାର ସମୟରେ ଏଭଳି ପ୍ରସଙ୍ଗରେ ସ୍ୱର ଉଠାଇ ନଥିବା କିଛି ନେତା ବର୍ତ୍ତମାନ କାହିଁକି ସକ୍ରିୟ ହୋଇଛନ୍ତି ?

# ଲୁଟ୍ ଘଟଣାରେ ୬ ଅଭିଯୁକ୍ତଙ୍କୁ ଧରିଲା ପୁଲିସ



ଯାଜପୁର ରୋଡ୍, ୧୦।୬(ସଂଚାର ବ୍ୟୁରୋ): ଚୋରି, ଡକାୟତି, ଲୁଟ୍ ଘଟଣାର ଅଭିଯୁକ୍ତ ମାନଙ୍କୁ ଧରିବାରେ ଯାଜପୁର ରୋଡ୍ ପୋଲିସ ଏବେ ଗୋଟେ ପରେ ଗୋଟେ ସଫଳତା ଅର୍ଜନ କରୁଛି। ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଦାନଗଦି ହାଟ ନିକଟରେ ଘଟିଥିବା ଏକ ଲୁଟ ଘଟଣାରେ ପୁଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ, ୬, ୬୦୦ ନଗଦ ଟଙ୍କା ଏବଂ ଏକ ଖଣ୍ଡା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ ସମୟରେ ମାନଗୋବିନ୍ଦପୁର ଗ୍ରାମର ମନୋଜ ନାୟକ ଓ ତାଙ୍କ ସାଙ୍ଗ ମାନସ ଦଳାଇ ସାତବାଇଁସିଆ ଅଞ୍ଚଳରୁ ଘରକୁ ଫେରୁଥିବା ବେଳେ ଦାନଗଦି ହାଟ ନିକଟ ଏକ ନିଛାଟିଆ ସ୍ଥାନରେ କିଛି ଦୁର୍ବୃତ୍ତ ତାଙ୍କୁ ରାସ୍ତାରେ ଅଟକାଇଥିଲେ। ଅଭିଯୋଗ ଅନୁସାରେ, ଜଡା ଓରଫ ପଞ୍ଚୁ ପାତ୍ର ଏବଂ ତାଙ୍କ ସହଯୋଗୀମାନେ ଖଣ୍ଡା ସହ ବିଭିନ୍ନ ମାରଣାସ୍ତ୍ର ଧରି ଉଭୟଙ୍କୁ ଧମକ ଦେବା ସହ ଗଳା ଚିପି ଲୁଟପାଟ କରିଥିଲେ। ଦୁର୍ବୃତ୍ତମାନେ ମନୋଜ ନାୟକଙ୍କ ଠାରୁ ୪, ୨୦୦ ଟଙ୍କା ଓ ଏକ ଓପୋ ମୋବାଇଲ ଏବଂ ମାନସ ଦଳାଇଙ୍କ ଠାରୁ ୨, ୪୦୦ ଟଙ୍କା ଓ ଏକ ଭିଭୋ ମୋବାଇଲ ଛଡ଼ାଇ ନେଇ ଧୁଳିଗଡ଼ା ଜଙ୍ଗଲ ଆଡ଼କୁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ଯାଜପୁର ରୋଡ୍ ଥାନାରେ ମାମଲା ନଂ-୩୬୪/୨୦୨୬ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ସାଗର ପାତ୍ର, ସୋନୁ ସେଠୀ, ସଞ୍ଜୟ ପାତ୍ର, ମନୋଜ ପାତ୍ର, ଜଡା ଓରଫ ପଞ୍ଚୁ ପାତ୍ର ଏବଂ ଏସ୍.କେ. କାଲୁ ଓରଫ କାଲିମୁଦ୍ଦିନଙ୍କୁ ଗିରଫ କରାଯାଇଛି।

## ବ୍ରାଉନସୁଗର ଓ ଗଞ୍ଜେଇ ଚୋର କାରବାରରେ ଜଣେ ଗିରଫ



ଫୁଲବାଣୀ,୧୦।୬ (ସଂଚାର ବ୍ୟୁରୋ): ଟାଉନପୋଲିସ ଏକ ବ୍ରାଉନସୁଗାର ଚୋର ଚାଲାଣ କରୁଥିବା ଗ୍ୟାଙ୍ଗ କୁ ଠାବ କରିଥିବାବେଳେ ଖୋର୍ଦ୍ଧାରୁ ଫୁଲବାଣୀକୁ ବ୍ରାଉନ ସୁଗାର ଚାଲାଣ ସମୟରେ ଫୁଲବାଣୀ ନାରାୟଣ ରୋଡ ନିକଟରେ ମାଡି ବସିଲା ପୋଲିସ। ସୂଚନା ପ୍ରକାରେ କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦ ଙ୍କ ନିର୍ଦ୍ଦେଶ କର୍ମେ ଫୁଲବାଣୀ ଆଦର୍ଶ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ଏକ ସ୍ୱତନ୍ତ୍ର ଟିମ କରି ଅଭିଯୁକ୍ତଙ୍କୁ ଟ୍ରାକ କରି ଫୁଲବାଣୀ ନାରାୟଣ ରୋଡ ରେ ନିକଟରେ ବାଇକ ସହ ଅଭିଯୁକ୍ତଙ୍କୁ ମାଡ଼ିବସିଥିଲେ। ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ସାହିର ସୁନୀଲ ମହାନ୍ତି ୨୮ ବର୍ଷ। ଏହି ଘଟଣାରେ ଟାଉନ ଥାନାରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ପୋଲିସ। ଅଭିଯୁକ୍ତ ଠାରୁ ୮.୭ ଗ୍ରାମ ଜବତ ହୋଇଥିବାବେଳେ ରାସ୍ତାରେ ୪୦ ଗ୍ରାମ ରୁ ଉର୍ଦ୍ଧ୍ୱ ବିକ୍ରି କରିଥିବା ପୋଲିସ ଆଗରେ କହିଛି ଅଭିଯୁକ୍ତ। ଫୁଲବାଣୀରେ ଗୋଟିଏ ପାଉଚ ୭୦୦ ଟଙ୍କାରେ ବିକ୍ରି କରିଥିବା ଅଭିଯୁକ୍ତ କହିଛି।

## ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକଙ୍କ ପନିପରିବା ଚାଷ ପ୍ରଦର୍ଶନ



ଫୁଲବାଣୀ,୧୦।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ସମନ୍ୱୟ ଆଦିବାସୀ ଉନ୍ନୟନ ବିଭାଗ ର ପ୍ରକଳ୍ପ ପ୍ରଶାସକ ଯୁଧିଷ୍ଠିର ମେହେର ଦିନିକିଆ ଫିରିଙ୍ଗିଆ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ ମାନଙ୍କରେ ହୋଇଥିବା ପାରିବା ଚାଷ ବୁଲି ଦେଖିଛନ୍ତି ତେବେ କିଛିମାସ ଆଗରୁ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ବିଭିନ୍ନ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଦ୍ୱାରା ଜୈବିକ ଖତ, ବିଭିନ୍ନ ପାଣିରିବା ମଞ୍ଜି, ଜଳ ସେଚନ ପାଇଁ ସୋଲାର ପମ୍ପ ଓ ବୋରୱେଲ, ଚାଷ କରିବା ପାଇଁ ପାୱାର ଟିଲର ଜୋ ଗାଇ ଦିଆଯାଇଥିଲା ଏହି ଯୋଜନାରେ ଚାଷୀ ମନେ ପାରିବା ଚାଷ କରି ବେଶ ଲାଭବାନ ମଧ୍ୟ ହୋଇପାରିଛନ୍ତି ଓ ତେବେ ବିଶେଷ କରି ଏହି ଫିରିଙ୍ଗିଆ ବ୍ଲକ ର ଡିଣ୍ଡିରା ଗାଁ ପଞ୍ଚାୟତ ଅଧୀନରେ ଥିବା କୁତୁକି ଗାଁ ଓ ବନ୍ଧଗଡ଼ ପଞ୍ଚାୟତ ଅଧୀନରେ ଥିବା ମଣି ପଦର ଠାରେ ଚାଷୀ ମନେ ଭେଣ୍ଡି, ମିଠା ମକା, ବାଇଗଣ, କଖାରୁ ଚାଷ କରି ଲାଭବାନ ହୋଇଛନ୍ତି ତେବେ ପ୍ରକଳ୍ପ ପ୍ରଶାସକ ଏହି ଚାଷ ଗୁଡ଼ିକର କ୍ଷେତ୍ର ପ୍ରଦର୍ଶନ କରି ଚାଷୀ ମାନଙ୍କ ସହ କଥା ହେବା ସହ ପନିପରିବାର କିଭଳି ଭାବରେ ଉଚିତ ବିକ୍ରିବଟା ହୋଇପାରିବ ସେନେଇ ଆଲୋଚନା କରିଛନ୍ତି ଏହାସହ ଆଗାମୀ ଦିନରେ ଆହୁରି ଅନେକ ଚାଷୀ ମାନଙ୍କୁ ବିଭାଗ ତରଫରୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି ତେବେ ପ୍ରକଳ୍ପ ପ୍ରଶାସକ ଙ୍କ ଏହି କ୍ଷେତ୍ର ପରିଦର୍ଶନ ସମୟରେ ବିଭାଗ ର ପ୍ରକଳ୍ପ ମ୍ୟାନେଜର ପି ମୁରଲୀ ମୋହନ, ଉଦ୍ୟାନ ବିଭାଗ ର ମହିଳା କର୍ମଚାରୀ ଶୁଭଶ୍ରୀ ମହାନ୍ତି, ବ୍ଲକ ଜୀବିକା ବିଶେଷଜ୍ଞ ଶ୍ରୀପତି ପାତ୍ର, ଅଞ୍ଚଳର ବିଶିଷ୍ଟ ଚାଷୀ ନେତା ବଡଣା କହଁର ଙ୍କ ସହ ଚାଷୀ ମନେ ଉପସ୍ଥିତ ଥିଲେ।

## ନିଶ୍ଚିନ୍ତକୋଇଲିର ଦୁଇ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

# ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ସାମ୍ବାଦିକ ମହଲରେ ଦାବି



ନିଶ୍ଚିନ୍ତକୋଇଲି, ୧୦।୬(ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଗଡ଼ିଜଙ୍ଗ ଠାରେ କାର୍ଯ୍ୟରତ ଦୁଇ ସାମ୍ବାଦିକ ଉପରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିବାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ପ୍ରକାଶଥାଉକି ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତର ବେଗୁନିଆପଦା ଗ୍ରାମର ଲକ୍ଷ୍ମଣ କୁମାର ଦାସ ଓ କୁରୁଜଙ୍ଗା ପଞ୍ଚାୟତ ସବଳକଣା ଗ୍ରାମର ସଞ୍ଜୟ କୁମାର ବେହେରା ନିଶ୍ଚିନ୍ତକୋଇଲିରେ ସାମ୍ବାଦିକତା କରନ୍ତି। ମଙ୍ଗଳବାର ଅପରାହ୍ନରେ ଏହି ଦୁଇଜଣ ଏକ ବାଇକରେ ନରେନ୍ଦ୍ରପୁର ଅଞ୍ଚଳକୁ ଖବର ସଂଗ୍ରହ ନିମନ୍ତେ ଯାଇଥିବା ବେଳେ ଗଡ଼ିଜଙ୍ଗ ଠାରେ ଯୋଜନାବଦ୍ଧ ଭାବେ ଏକ କାରରେ ୫ ରୁ ୬ଜଣ ଅଜଣା ଦୁର୍ବୃତ୍ତ ତାଙ୍କ ପଛରୁ ଆସି ବାଇକ ଆଗରେ କାରକୁ ରଖି ରାସ୍ତା ଅବରୋଧ କରିଥିଲେ। ସାମ୍ବାଦିକ ଦ୍ୱୟ ଗାଡ଼ିରୁ ଓହ୍ଲାଇବା କ୍ଷଣି ଦୁର୍ବୃତ୍ତମାନେ ବିଭିନ୍ନ ମାରାଣାସ୍ତ୍ର ଦ୍ୱାରା ସେମାନଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣର ଚିତ୍କାର ଶୁଣି ସ୍ଥାନୀୟ ଲୋକ ଦୌଡ଼ି ଆସିବାରୁ ଦୁର୍ବୃତ୍ତ ମାନେ ସେଠାରୁ ଖସି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ଦୁଇ ସାମ୍ବାଦିକଙ୍କୁ ଉଦ୍ଧାର କରି ନରେନ୍ଦ୍ରପୁର ଫାଣ୍ଡି ଓ ନେମାଳ ଥାନା ପୋଲିସ ସହାୟତାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦବେଗଜନକ ହେବାରୁ ଡାକ୍ତର ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲ ପଠାଇଥିଲେ। ଏହି ଘଟଣାକୁ ନେଇ ନିଶ୍ଚିନ୍ତକୋଇଲି, ସାଲେପୁର, ମାହାଙ୍ଗା, କିଶୋରନଗର ପ୍ରଭୃତି ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଗଛ ଡାଳ ପଡ଼ି ମହିଳାଙ୍କ ମୃତ୍ୟୁ

କୋରାପୁଟ, ୧୦।୬(ସଂଚାର ବ୍ୟୁରୋ): କୋରାପୁଟରେ ବଣଭୋଜି କରିବାକୁ ଯାଇଥିବା ଏକ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। କାଳବୈଶାଖୀ ଜନିତ ପ୍ରବଳ ପବନରେ ଗଛର ଏକ ବଡ଼ ଡାଳ ଭାଙ୍ଗି ପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କୋରାପୁଟ ସହରର ସୁଶାନ୍ତ କୁମାର ସାହୁଙ୍କ ପରିବାର ଦୟାନିଧିଗୁଡ଼ା ନିକଟସ୍ଥ ଜଙ୍ଗଲ ଅଞ୍ଚଳକୁ ବଣଭୋଜି ପାଇଁ ଯାଇଥିଲେ। ରୋଷେଇ ସରିବା ପରେ ସମସ୍ତେ ଭୋଜନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ବହିଥିଲା। ଏହି ସମୟରେ ନିକଟରେ ଥିବା ଏକ ବଡ଼ ଗଛର ଡାଳ ଭାଙ୍ଗି ପଡ଼ି ସୁଶାନ୍ତ କୁମାର ସାହୁଙ୍କ ସ୍ତ୍ରୀ ଅମ୍ବିକା ସାହୁଙ୍କୁ ଗୁରୁତର ଭାବେ ଆହତ କରିଥିଲା। ଘଟଣାସ୍ଥଳରେ ଅମ୍ବିକା ଅଚେତ ହୋଇ ପଡ଼ିଥିବାବେଳେ ପରିବାର ଲୋକେ ତାଙ୍କୁ ତୁରନ୍ତ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମତ୍ସ୍ୟଚାଷର ବିକାଶ ପାଇଁ ସଚେତନତା ଶିବିର





ଧାମନଗର,୧୦।୬ (ସଂଚାର ବ୍ୟୁରୋ): ଧାମନଗର ବ୍ଲକରେ ମତ୍ସ୍ୟଚାଷର ଉତ୍ପାଦନ ବୃଦ୍ଧି ଏବଂ ଏହି କ୍ଷେତ୍ରକୁ ଆଗକୁ ନେବା ଲକ୍ଷ୍ୟ ନେଇ ଏକ ଦିବସୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କିପରି ଅତ୍ୟାଧୁନିକ ପଦ୍ଧତିରେ ମତ୍ସ୍ୟଚାଷ କରି ଅଧିକ ଲାଭବାନ ହୋଇପାରିବେ, ସେ ସମ୍ପର୍କରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ତୁନିବାଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଡିଓ ବନାବିହାରୀ ଦିଣ୍ଡା, ବିଏଓ ଅନୁରାଧା ପଣ୍ଡା, ଡିଏଫଓ ଅମର କୁମାର ସାହୁ, ଏଏଫଓ ଆୟୁଷ୍ମାନ କରଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ର (କଠକ) ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ସାମନ୍ତରାୟ ଓ ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଡ. ସଞ୍ଜୟ କୁମାର ମହାନ୍ତି, ସହକାରୀ ଉଦ୍ୟାନ ଅଧିକାରୀ ମହେନ୍ଦ୍ର ସ୍ୱାଇଁ ଯୋଗ ଦେଇ ଚାଷୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଇଡବ୍ଲୁ ମନୋଜ ନନ୍ଦି, ଦିଲ୍ଲୀପ କୁମାର ସାହୁ, ମୌସୁମୀ ଜେନା ଏବଂ ସାଗର ମିତ୍ର ବିଭୂତି ଭୂଷଣ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।ଶିବିରରେ ମତ୍ସ୍ୟଚାଷର ଉପାଦେୟତା ସମ୍ପର୍କରେ ଆଲୋଚନା କରାଯାଇ କୁହାଯାଇଥିଲା ଯେ, ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟଚାଷ କରିବା ଦ୍ୱାରା ଚାଷୀମାନେ କମ୍ ଖର୍ଚ୍ଚରେ ଅଧିକ ଅମଳ ପାଇପାରିବେ। ଏହା କେବଳ ପାରିବାରିକ ଆୟ ବୃଦ୍ଧି କରିବ ନାହିଁ ବରଂ ନିଯୁକ୍ତି ସୁଯୋଗ ସୃଷ୍ଟି କରି ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବାରେ ବଡ଼ ଭୂମିକା ଗ୍ରହଣ କରିବ।

# ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ମଧ୍ୟରେ ମହଙ୍ଗା ଚର୍ଚ୍ଚା



- କାଠ -ଚୁଲିକୁ ଫେରିଲେଣି ଅସ୍ତରଙ୍ଗ, କାକଟପୁର ଅଞ୍ଚଳର ମହିଳା
- ପଞ୍ଚାୟତ ନିର୍ବାଚନରେ ହେବ କି ସମିତିରେ ସିଂହାସନ ପରିବର୍ତ୍ତନ ?

କାକଟପୁର /ଅସ୍ତରଙ୍ଗ,୧୦।୬ (ସଂଚାର ବ୍ୟୁରୋ): ରାଜ୍ୟରେ ସରକାରଙ୍କୁ ଦୁଇ ବର୍ଷ ପୂରଣ ହେବାକୁ ଯାଉଛି। ଏହି ଦୁଇ ବର୍ଷ ମଧ୍ୟରେ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ଦାବି କରୁଥିବା ବେଳେ ସାଧାରଣ ଜନତାଙ୍କ ରୋଷେଇ ଘର ଉପରେ କିନ୍ତୁ ମହଙ୍ଗା ମାଡ ଜାରି ରହିଛି। ଗ୍ୟାସ ସିଲିଣ୍ଡର ଦର ୯୮୦ଟପିଥିବା ବେଳେ ପେଟ୍ରୋଲ ଲିଟର ପିଛା ୧୧୦ ଟଙ୍କା ଉପରେ ରହିଛି। ଚାଉଳ, ଡାଲି, ତେଲ, ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ୩୦ରୁ ୪୦ ପ୍ରତିଶତ ବୃଦ୍ଧି ପାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଏକ କୃଷି ଓ ମତ୍ସ୍ୟଜୀବୀ ପ୍ରଧାନ ଅଞ୍ଚଳ। ଏଠାରେ ଅଧିକାଂଶ ଲୋକ ଦିନ ମଜୁରିଆ ଓ ଛୋଟ ଚାଷୀ। ଦରଦାମ ବୃଦ୍ଧି ସେମାନଙ୍କ ପରିବାର ବଜେଟକୁ ବିଗାଡି ଦେଇଛି। ମହିଳାମାନେ କହୁଛନ୍ତି, 'ଗ୍ୟାସ ଦାମ ବଢିବାରୁ ପୁଣି କାଠ-ଗୋବର ଘସି ଚୁଲିକୁ ଫେରିବାକୁ ପଡୁଛି। ପେଟ୍ରୋଲ, ଡିଜେଲ ଦାମ ବଢିବାରୁ ବସ, କାର ଭଡା ବଢିଛି, ମାଛ ମାରିବାକୁ ଡଙ୍ଗା ନେବା କଷ୍ଟ ହେଲାଣି।'ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ଦରଦାମ ବୃଦ୍ଧି ଶାସକ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। ଅସ୍ତରଙ୍ଗ ଅଞ୍ଚଳରେ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଦେଖାଯାଉଛି। ସ୍ଥାନୀୟ ବୁଦ୍ଧିଜୀବୀ ରମେଶ ଚନ୍ଦ୍ର ସ୍ୱାଇଁ କହିଛନ୍ତି 'ଲୋକେ ବଡ ଯୋଜନା ନୁହେଁ, ନିଜ ପେଟ କଥା ପ୍ରଥମେ ବୁଝନ୍ତି। ଦରଦାମ ନିୟନ୍ତ୍ରଣ ନହେଲେ ଆଗାମୀ ପଞ୍ଚାୟତ ନିର୍ବାଚନ ରେ ଶାସକ ଦଳକୁ ଭୋଟ ବାକ୍ସରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ।' ଅନ୍ୟପକ୍ଷରେ ବିଜେପିର ଜଣେ ସ୍ଥାନୀୟ ନେତା କହିଛନ୍ତି, 'ଅନ୍ତର୍ଜାତୀୟ ବଜାର ଯୋଗୁଁ ଦାମ ବଢିଛି। ସରକାର ଗରିବଙ୍କ ପାଇଁ ମାଗଣା ଚାଉଳ, ଆବାସ, ଆୟୁଷ୍ମାନ ଭାରତ ଦେଉଛନ୍ତି। ଲୋକେ ବିକାଶ ଦେଖି ଭୋଟ ଦେବେ।' ବିରୋଧୀ ଦଳ ତରଫରୁ ହୃଷିକେଶ ମଲ୍ଲିକ କହିଛନ୍ତି ଯେ ସରକାର କେବଳ ଘୋଷଣା କରୁଛନ୍ତି, କିନ୍ତୁ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରୁନାହାନ୍ତି। ଯୁଗ୍ମ ଜନଶୁଣାଣୀରେ ମଧ୍ୟ ଅଧିକାରୀ ଆସୁନାହାନ୍ତି, ଦରଦାମ କମାଇବାକୁ କୌଣସି ପଦକ୍ଷେପ ନାହିଁ।ତେବେ ଦୁଇ ବର୍ଷ ପୂର୍ତ୍ତିର ଉତ୍ସବ ମଧ୍ୟରେ ଦରଦାମ ବୃଦ୍ଧି ପ୍ରସଙ୍ଗ ପଞ୍ଚାୟତ ନିର୍ବାଚନର ମୁଖ୍ୟ ଏଜେଣ୍ଡା ହେବ ବୋଲି ରାଜନୈତିକ ବ୍ୟକ୍ତି ମତ ଦେଇଛନ୍ତି। ଅସ୍ତରଙ୍ଗ ଓ କାକଟପୁର ବାସୀ ସରକାରଙ୍କ ଉପରେ ଆସ୍ଥା ରଖିବେ ନା କାକଟପୁର, ଅସ୍ତରଙ୍ଗ ପଞ୍ଚାୟତ ସମିତି ସିଂହାସନ ପରିବର୍ତ୍ତନ ଚାହିଁବେ, ତାହା ସମୟ କହିବ।

# ହାରୁ ନେତାଙ୍କ ସହ ସଂଗଠନ ଓ ସମସ୍ୟା ନେଇ ନବୀନଙ୍କ ବୈଠକ

● ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ

● ନାରୀ ଅଧିକାର ଅଭିଯାନର ବିପୁଳ ସଫଳତା ପରିବର୍ତ୍ତନର ସୂଚନା



ଭୁବନେଶ୍ୱର,୧୦।୬(ସଂଚାର ବ୍ୟୁରୋ): ଦୀର୍ଘ ଦିନର ବ୍ୟବଧାନ ପରେ ଆଜି ପୁଣି ଥରେ ଦଳକୁ କ୍ରିୟାଶୀଳ କରିବାକୁ ଚେଷ୍ଟା କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ଗତ ସାଧାରଣ ନିର୍ବାଚନରେ ହାରିଥିବା ନେତାଙ୍କ ସହ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଦଳର ସାଙ୍ଗଠନିକ ସ୍ଥିତି ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନବୀନ କହିଥିଲେ ଯେ ଗତ ଦୁଇ ବର୍ଷରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଜନସାଧାରଣ ଭୟରେ ରହିଛନ୍ତି। ହତ୍ୟା, ଧର୍ଷଣ, ଲୁଟ୍, ନାରୀ ନିର୍ଯାତନା ଆଦି ଅପରାଧ ସୀମା ଲଙ୍ଘିସାରିଲାଣି। ଅର୍ଥନୈତିକ ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ବିଜେଡି ସରକାର କ୍ଷମତାରୁ ଯିବା ସମୟରେ ୪୫ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡ଼ିଯାଇଥିଲା ବେଳେ ଏବେ ରାଜ୍ୟର ଋଣ ଭାର ବଢ଼ିଚାଲିଛି। ଦୁଃଖର କଥା ବୁଢ଼ାବୁଢ଼ୀ, ଭିନ୍ନକ୍ଷମମାନଙ୍କୁ ସାମାଜିକ ସୁରକ୍ଷା ପେନ୍‌ସନ୍ ମଧ୍ୟ ଏ ସରକାର ଅମଳରେ ମିଳୁନାହିଁ। ଓଡ଼ିଶା ଶାସନରେ ଏଭଳି ଅବ୍ୟବସ୍ଥା କୌଣସି ସରକାର ଅମଳରେ ଦେଖା ନ ଥିଲା ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ସେ କହିଥିଲେ ଯେ ବିଜେଡିର ୨୪ ବର୍ଷ ଶାସନ ସମୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଭଲ କାମ କରି ସାରା ଦେଶରେ ନିଜର ଏକ ଉଜ୍ଜ୍ୱଳ ପରିଚୟ ସୃଷ୍ଟି କରିଥିଲା। ବିପର୍ଯ୍ୟୟ ପ୍ରଶମନ ଓ ଖାଦ୍ୟ ସୁରକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, ଜଳସେଚନ, ଭିତ୍ତିଭୂମି ଆଦିର ବିକାଶ, ଚାଷୀ, ମହିଳା ଓ ଗରିବ ଲୋକଙ୍କ କଲ୍ୟାଣ ପାଇଁ ଅନେକ ଭଲ କାମ କରିଥିଲା। ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଖେଇ ଆସିଲାଣି। ସେଥିପାଇଁ ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ପ୍ରସ୍ତୁତି ଆରମ୍ଭ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ସୋସିଆଲ ମିଡିଆ ଉପରେ ଅଧିକ ଧ୍ୟାନ ଦେବାକୁ ସେ ଗୁରୁତ୍ୱ ଦେଇଥିଲେ।

ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଏସଆଇଆର ଉପରେ ଆଲୋକପାତ କରି ସେ କହିଥିଲେ ଅନ୍ୟ ରାଜ୍ୟରେ ଘଟିଥିବା ଘଟଣାବଳୀକୁ ଦୃଷ୍ଟିରେ ରଖି ଆମକୁ ସତର୍କ ଓ ସଜାଗ ରହି କାମ କରିବାକୁ ପଡ଼ିବ। ସାମାନ୍ୟ ତ୍ରୁଟି ପାଇଁ ଯେପରି ଜଣେ ବି ଯୋଗ୍ୟ ଭୋଟରର ନାମ ବାଦ୍ ନ ଯିବ, ସେଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସରକାରଙ୍କ ବିଫଳତା ବିଶେଷକରି ମହିଳା ସଂରକ୍ଷଣ କ୍ଷେତ୍ରରେ ବିଜେପିର ଛଳନାପୂର୍ଣ୍ଣ ଆଚରଣର ବିରୋଧ କରି ବିଜେଡି ପକ୍ଷରୁ ଚାଲିଥିବା ନାରୀ ଅଧିକାର ଅଭିଯାନର ବିପୁଳ ସଫଳତା ପରିବର୍ତ୍ତନର ସୂଚନା ଦେଉଛି ବୋଲି ନବୀନ କହିଥିଲେ।

# ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ପାଇଁ ସୁରକ୍ଷା କଡ଼ାକଡ଼ି

● ସଭାସ୍ଥଳ ଓ ରାସ୍ତାରେ ବହୁସ୍ତରୀୟ ସୁରକ୍ଷା ବଳୟ

● କ୍ରିୟାଶୀଳ ହେବ ବୈଷୟିକ ଟିମ୍ ଓ ଆଣ୍ଟି-ସାବୋଟାଜ୍ ସିଷ୍ଟମ

● ସୀମାନ୍ତରେ ନାକାବନ୍ଦୀ ସହ ପାଟ୍ରୋଲିଂ କଡ଼ାକଡ଼ି ନିର୍ଦ୍ଦେଶ



ଭୁବନେଶ୍ୱର,୧୦।୬(ସଂଚାର ବ୍ୟୁରୋ): ଆସନ୍ତା ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଓ ନିର୍ବିଘ୍ନ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜନସମାଗମ ହେବାର ସମ୍ଭାବନା ଥିବାରୁ ସମସ୍ତ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯିବ। ହେଲିପ୍ୟାଡ୍, ସଭାସ୍ଥଳ ଓ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ବହୁସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟି-ସାବୋଟାଜ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ଲୋକଙ୍କ ଯାତାୟାତରେ ଯେପରି ବାଧା ସୃଷ୍ଟି ନ ହେବ, ସେଥିପାଇଁ ମୟୂରଭଞ୍ଜର ପ୍ରମୁଖ ସଡ଼କଗୁଡ଼ିକରେ ଆବଶ୍ୟକ ଟ୍ରାଫିକ ଡାଇଭର୍ସନ ବ୍ୟବସ୍ଥା କରାଯିବ ଏବଂ କାର୍ଯ୍ୟକ୍ରମ ସ୍ଥଳ ନିକଟରେ ଅତିରିକ୍ତ ପାର୍କିଂସ୍ଥଳୀ ଚିହ୍ନଟ କରାଯାଇଛି। ସେହିପରି ଭିଡ଼ ନିୟନ୍ତ୍ରଣ ଓ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏସଓଜି, ଷ୍ଟ୍ରାଇକିଂ ଫୋର୍ସ ଓ କେ-୯ ସ୍ପେଶାଲ ସ୍କ୍ୱାଡ୍ ନିୟୋଜିତ କରାଯିବ। ଏହାଛଡ଼ା ସମଗ୍ର ଅଞ୍ଚଳର ନିରୀକ୍ଷଣ ପାଇଁ ଅତିରିକ୍ତ ସିସିଟିଭି କ୍ୟାମେରା ଓ ଡ୍ରୋନ୍ ସର୍ଭେଲାନ୍ସର ବ୍ୟବସ୍ଥା କରାଯିବ। ମୟୂରଭଞ୍ଜ ଏକ ସୀମାନ୍ତ ଜିଲ୍ଲା ହୋଇଥିବାରୁ ସୀମାନ୍ତରେ ନାକାବନ୍ଦୀ ଓ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ। ଏଥିସହ ସ୍ଥାନୀୟ ହୋଟେଲ, ଲଜ୍ ଓ ଅନ୍ୟାନ୍ୟ ଆବାସିକ ସ୍ଥାନଗୁଡ଼ିକରେ ନିୟମିତ ଯାଞ୍ଚ ଓ ତଦାରଖ ଜାରି ରଖିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆପାତକାଳୀନ ଚିକିତ୍ସା ସେବା, ଅଗ୍ନିଶମ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ଓ ଜିଲ୍ଲା ପ୍ରଶାସନ ସହ ତ୍ୱରିତ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତତ୍କାଳ ମୁକାବିଲା କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି।

# ଚୋରି ଧାନ ନେଇଯାଉଥିବା ବେଳେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ



ଅତାବିରା,୧୦।୬(ସଂଚାର ବ୍ୟୁରୋ): ରାଜ୍ୟରେ ରବି ଧାନ କିଣାବିକା ଅବଧି ଯେତେ ବିତୁଛି, ସେତିକି ଚାଷୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। କେତେବେଳେ ଟୋକନ ତ ଆଉ କେତେବେଳେ କଟନୀ ଛଟନୀ ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ତାହା ସତ୍ତ୍ୱେ ଯେତେବେଳେ ମଣ୍ଡି ଧାନ ମିଲର୍ସ ହେଡ଼୍‌କୁ ଆସୁଛି, ସେଠାରେ ବି ଚାଷୀଙ୍କୁ ହଇରାଣ ହରକତ ହେବାକୁ ପଡୁଛି। ଏପରି ଏକ ଘଟଣା ବୁଧବାର ଚୋରି ଧାନ ବୋଝେଇ ଟ୍ରକ ଜବତ ହେବା ପରେ ସାମ୍ନାକୁ ଆସିଛି। ସମ୍ବଲପୁର ଜିଲ୍ଲା ଠେମରା ସୋସାଇଟି ମାଧ୍ୟମରେ ଗତ ୬ ତାରିଖରେ ମାନେଶ୍ୱର ବ୍ଲକ ଗମ୍ଭାରକଟା ଗ୍ରାମର ଚାଷୀ ଶୁଭମ ସାହୁଙ୍କ ୫୬୩ ପ୍ୟାକେଟରେ ୨୨୪ କ୍ୱିଣ୍ଟାଲ ଧାନ ଜଗଦମ୍ବା ରାଇସ ଇଣ୍ଡଷ୍ଟ୍ରିକୁ ଆସିଥିଲା। ଧାନ ଆସିଥିବା ଟ୍ରକ ନମ୍ବର ଓଡି୧୫ଏସ୍ ୧୮୮୭ ସେବେଠାରୁ ଜଗଦମ୍ବା ରାଇସ ଇଣ୍ଡଷ୍ଟ୍ରି ସାମ୍ନାରେ ଛିଡ଼ା ହୋଇ ରହିଥିଲା। ଚାଷୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଟ୍ରକରୁ ଧାନ ଅନଲୋଡ୍ କରାଯାଉନଥିବା ଅଭିଯୋଗ ହୋଇଥିଲା। ତେବେ ଜଗଦମ୍ବା ରାଇସ ଇଣ୍ଡଷ୍ଟ୍ରି ସାମ୍ନାରେ ଛିଡ଼ା ହୋଇଥିବା ଟ୍ରକଟି ବୋଝେଇ ହୋଇଥିବା ଧାନ ସହ ଗତକାଲି ରାତିରେ ଚୋରି ହୋଇଯାଇଥିଲା। ଉକ୍ତ ଟ୍ରକ୍‌ଟି ଚୋରି ଧାଇ ନେଇ ପଳାଉଥିବା ସମୟରେ କୌଣସି କାରଣବଶତଃ ଅତାବିରା ଥାନା ତଥା ଗୋଡ଼ଭଗା ଫାଣ୍ଡି ଅଧୀନସ୍ଥ ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର କୁମ୍ଭେଲସିଂହା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଘଟଣାସ୍ଥଳରୁ ଚୋରି କରିନେଉଥିବା ଚୋର ଫେରାର ହୋଇଯାଇଛି। ଏନେଇ ଖବର ପାଇ ଗୋଡ଼ଭଗା ଫାଣ୍ଡି ଅଧିକାରୀ ଗଣେଶ ବାରିକ ଟ୍ରକ୍‌କୁ ଜବତ କରି ତନାଘନା କରିବା ପରେ ଘଟଣା ପଦାକୁ ଆସିଥିଲା। ଏନେଇ ଅତାବିରା ଥାନାରେ ଏକ ମାମଲା ଦାୟର ହୋଇଥିବା ବେଳେ ପୁଲିସ୍ ଅଜଣା ଚୋରକୁ ଖୋଜୁଥିବା ଜଣାପଡ଼ିଛି।

# ୧୫ ଅଧିକାରୀଙ୍କୁ ୧୭ ଜିଲ୍ଲା ନିରୀକ୍ଷଣ ଦାୟିତ୍ୱ

● ୧୫ ଦିନରେ ସମୀକ୍ଷା ରିପୋର୍ଟ ଦାଖଲ ବାଧ୍ୟ

ଭୁବନେଶ୍ୱର,୧୦।୬(ସଂଚାର ବ୍ୟୁରୋ): ଏକାଧିକ ହାଜତ ମୃତ୍ୟୁ, ଭିଡ଼ ହିଂସା, ଥାନାରେ କଏଦୀଙ୍କୁ 'ଥାର୍ଡ ଡିଗ୍ରୀ' ଭଳି ଅଘଟଣ ପାଇଁ ପୁଲିସ ବିବାଦୀୟ ହୋଇପଡ଼ିଛି। ଅପରାଧୀମାନେ ଖୁଲମଖୁଲ୍ଲା ଆଇନକୁ ହାତକୁ ନେଉଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟୟ ସ୍ଥିତି ସହ ପୁଲିସର ଆଚରଣ ଓ ଦୋଷ ଦୁର୍ବଳତା ପଦାରେ ପଡ଼ିବା ପରେ ଏବେ ରାଜ୍ୟ ପୁଲିସର ଚେତା ପଶିଛି। ଏଣିକି ଅପରାଧପ୍ରବଣ ୧୭ଟି ଜିଲ୍ଲାକୁ ଜଗିବେ ୧୫ ବରିଷ୍ଠ ଆଇପିଏସ୍। ଏମାନେ ନିଜ ନିଜ ଜିଲ୍ଲାର ଅପରାଧ ସ୍ଥିତିର ସ୍ୱତନ୍ତ୍ର ନିରୀକ୍ଷଣ କରିବେ। ଆଇନଶୃଙ୍ଖଳା ବ୍ୟବସ୍ଥାକୁ ତନ୍ନତନ୍ନ କରି ତଦାରଖ କରିବେ। ଆସନ୍ତା ଜୁଲାଇ ପହିଲାରୁ ଏହି ବ୍ୟାପକ ସମୀକ୍ଷା ଓ ଯାଞ୍ଚ ପ୍ରକ୍ରିୟା କରିବା ପାଇଁ ସମ୍ପୃକ୍ତ ଆଇପିଏସ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ବାର୍ଷିକ ବ୍ଲକ ନିରୀକ୍ଷଣ କାର୍ଯ୍ୟକ୍ରମ-୨୦୨୬ ଅନ୍ତର୍ଗତ ପୁଲିସ ଡିଜି ପାହ୍ୟାଠାରୁ ଆରମ୍ଭ କରି ଆଇଜି ପାହ୍ୟା ପର୍ଯ୍ୟନ୍ତ ୧୫ ଜଣ ବରିଷ୍ଠ ଆଇପିଏସଙ୍କୁ ବଛାଯାଇଛି। ସମ୍ପୃକ୍ତ ଆଇପିଏସ୍ ଅଫିସରମାନେ ନିଜ ନିଜ ଜିଲ୍ଲା ଗସ୍ତ କରି ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ, ପୁଲିସ ଥାନାର କାର୍ଯ୍ୟକାରିତା, ଜିଲ୍ଲା ପୁଲିସ କାର୍ଯ୍ୟାଳୟ, ସଂରକ୍ଷିତ କାର୍ଯ୍ୟାଳୟ ଓ ସାମଗ୍ରିକ ପୁଲିସ ପରିଚାଳନାର ତଦାରଖ କରିବେ। ଆଇପିଏସ୍‌ମାନେ ସେମାନଙ୍କ ଜିଲ୍ଲା ଗସ୍ତର ୧୫ ଦିନ ମଧ୍ୟରେ ନିରୀକ୍ଷଣ ସାରି ନିଜର ସମୀକ୍ଷା ରିପୋର୍ଟ ଦାଖଲ କରିବାକୁ ବାଧ୍ୟତାମୂଳକ କରାଯାଇଛି।

# ଟ୍ରକ୍ ଧକ୍କାରେ ୨ ଡ୍ରାଇଭର ମୃତ

● ରାସ୍ତା କଡ଼ରେ ଛିଡ଼ା ହୋଇଥିବା ବେଳେ ଚଢ଼ିଗଲା କଣ୍ଟେନର୍



କେସିଙ୍ଗା, ୧୦।୬ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ୨୬ ନଂ ଜାତୀୟ ରାଜପଥ କେସିଙ୍ଗା ନିକଟସ୍ଥ ଖଜୁରିପଡ଼ା ରାସ୍ତା କଡ଼ରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। ଦୁଇ ଟ୍ରକ୍ ଡ୍ରାଇଭରଙ୍କୁ ଚାପି ଦେଇଛି ଏକ ଦ୍ରୁତଗାମୀ କଣ୍ଟେନର୍। ଫଳତଃ ଘଟଣାସ୍ଥଳରେ ୨ ଡ୍ରାଇଭରଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ତେବେ ମୃତ ୨ ଡ୍ରାଇଭରଙ୍କ ପରିଚୟ ମିଳିପାରି ନ ଥିବା ବେଳେ କଣ୍ଟେନର ଗାଡ଼ିଟି ଫେରାର୍ ହୋଇଯାଇଛି। ଖବର ପାଇ କେସିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ୨ ଡ୍ରାଇଭର ଧାନ ବୋଝେଇ ଟ୍ରକ ନେଇ ଖାଲି କରିବାକୁ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ସମୟରେ ଦ୍ରୁତଗାମୀ କଣ୍ଟେନର୍ ସେମାନଙ୍କୁ ଧକ୍କା ଦେବା ସହ କିଛି ବାଟ ଘୋଷାଡ଼ି ନେଇଥିଲା। ଫଳରେ ଦୁଇ ଡ୍ରାଇଭରଙ୍କ କ୍ଷତବିକ୍ଷତ ମୃତଦେହ ରାସ୍ତାରେ ପଡ଼ିରହିଛି। ଏହି ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ପୁଲିସ୍ ସେମାନଙ୍କୁ ବୁଝାଇବା ସକାଶେ ଉଦ୍ୟମ ଚଳାଇଛି।

## ରାସ୍ତା ଉପରେ ଜଳିଗଲା ଟ୍ରକ୍, ବର୍ତ୍ତିଲେ ଡ୍ରାଇଭର

ନୂଆପଡ଼ା,୧୦।୬(ସଂଚାର ବ୍ୟୁରୋ): ରାସ୍ତା ଉପରେ ଜଳିଯାଇଛି ଟ୍ରକ୍। ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଶରଧାପୁର ବାବାମଠ ନିକଟସ୍ଥ ବିଜୁ ଏକ୍ସପ୍ରେସ ରାସ୍ତା ଉପରେ ଉକ୍ତ ଟ୍ରକ୍‌ଟି ଜଳିଯାଇଛି। ଟ୍ରକ ଭିତରେ ଡ୍ରାଇଭର ରୋଷେଇ କରୁଥିବା ସମୟରେ ହଠାତ ନିଆଁ ଲାଗିଯାଇଥିଲା। ତେବେ ଡ୍ରାଇଭର ଜଣଙ୍କ ସୁରକ୍ଷିତ ଭାବେ ବାହାରକୁ ଚାଲିଆସିଥିଲେ ହେଁ ତାଙ୍କ ଆଖି ସାମ୍ନାରେ ଟ୍ରକ୍‌ଟି ଜଳିଯାଇଥିଲା। ସିନାପାଲି ଦମକଳ ଗାଡ଼ି ଆସି ନିଆଁ ଲିଭାଇଥିଲେ ବି ଟ୍ରକ୍‌କୁ ରକ୍ଷା କରିପାରିନଥିଲେ। ବିଦ୍ୟୁତ ଖୁଣ୍ଟ ବୋଝେଇ ଉକ୍ତ ଟ୍ରକଟି ଧର୍ମଗଡ଼ ପଟୁ ଆସି ନୂଆପଡ଼ା ପଟେ ଯାଉଥିବା ସମୟରେ ଏପରି ଅଘଟଣର ଶିକାର ହୋଇଛି।



● ପୀତବାସ ପଣ୍ଡା ହତ୍ୟା ମାମଲା

# ବିକ୍ରମଙ୍କ ଡିସ୍‌ଚାର୍ଜ ପିଟିସନ୍‌ର ଶୁଣାଣି ସମ୍ପନ୍ନ

ବ୍ରହ୍ମପୁର,୧୦।୬(ସଂଚାର ବ୍ୟୁରୋ): ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଅଦ୍ୟାବଧି ଚାର୍ଜଫ୍ରେମ୍ ହୋଇପାରୁନି। ଅଭିଯୁକ୍ତଙ୍କ ପକ୍ଷରୁ ହୋଇଥିବା ଡିସ୍‌ଚାର୍ଜ ପିଟିସନ୍ ଶୁଣାଣି ସରି ନ ଥିବାରୁ ଚାର୍ଜଫ୍ରେମ୍ ହୋଇପାରୁନାହିଁ। ବ୍ରହ୍ମପୁର ଏଡିଜେ-୩ ବି. ଗୌତମଙ୍କ କୋର୍ଟରେ ଆଜି ଏହି ମାମଲାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ପୂର୍ବତନ ବିଜେଡି ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଡିସ୍‌ଚାର୍ଜ ପିଟିସନ୍‌ର ଶୁଣାଣି ସରିଛି। ଅନ୍ୟ ଅଭିଯୁକ୍ତ ରାଜେନ୍ଦ୍ର ସାହୁ, ଶିଶୁପାଳ ପାଶୱାନ ଓ କୁନ୍ଦନ କୁମାରଙ୍କ ଡିସ୍‌ଚାର୍ଜ ପିଟିସନ୍‌ରେ ଶୁଣାଣି ଆସନ୍ତାକାଲି କରିବାକୁ କୋର୍ଟ ତାରିଖ ଧାର୍ଯ୍ୟ କରିଥିବା ନେଇ ଆଜି ସୂଚନା ଦେଇଛନ୍ତି ଆଇନଜୀବୀ ଚକ୍ରପାଣି ନାହାକ। ସେପଟେ ହାଇକୋର୍ଟରେ ଗତ ଏପ୍ରିଲ୍ ୧୭ରେ ବିକ୍ରମ ପଣ୍ଡାଙ୍କ ଜାମିନ୍ ଶୁଣାଣି ଶେଷ ହୋଇଥିବା ବେଳେ ଏ ସଂକ୍ରାନ୍ତ ରାୟ ସଂରକ୍ଷିତ ରହିଛି। ପୀତବାସ ପଣ୍ଡା ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, କାଳୁ ଚରଣ ଭୂୟାଁ, ଯୋଗେନ୍ଦ୍ର ରାଉତ ଓ ମଦନ ଦଳେଇ ମଧ୍ୟ ଡିସଚାର୍ଜ ପିଟିସନ୍ ଦାଖଲ କରିଛନ୍ତି। ପୂର୍ବତନ ମେୟର ଶିବ ଶଙ୍କର ଦାସ (ପିଣ୍ଟୁ) ପତ୍ନୀଙ୍କ ଅସୁସ୍ଥତା ଦର୍ଶାଇ ଅନ୍ତରୀଣ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିବା ବେଳେ ଆଜି ତା'ର ଶୁଣାଣି ହୋଇଛି। ଏହି ମାମଲାରେ କୋର୍ଟ ପୁଲିସକୁ ରିପୋର୍ଟ ମାଗିଛନ୍ତି। ପୀତବାସ ପଣ୍ଡା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଉମା ବିଶୋୟୀ, କୁରୁପତି ଭୂୟାଁ ଓ ଟିଣ୍ଟୁ ପ୍ରଧାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଅଭିଯୁକ୍ତ ଏହି ମାମଲାରୁ ସେମାନଙ୍କୁ ବାଦ୍ ଦେବାକୁ ଡିସ୍‌ଚାର୍ଜ ପିଟିସନ୍ ଦାଖଲ କରିଛନ୍ତି।

# ଶାଶୂ-ଶ୍ୱଶୂରଙ୍କୁ ପୋଡ଼ିଦେଲା ଜ୍ୱାଇଁ, ଉଭୟ ଗୁରୁତର




ମୟୂରଭଞ୍ଜ,୧୦।୬(ସଂଚାର ବ୍ୟୁରୋ): ଶାଶୂ-ଶ୍ୱଶୂରଙ୍କୁ ଜାଳିଦେଲା ଜ୍ୱାଇଁ। ମୟୂରଭଞ୍ଜ ଶୁଳିଆପଦା ଥାନା ପାକଟିଆ ନାଉପଦା ଗାଁରେ ଘଟିଛି ଅଭାବନୀୟ ଘଟଣା। ଉଭୟ ଶାଶୂ-ଶ୍ୱଶୂରଙ୍କ ଉପରେ ପେଟ୍ରୋଲ ଢାଳି ସେ ନିଆଁ ଲଗାଇଦେଇଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଛି। ଏଥିସହ ଘଟଣା ପରେ ଅଭିଯୁକ୍ତ ଜ୍ୱାଇଁ ଜଣଙ୍କ ଫେରାର ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶୁଳିଆପଦା ପୁଲିସ ତଦନ୍ତ କରୁଛି। ମିଳିଥିବା ସୂଚନାନୁସାରେ, ପାରିବାରିକ କଳହକୁ କେନ୍ଦ୍ର କରି ଏହି ଅଘଟଣ ଘଟିଛି। ହଠାତ୍ ଆକ୍ରୋଶରେ ଜ୍ୱାଇଁ ଶାଶୂ ଓ ଶ୍ୱଶୂରଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଏହି ଘଟଣାରେ ଦୁହେଁ ଗୁରୁତର ଭାବେ ଆହତ ହୋଇଛନ୍ତି ଓ ତୁରନ୍ତ ବାରିପଦା ମେଡିକାଲରେ ସେମାନଙ୍କୁ ଭର୍ତ୍ତି କରାଯାଇଛି। ଏଥିସହ ସେମାନଙ୍କର ଅବସ୍ଥା ଉଦ୍‌ବେଗଜନକ ରହିଥିବା ଜଣାପଡ଼ିଛି।

# ବିଧାୟିକାଙ୍କ ହସ୍ତକ୍ଷେପ, ମିଳିଲା ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା



ରିଷିଡ଼ା,୧୦।୬(ସଂଚାର ବ୍ୟୁରୋ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଅଞ୍ଚଳରେ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କୁ ସରକାରୀ ସହାୟତା ମିଳିବାରେ ବହୁ ବିଳମ୍ବ ହେଉଥିଲା। କିନ୍ତୁ ସ୍ଥାନୀୟ ବିଧାୟିକା ମନୋରମା ମହାନ୍ତି ଓ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ଉଦ୍ୟମ ବଳରେ ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ତୁରନ୍ତ ସହାୟତା ପାଇପାରିଛନ୍ତି। ସହାୟତା ପାଇଥିବା ହିତାଧିକାରୀମାନେ ହେଲେ କର୍ଲାମୁଣ୍ଡା ନିବାସୀ ସୁମତୀ ନାଏକ ଓ ପୋରକେଲା ପଞ୍ଚାୟତ ଖରଜୁରା ଗ୍ରାମର ଘନଶ୍ୟାମ ପ୍ରଧାନ। ଏଥିସହ ନର୍ଲା ନିର୍ବାଚନମଣ୍ଡଳୀର ମଧ୍ୟ ବିଭିନ୍ନ ଅଞ୍ଚଳବାସିନ୍ଦା ଶ୍ରୀମତୀ ମହାନ୍ତି ଓ ଶ୍ରୀ ମହାନ୍ତିଙ୍କ ଉଦ୍ୟମର ସୁଫଳ ପାଇଛନ୍ତି। ଏଥିପାଇଁ ସେମାନେ ଶ୍ରୀମନ୍ତି ମହାନ୍ତି ଓ ଶ୍ରୀ ମହାନ୍ତି ଏବଂ ସର୍ବୋପରି ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସୁଧାଂଶୁ ଶେଖର ବଡ଼ପଣ୍ଡା ହେଲେ ଓଇଆରସି ସଦସ୍ୟ



ଭୁବନେଶ୍ୱର,୧୦।୬(ସଂଚାର ବ୍ୟୁରୋ): ସୁଧାଂଶୁ ଶେଖର ବଡ଼ପଣ୍ଡା ଆଜି ପୂର୍ବାହ୍ନ ୧୧ଟା ସମୟରେ ସ୍ଥାନୀୟ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ଶୁଣାଣି ପ୍ରକୋଷ୍ଠରେ ଆୟୋଜିତ ଏକ ସମାରୋହରେ ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଓ ଆୟୋଗର ସଦସ୍ୟଙ୍କ ଉପସ୍ଥିତିରେ ଶ୍ରୀ ବଡ଼ପଣ୍ଡାଙ୍କୁ ଏହି ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଓଇଆର୍‌ସି ରାଜ୍ୟର ବିଦ୍ୟୁତ କ୍ଷେତ୍ରର ନିୟନ୍ତ୍ରଣ ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି, ଯେଉଁଥିରେ ଶୁଳ୍କ ନିର୍ଦ୍ଧାରଣ, ଲାଇସେନ୍ସ ପ୍ରଦାନ, ଗ୍ରାହକ ସୁରକ୍ଷା ଓ ବିଦ୍ୟୁତ କ୍ଷେତ୍ରରେ ଦକ୍ଷତା, ପ୍ରତିଯୋଗିତା ତଥା ଅକ୍ଷୟ ଶକ୍ତିର ସମନ୍ୱୟକୁ ପ୍ରୋତ୍ସାହିତ କରିବା ଆଦି ଅନ୍ତର୍ଭୁକ୍ତ। ନିଜର ବ୍ୟାପକ ପ୍ରଶାସନିକ ଅଭିଜ୍ଞତା ଯୋଗୁଁ ଶ୍ରୀ ବଡ଼ପଣ୍ଡାଙ୍କ ସଦସ୍ୟ ଭାବେ ଯୋଗଦାନ ଆୟୋଗର କାର୍ଯ୍ୟଧାରାକୁ ଅଧିକ ଶକ୍ତିଶାଳୀ କରିବ ଓ 'ବିକଶିତ ଓଡ଼ିଶା'ର ପରିକଳ୍ପନା ଅନୁଯାୟୀ ଓଡ଼ିଶାର ବିଦ୍ୟୁତ କ୍ଷେତ୍ରର ସଂସ୍କାର, ଶକ୍ତି ସୁରକ୍ଷା ଓ ଗ୍ରାହକ-କୈନ୍ଦ୍ରିକ ଶାସନରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ଶପଥ ଗ୍ରହଣ ସମାରୋହରେ ଶକ୍ତି ବିଭାଗ, ଓଏଚପିସି, ଗ୍ରୀଡ୍‌କୋ, ଓପିଟିସିଏଲ, ଓଇଆରସିର ବରିଷ୍ଠ ଅଧିକାରୀ ଓ ବିଦ୍ୟୁତ କ୍ଷେତ୍ରର ବିଭିନ୍ନ ସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ।

# ଠକଠାରୁ ସରକାରୀ ଟଙ୍କା ଫେରାଇ ଆଣିଲେ ସିଡିପିଓ

ରିଷିଡ଼ା,୧୦।୬(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ଜନୈକ ମହିଳାଙ୍କ ଓ ବିଭିନ୍ନ ଅଞ୍ଚଳର ଲୋକଙ୍କଠୁ ସରକାରୀ ସହାୟତା ଯୋଗାଇ ଦେବା ନାମରେ ପୌରକେଲା ଗ୍ରାମର ହଜାରୁ ଦଣ୍ଡସେନା ନାମକ ବ୍ୟକ୍ତି ଟଙ୍କା ଠକି ନେଇଥିଲେ। ଏ ନେଇ କେସିଙ୍ଗା ସିଡିପିଓ ସନ୍ଦୀପ ମାଝୀଙ୍କଠାରେ ଅଭିଯୋଗ ହୋଇଥିଲା। ଏହାକୁ ଗୁରୁତର ସହକାରେ ନେଇ ଏସ୍‌ଡିପିଓ ଏକ ତିନି ଜଣିଆ ଟିମ୍ ଗଠନ କରିଥିଲେ। ଉକ୍ତ ଟିମ୍ ତଦନ୍ତ ଚଳାଇ ଉକ୍ତ ଠକକୁ ଧରିବା ସହ ତାଙ୍କଠାରୁ ସମସ୍ତ ଠକେଇ ଟଙ୍କା ଆଦାୟ କରିପାରିଛନ୍ତି। ପରେ ସେ ଉକ୍ତ ଟଙ୍କାକୁ ଠକେଇର ଶିକାର ହୋଇଥିବା ଲୋକମାନଙ୍କୁ ଥାନାରେ ଫେରସ୍ତ କରିଥିବା ଜଣାପଡ଼ିଛି। ଫଳସ୍ୱରୂପ ଅଭିଯୋଗକାରୀମାନେ ମୋଟା ଅଙ୍କର ଟଙ୍କା ଫେରସ୍ତ ପାଇଛନ୍ତି। ଏଥିସହ ଜନସାଧାରଣ ଏପରି ଠକ ଦଲାଲଙ୍କ ପ୍ରତି ସାବଧାନ ରହିବା ସହ କୌଣସି ପ୍ରକାର ଠକେଇର ଶିକାର ହେଲେ ତୁରନ୍ତ ପୁଲିସକୁ ଜଣାଇବା ପାଇଁ କେସିଙ୍ଗା ସିଡିପିଓ ସନ୍ଦୀପ ମାଝୀ ନିବେଦନ କରିଛନ୍ତି। ତେବେ ଏହି ଠକ ଜଣଙ୍କ ସ୍ଥାନୀୟ ଅଞ୍ଚଳର ଅନ୍ୟ କେତେକ ଟାଉଟରଙ୍କୁ ଧରି ବହୁ ଜାଗାରେ ଏପରି ଠକେଇ କରିଥିବା ମଧ୍ୟ ଚର୍ଚ୍ଚା ହେଉଛି।

# ସ୍କୁଟିକୁ ଘୋଷାଡ଼ି ନେଲା ପିକ୍‌ଅପ୍, ଓକିଲ ଗୁରୁତର




ବଲାଙ୍ଗୀର,୧୦।୬(ସଂଚାର ବ୍ୟୁରୋ): ବଲାଙ୍ଗୀର ସହରର ଖଦାଳପଡ଼ା ସୁରୁଚି ମାର୍କେଟ ସମ୍ମୁଖ ରାସ୍ତାରେ ଆଜି ଘଟିଛି ଏକ ସଡ଼କ ଦୁର୍ଘଟଣା। ଏକ ପିକ୍‌ଅପ୍ ଭ୍ୟାନ୍ ଜଣେ ଓକିଲଙ୍କ ସ୍କୁଟିକୁ ଧକ୍କା ଦେବା ସହ କିଛି ବାଟ ଘୋଷାଡ଼ି ନେଇଛି। ଫଳତଃ ଓକିଲ କୃଷ୍ଣ କିଶୋର ଆଚାର୍ଯ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ଓକିଲ ଶ୍ରୀ ଆଚାର୍ଯ୍ୟ ତାଙ୍କ ସ୍କୁଟିରେ ଖଦାଳପଡ଼ା ଦେଇ ଯାଉଥିବା ସମୟରେ ଏକ ବାଦାମ ବୋଝେଇ ପିକଅପ୍ ତାଙ୍କୁ ଧକ୍କା ଦେଇଥିଲା। ସ୍କୁଟିଟି ପିକ୍‌ଅପ୍ ଚକା ତଳେ ପଶିଯିବା ପରେ ତାହା କିଛି ବାଟ ଘୋଷାଡ଼ି ହୋଇଯାଇଥିଲା। ଫଳରେ ଶ୍ରୀ ଆଚାର୍ଯ୍ୟଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ସ୍କୁଟି ଓ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଏଥିସହ ଗାଡ଼ି ଡ୍ରାଇଭରକୁ ଥାନାକୁ ଆଣି ପୁଲିସ୍ ଅଟକ ରଖିଛି।

# ରାଜାଙ୍କୁ ଜବାବ ଦେଲେ ମନମୋହନ

● ବିଜେଡିକୁ ମାଗିଲେ ୧୫ ବର୍ଷର ହିସାବ



ଭୁବନେଶ୍ୱର, ୧୦।୬ (ସଂଚାର ବ୍ୟୁରୋ): ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜେପିର ୧୨ ୟୁ-ଟର୍ଣ୍ଣର ହିସାବ ଦେବା ପରେ ଜବାବ ଦେଇଛନ୍ତି ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି, ଯେଉଁମାନେ ବିଫଳତା ଦିବସ କଥା କହୁଛନ୍ତି, ସେମାନଙ୍କୁ ପଚାରିବେ ଆମର କ'ଣ କ'ଣ ବିଫଳତା ଆଉ ସେମାନେ ୧୫ ବର୍ଷ ଭିତରେ କ'ଣ କ'ଣ ସଫଳ କାମ କରିଛନ୍ତି। ଆମ ବିଫଳତା କୁହନ୍ତୁ ଗ୍ରହଣ କରିବୁ, କିନ୍ତୁ ତାଙ୍କ ସଫଳତା ମଧ୍ୟ କ'ଣ ୧୫ ବର୍ଷର ଗୋଟି ଗୋଟି କରି କହିବାକୁ ପଡ଼ିବ। ସେମାନେ ଉତ୍ତର ଦେବା ପରେ ନୈତିକତା ଦୃଷ୍ଟିରୁ ପ୍ରଶ୍ନ କରିବେ। ଆମେ ତ ୨ ବର୍ଷରେ କ'ଣ କ'ଣ କରିଛୁ, ତା'ର ଉତ୍ତର ଆସନ୍ତା ୧୨ ତାରିଖରେ ଦେବୁ। ୨୪ ଘଣ୍ଟା ହୋଇ ନ ଥିଲା ସଂକଳ୍ପ ପତ୍ର ଅନୁସାରେ ସରକାର କାମ କରିଛନ୍ତି। ୨୪ ଘଣ୍ଟାରେ କ୍ୟାବିନେଟ ଡାକି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛୁ। ୧୦ ଟଙ୍କା ବି ଚାଷୀଙ୍କୁ ବୋନସ୍ ଦେଇ ନ ଥିଲା ବିଜେଡି, ଆମେ ୩୧୦୦ ଟଙ୍କା ଦେଇଛୁ। ୪ ଥର ଧାନ କିଣିସାରିଛୁ। ଆମେ ସୁଭଦ୍ରା କହିଲୁ, ତୁରନ୍ତ କାର୍ଯ୍ୟକାରୀ ମଧ୍ୟ ଦେଲୁ। ଆମେ ରତ୍ନଭଣ୍ଡାର ଖୋଲିଲୁ, ଚାରିଦ୍ୱାର ଖୋଲିଛୁ। ଯାହା କହିଛୁ ତା' କାମରେ କରି ଦେଖାଇଛୁ। ସେମାନେ ଇଞ୍ଚେ ଜମିକୁ ବି ଜଳସେଚନ ଦେଇନଥିଲେ, ଆମେ ୧୫ ଲକ୍ଷ ହେକ୍ଟର ଜମି ଜଳସେଚନ ପାଇଁ କାମ ଆରମ୍ଭ କରିସାରିଛୁ ବୋଲି ମନମୋହନ କହିଛନ୍ତି।

# ଗରମରୁ ମରିଗଲେ ୭ ହଜାର କୁକୁଡ଼ା



କନ୍ଧମାଳ, ୧୦।୬ (ସଂଚାର ବ୍ୟୁରୋ) : ଗରମରେ କଲବଲ ହେଉଛି ସାରା ଓଡ଼ିଶା । ଏହି ଗରମରେ ମଧ୍ୟ କୋଉଠି ବିଦ୍ୟୁତ କାଟ ହେଉଛି ତ ପୁଣି କେଉଁଠି ଗଛପଡ଼ି କରେଣ୍ଟ ଆସୁନି । ଏଥିସହ ଗରମରେ ମଧ୍ୟ କେତେକ ଲୋକ ମରିବି ଯାଉଛନ୍ତି । କଉଠି ମଣିଷ ମରୁଛନ୍ତି ତ କଉଠି ଜୀବଜନ୍ତୁ। ସେହିଭଳି ଏକ ଅଘଟଣ ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲାରେ। ବିଦ୍ୟୁତ ବିଭାଗର ଅବହେଳାରୁ ମରିଗଲେ ହଜାର ହଜାର କୁକୁଡ଼ା । ବୌଦ୍ଧ ଜିଲ୍ଲା ପଳସାଗୋରା ପଞ୍ଚାୟତ ଢେଙ୍ଗପଦର ଗାଁର ପଞ୍ଚାନନ ସାହୁ ବ୍ୟାଙ୍କରୁ ଋଣ ଆଣି କୁକୁଡ଼ା ଚାଷ କରିଥିଲେ। ବାରମ୍ବାର ବିଜୁଳି ବିଭ୍ରାଟ ଯୋଗୁଁ ପାଖାପାଖି ୭ ହଜାର କୁକୁଡା ମରିଥିବା ଅଭିଯୋଗ ହୋଇଛି । ଲକ୍ଷ ଲକ୍ଷ ଟଙ୍କା କ୍ଷତି ହୋଇଥିବା ପଞ୍ଚାନନ କହିଛନ୍ତି । ଏ ନେଇ ବିଦ୍ୟୁତ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ। ତେଣେ ଆଇବି କମ୍ପାନୀ ଶାଖା ପରିଚାଳକ କହିଛନ୍ତି ଚାଷୀଙ୍କୁ ବିଶେଷ କ୍ଷତି ହେବାକୁ ଦେବୁ ନାହିଁ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତରେ ମେଟା ତିଆରି କରିବ ପ୍ରଥମ ଏଆଇ ଡାଟା ସେଣ୍ଟର




ନୂଆଦିଲ୍ଲୀ,୧୦।୬: କୃତ୍ରିମ ବୁଦ୍ଧିମତା ବା ଏଆଇ ରେସରେ ଭାରତ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଉଦ୍ୟମ କରୁଛି। ଏଥିପାଇଁ ସବୁ ପ୍ରକାର ଚେଷ୍ଟା ବି ଜାରି ରହିଛି। ସରକାରୀ ସ୍ତରରୁ ବେସରକାରୀ... ସବୁଠି ଏଆଇକୁ ଗୁରୁତ୍ୱ ଦିଆଯାଉଛି। ଆଉ ଏସବୁ ପ୍ରୟାସ ଏବଂ ଉଦ୍ୟମ ଭିତରେ ଆସିଛି ବଡ଼ ଖବର। ଗୁଜରାଟ ଜାମନଗରରେ ତିଆରି ହେବ ଦେଶର ପ୍ରଥମ ଏଆଇ ଡାଟା ସେଣ୍ଟର। ଏନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରି ସହ ଡିଲ୍ କରିଛି ମେଟା। ଏହାଦ୍ୱାରା ଭାରତର ଏଆଇ କ୍ଷେତ୍ର ଆହୁରି ଉନ୍ନତ ହେବ। ନିଯୁକ୍ତି ସୃଷ୍ଟି ସହ ଭାରତର ଡିଜିଟାଲ ଇକୋସିଷ୍ଟମ ମଧ୍ୟ ମଜବୁତ ହେବ।

ଗୁଜରାଟର ଜାମନଗରରେ ତିଆରି ହେବାକୁ ଯାଉଛି ଦେଶର ପ୍ରଥମ ଏଆଇ ଡାଟା ସେଣ୍ଟର । ମେଟା ଏହି ଡାଟା ସେଣ୍ଟର ନିର୍ମାଣ କରିବାକୁ ଚାହୁଁଥିବା ବେଳେ, ଏଥିପାଇଁ ରିଲାଏନ୍ସ ସହ ଡିଲ୍ ହୋଇଛି। ଉଭୟ କମ୍ପାନି ଏଆଇ ଡାଟା ସେଣ୍ଟର ତିଆରି କରିବେ। ଏହି ଡାଟା ସେଣ୍ଟର ୧୬୮ ମେଗାଓ୍ୱାଟ କ୍ଷମତା ବିଶିଷ୍ଟ ହେବ ଏବଂ ମେଟା ଏହାକୁ ଲିଜରେ ନେଇ ବ୍ୟବହାର କରିବ। ଏହା ସହ କମ୍ପାନି ଏହାର ପରିଚାଳନା ପାଇଁ ଆବଶ୍ୟକ ବିଜୁଳି ଏବଂ ପାଣିର ଖର୍ଚ୍ଚ ମଧ୍ୟ ନିଜେ ଉଠାଇବ।

ଦୁନିଆରେ ଏଆଇକୁ ନେଇ ପ୍ରତିଯୋଗିତା ବଢ଼ିଛି ଏବଂ ବଡ଼ ଟେକ୍ କମ୍ପାନି ସେମାନଙ୍କର ଡାଟା ସେଣ୍ଟର ନେଟଓ୍ୱର୍କକୁ ମଜବୁତ କରିବାରେ ଲାଗିପଡ଼ିଛନ୍ତି। ମେଟା ମଧ୍ୟ ଏହି ଦିଗରେ ଦ୍ରୁତ ଗତିରେ ନିବେଶ କରୁଛି। କମ୍ପାନି କହିଛି ଜାମନଗରରେ ତିଆରି ହେବାକୁ ଥିବା ଏହି ଡାଟା ସେଣ୍ଟର, ଏହାର ଏଆଇ ମଡେଲ୍ସ ଏବଂ ଡିଜିଟାଲ ସେବାକୁ ଆହୁରି ମଜବୁତ କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ମେଟାକୁ ଭାରତ ଭଳି ବଡ଼ ଏବଂ ଦ୍ରୁତ ଭାବରେ ବଢ଼ୁଥିବା ଡିଜିଟାଲ ବଜାରରେ ନିଜର ଆଧିପତ୍ୟ ବଢ଼ାଇବାର ସୁଯୋଗ ମିଳିବ। ବିଶେଷଜ୍ଞଙ୍କ ମତରେ ଏପ୍ରକାରର ବଡ଼ ଡାଟା ସେଣ୍ଟର ତିଆରି କରିବା ଦ୍ୱାରା ଭାରତରେ ଏଆଇ, କ୍ଲାଉଡ କମ୍ପ୍ୟୁଟିଂ ଏବଂ ଡିଜିଟାଲ ସେବାର ଇକୋସିଷ୍ଟମ ମଜବୁତ ହେବ। ଏହାଦ୍ୱାରା ନିବେଶ ବଢ଼ିବ, ନୂଆ ଚାକିରି ସୃଷ୍ଟି ହେବ ଏବଂ ଭାରତ ଏଆଇ ଇନଫ୍ରାଷ୍ଟ୍ରକଚରର ବଡ଼ ବୈଶ୍ୱିକ କେନ୍ଦ୍ରରେ ସାମିଲ ହୋଇପାରିବ। ମୋଟାମୋଟି ଭାବରେ ଦେଖିଲେ ମେଟା ଏବଂ ରିଲାଏନ୍ସର ଏହି ଚୁକ୍ତି କେବଳ ଏକ ଡାଟା ସେଣ୍ଟର ପାଇଁ ନୁହେଁ ବରଂ ଭାରତକୁ ଏଆଇ ଦୁନିଆରେ ବଡ଼ ଶକ୍ତି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି।

ମେଟାର ସିଇଓ ମାର୍କ ଜକରବର୍ଗ କହିଛନ୍ତି ଡାଟା ସେଣ୍ଟର କମ୍ପାନିର ଏଆଇ ଇନଫ୍ରାଷ୍ଟ୍ରକଚରକୁ ବିଶ୍ୱ ସ୍ତରରେ ମଜବୁତ କରିବ ଏବଂ ଭାରତରେ ଏହାର ନିବେଶକୁ ଆହୁରି ବଢ଼ାଇବ। ସେହିଭଳି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଚେୟାରମ୍ୟାନ ମୁକେଶ ଅମ୍ବାନୀ କହିଛନ୍ତି ମେଟା ଭଳି ଦୁନିଆର ବଡ଼ ଟେକ କମ୍ପାନି ପାଇଁ ଭାତରରେ ଏଆଇ ଡାଟା ସେଣ୍ଟର ତିଆରି କରିବା ଏହା ସଙ୍କେତ ଯେ, ଭାରତ ଏବେ ବିଶ୍ୱ ସ୍ତରରେ ଏଆଇ କ୍ରାନ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ପ୍ରସ୍ତୁତ।

ମେଟା ଏବଂ ରିଲାଏନ୍ସ ପୂର୍ବରୁ ମଧ୍ୟ ଅନେକ ପ୍ରୋଜେକ୍ଟରେ ଏକାଠି କାମ କରିସାରିଛନ୍ତି। ୨୦୨୦ମେ ମେଟା ଜିଓ ପ୍ଲାଟଫର୍ମରେ ୫.୭ ବିଲିୟନ ଡଲାରର ବଡ଼ ନିବେଶ କରିଥିଲା। ଏହା ପରେ ଗତ ବର୍ଷରେ ଉଭୟ କମ୍ପାନି ମିଶି ଏକ ଜଏଣ୍ଟ ଭେଞ୍ଚର ମଧ୍ୟ କରିଥିଲେ। ଏହି କମ୍ପାନିରେ ରିଲାଏନ୍ସର ୭୦ ପ୍ରତିଶତ ଏବଂ ମେଟାର ୩୦ ପ୍ରତିଶତ ଶେୟାର ରହିଛି। ଏହାର ଉଦ୍ଦେଶ୍ୟ ଭାରତୀୟ କମ୍ପାନି ଏବଂ ଡେଭଲପର୍ସଙ୍କ ପାଇଁ ଏଆଇ ସହ ଜଡ଼ିତ ପ୍ଲାଟଫର୍ମ ଏବଂ ଟୁଲ୍ସ ପ୍ରସ୍ତୁତ କରିବା। ଏବେ ଡାଟା ସେଣ୍ଟରର ଏହି ନୂଆ ବୁଝାମଣା ଉଭୟ କମ୍ପାନିଙ୍କ ଭାଗିଦାରୀକୁ ଏକ ନୂଆ ସ୍ତରକୁ ନେଇଯିବ।



# ରଜ ପର୍ବରେ ଚାନ୍ଦି ଭଣ୍ଡାରର 'ଲିଲି ଅଫ୍ ଭ୍ୟାଲି' କଲେକ୍ସନ

ଭୁବନେଶ୍ୱର,୧୦।୬: ରଜ ପର୍ବକୁ ଦୃଷ୍ଟିରେ ରଖି ଚାନ୍ଦି ଭଣ୍ଡାର ପକ୍ଷରୁ ନୂଆ ଷ୍ଟର୍ଲିଂ ରୁପା କଲେକ୍ସନ 'ଲିଲି ଅଫ୍ ଭ୍ୟାଲି' ଉନ୍ମୋଚନ କରାଯାଇଛି। ୧୮ କ୍ୟାରେଟ୍ ସୁନା ପ୍ଲେଟିଂ ସହ ଏହି ଅଳଙ୍କାରଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ଏଥିରେ ନେକ୍‌ଲେସ୍, କାନଫୁଲ, ମୁଦି, ବ୍ରେସ୍‌ଲେଟ୍ ଓ ଷ୍ଟେଟ୍‌ମେଣ୍ଟ୍ ପିସ୍ ଆଦି ରହିଛି। ଫୁଲର ପ୍ରାକୃତିକ ଆକର୍ଷଣରୁ ଅନୁପ୍ରାଣିତ ହୋଇ ଗହଣାଗୁଡ଼ିକକୁ ଡିଜାଇନ କରାଯାଇଛି। ଚାନ୍ଦି ଭଣ୍ଡାରରେ ପୁରୁଷମାନଙ୍କ ପାଇଁ ଅମୋଘ କଲେକ୍ସନ ଓ ଶିଶୁମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର କଲେକ୍ସନର ଅଳଙ୍କାର ରହିଛି। ଏଥି ସହିତ ରୁପାରେ ପ୍ରସ୍ତୁତ ଓ୍ୱାଇନ୍ ଗଲାସ୍, ବୋତଲ ଓ ଟି-ସେଟ୍ ମଧ୍ୟ ରହିଛି। ଏହି ଅବସରରେ ଚାନ୍ଦି ଭଣ୍ଡାର ପକ୍ଷରୁ ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୩୦ ପ୍ରତିଶତ ରିହାତି ଘୋଷଣା କରାଯାଇଛି। ଏହି ଅଫର ଚଳିତ ମାସ ୨୦ ପର୍ଯ୍ୟନ୍ତ ବୈଧ ରହିବ। ଚାନ୍ଦି ଭଣ୍ଡାର ଏହାର ଷ୍ଟୋର୍ ସଂଖ୍ୟା ୩୨କୁ ବୃଦ୍ଧି କରିବା ସହ ପୁରୀରେ ଏକ ନୂଆ ଷ୍ଟୋର୍ ଖୋଲିଛି। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ ପ୍ରତିଟି କଲେକ୍ସନ ଏକ କାହାଣୀ କହୁଛି। ରଜ ପାଇଁ ଆମର ସ୍ୱତନ୍ତ୍ର କଲେକ୍ସନ ହେଉଛି ଲିଲି ଅଫ୍ ଭ୍ୟାଲି। ଏହି କଲେକ୍ସନ ଜରିଆରେ ଆମେ ଏଭଳି ଅଳଙ୍କାର ପ୍ରସ୍ତୁତ କରିବାକୁ ଚାହୁଁଥିଲି ଯେଉଁଥିରେ ରଜ ପର୍ବର ଭାବ ଥିବ ଓ ରଜନକୁ ଲୋକମାନେ ମନେ ରଖିବା ଭଳି ସେଥିରେ କିଛି ଉପାଦାନ ରହିଥିବ ବୋଲି ସେ କହିଛନ୍ତି।

# ଓମାନ-ଭାରତ ଗ୍ୟାସ୍ ପାଇପଲାଇନ୍ ନିର୍ମାଣ ଯୋଜନା

ନୂଆଦିଲ୍ଲୀ,୧୦।୬:ଓମାନରୁ ଭାରତକୁ ଗ୍ୟାସ୍ ପାଇପଲାଇନ୍ ନିର୍ମାଣ ପାଇଁ ଯୋଜନା ଚାଲିଛି। ଏହା ଆରବ ସାଗର ଦେଇ ଗୁଜରାଟ ପର୍ଯ୍ୟନ୍ତ ନିର୍ମାଣ ହେବ। ଯୁଦ୍ଧ ହର୍ମୁଜ ପ୍ରଣାଳୀ ଅବରୋଧ ପାଇଁ ମଧ୍ୟପ୍ରାଚ୍ୟରୁ ଅଶୋଧିତ ତେଲ ଓ ଗ୍ୟାସ ପରିବହନରେ ବାଧା ଉପୁଜିବା ପରେ ଏହି ପ୍ରକଳ୍ପ ନେଇ ପୁନର୍ବାର ତତ୍ପରତା ପ୍ରକାଶ ପାଇଛି। ୨୦୦୦ କିମିର ଏହି ଦୀର୍ଘ ପାଇପଲାଇନ୍ ପ୍ରକଳ୍ପ ଭାରତରେ ଗ୍ୟାସ ସଂକଟର ସମାଧାନ କରିବ ବୋଲି ଆଶା ରଖାଯାଇଛି।

ଗତ ତିନି ଦଶନ୍ଧି ମଧ୍ୟରେ ଏହି ପ୍ରକଳ୍ପର ଅନୁଧ୍ୟାନ ଏକାଧିକ ଥର କରାଯାଇଛି। କିନ୍ତୁ ପ୍ରକଳ୍ପ ମୂଲ୍ୟ ଅତ୍ୟଧିକ ରହିବା ସହ ନିର୍ମାଣରେ ଅନେକ ବୈଷୟିକ ସମସ୍ୟା ଉପୁଜିବା ଆଶଙ୍କା ଥିବା କାରଣରୁ ଏ କ୍ଷେତ୍ରରେ ବିଶେଷ ଅଗ୍ରଗତି ହୋଇନାହିଁ। ସାଉଥ୍ ଏସିଆ ଗ୍ୟାସ୍ ଏଣ୍ଟରପ୍ରାଇଜ୍ (ଏସ୍‌ଏଜିଇ) ଏହି ପ୍ରକଳ୍ପ ପାଇଁ ବହୁବର୍ଷ ହେଲା ଆଗ୍ରହ ପ୍ରକାଶ କରିଛି। ପୂର୍ବରୁ ଏହି କମ୍ପାନି ପ୍ରସ୍ତାବିତ ମାର୍ଗରେ ବୈଷୟିକ ଓ ଆର୍ଥିକ ଆକଳନ ସମେତ ସମୁଦ୍ର ଶଯ୍ୟାର ସର୍ଭେ କରିଥିଲା। ଉକ୍ତ ପ୍ରକଳ୍ପ ନିର୍ମାଣରେ ପ୍ରାୟ ୪୦ ହଜାର କୋଟି ଟଙ୍କା ବ୍ୟୟ ହେବ। ଉକ୍ତ ପାଇପଲାଇନ୍‌ରେ ଉପସାଗରୀୟ ଅଞ୍ଚଳରୁ ପ୍ରାକୃତିକ ଗ୍ୟାସ ସିଧାସଳଖ ଭାରତ ଆସିବ। ଜାହାଜରେ ଗ୍ୟାସ୍ ପରିବହନ ନିର୍ଭରଶୀଳତା କମିବ। ଉକ୍ତ ପାଇପଲାଇନ୍‌ର କିଛି ଅଂଶ ସମୁଦ୍ର ଭିତରେ ୩୦୦୦ ମିଟର ତଳେ ନିର୍ମାଣ କରିବାକୁ ପଡ଼ିବ। ସେଥିପାଇଁ ଏହାକୁ ବିଶ୍ୱର ଅନ୍ୟତମ ଗଭୀର ସମୁଦ୍ର ପାଇପଲାଇନ୍ ପ୍ରକଳ୍ପ ଆଖ୍ୟା ଦିଆଯାଉଛି। ପ୍ରସ୍ତାବିତ ପ୍ରକଳ୍ପରେ ଗ୍ୟାସ ପରିବହନ ଖର୍ଚ୍ଚ ଏମ୍‌ଏମ୍‌ବିଟିୟୁ ପିଛା ୨ରୁ ୨.୫ ଡଲାର ରହିପାରେ। ତେବେ ପ୍ରକୃତ ମୂଲ୍ୟ କେତେ ରହିବ ତାହା ପ୍ରକଳ୍ପ ନିର୍ମାଣ ପରେ ସ୍ପଷ୍ଟ ହେବ।

ଏକ ରିପୋର୍ଟ ଅନୁଯାୟୀ ଏସ୍‌ଏଜିଇ ପକ୍ଷରୁ ଦାଖଲ ହୋଇଥିବା ପ୍ରି-ଫିଜିବିଲିଟି ଅନୁଧ୍ୟାନକୁ ଆଧାର କରି ଏକ ବିସ୍ତୃତ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ପେଟ୍ରୋଲିୟ ମନ୍ତ୍ରାଳୟ ରାଷ୍ଟ୍ରାୟତ୍ତ କମ୍ପାନି ଗେଲ୍, ଆଇଓସିଏଲ ଓ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍‌କୁ କହିଛି। ଆକଳନ ସକାରାତ୍ମକ ରହିଲେ ପ୍ରକଳ୍ପ ପାଇଁ ଓମାନ ସହ ପ୍ରକଳ୍ପ ନିର୍ମାଣ ନେଇ ଆଲୋଚନା ହେବା ବାଟ ଫିଟିବ।



# ଏଚଡିଏଫସିକୁ ୫ ଲକ୍ଷ ଦେବେ ଅଭିଯୋଗକାରୀ ଲୀଲାବତୀ ଟ୍ରଷ୍ଟ

ନୂଆଦିଲ୍ଲୀ,୧୦।୬: ଲୀଲାବତୀ କୀର୍ତ୍ତିଲାଲ ମେହେତା ମେଡିକାଲ ଟ୍ରଷ୍ଟ୍ କୁ ଝଟକା। ମାମଲା ଖାରଜ କଲେ ବମ୍ବେ ହାଇକୋର୍ଟ। ଏଚଡିଏଫସି ବ୍ୟାଙ୍କ ବିରୋଧରେ ଟ୍ରଷ୍ଟ୍ ପକ୍ଷରୁ ଦାଖଲ ହୋଇଥିବା ଅନ୍ତରୀଣ ଆବେଦନ କୋର୍ଟରେ ଖାରଜ ହୋଇଯାଇଛି।

ଆବେଦନରେ ଏଚଡିଏଫସି ବ୍ୟାଙ୍କ, ଏହାର ପ୍ରବନ୍ଧ ନିର୍ଦ୍ଦେଶକ ଏବଂ ସିଇଓ ଶଶିଧର ଜଗଦୀଶନ ଏବଂ ଅନ୍ୟ ବ୍ୟକ୍ତିଙ୍କ ନାଁ ରହିଥିଲା। ଏହି ବ୍ୟକ୍ତିମାନେ ଟ୍ରଷ୍ଟ୍ ଏବଂ ଏହାର ସଦସ୍ୟଙ୍କ ବିରୋଧରେ କୌଣସି ଟିପ୍ପଣୀ ଦେଇପାରିବେ ନାହିଁ ବୋଲି ଆବେଦନରେ ଦର୍ଶାଯାଇଥିଲା। ଏଥିପାଇଁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅନୁରୋଧ ମଧ୍ୟ କରାଯାଇଥିଲା।

ରିପୋର୍ଟ ଅନୁସାରେ, ଲୀଲାବତୀ ଟ୍ରଷ୍ଟ୍ ଏଚଡିଏଫସି ବ୍ୟାଙ୍କ ବିରୋଧରେ ୧ହଜାର କୋଟିର କ୍ଷତିପୂରଣ ଦେବାକୁ ମଧ୍ୟ ଦାବି କରିଥିଲା। ଏଥିପାଇଁ ମାନହାନୀ ମୋକଦ୍ଦମା ଦାଖଲ କରିଥିଲା। ଟ୍ରଷ୍ଟର ଅଭିଯୋଗ ଅନୁସାରେ, ବ୍ୟାଙ୍କ ଏବଂ ଏହାର ବରିଷ୍ଠ ଅଧିକାରୀ ମିଡିଆ ଏବଂ ଡିଜିଟାଲ




ପ୍ଲାଟଫର୍ମରେ ଟ୍ରଷ୍ଟର ସମ୍ମାନକୁ ହାନୀ ପହଁଚାଇବା ଭଳି ବୟାନ ଜାରି କରୁଛନ୍ତି। ଯାହା ଠିକ୍ ନୁହେଁ।

ତେବେ ଜଷ୍ଟିସ୍ ସୋମଶେଖର ସୁନ୍ଦରେସନଙ୍କ ଖଣ୍ଡପୀଠ ଟ୍ରଷ୍ଟ ପକ୍ଷରୁ ଦାଖଲ ଆବେଦନକୁ ଖାରଜ କରିଛନ୍ତି। ସେ କହିଛନ୍ତି ଯେ, ଏଚଡିଏଫସି ପକ୍ଷରୁ ଯେଉଁ ବୟାନ ଦିଆଯାଇଛି ସେଥିରେ ସମ୍ମାନ ହାନୀ କଲା ଭଳି କିଛି କଥା ନାହିଁ। ଏହା ତଥ୍ୟ ଆଧାରରେ ଦିଆଯାଇଛି। ଏହାସହ କୋର୍ଟ ଓଲଟା ଟ୍ରଷ୍ଟ୍ ବିରୋଧରେ୫ଲକ୍ଷ ଟଙ୍କାର ଜରିମନା ଲଗାଇଛନ୍ତି। ଯାହା ଟ୍ରଷ୍ଟ୍ ଏଚଡିଏଫସି ବ୍ୟାଙ୍କକୁ ପ୍ରଦାନ କରିବ।

ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ଏଚଡିଏଫସି ବ୍ୟାଙ୍କ ଲୀଲାବତୀ ଟ୍ରଷ୍ଟର ସଦସ୍ୟ ପ୍ରଶାନ୍ତ ମେହେତାଙ୍କ ବିରୋଧରେ ପଇସା ବାକି ରଖିଥିବା ପ୍ରକାଶ କରିଥିଲା। ଯାହା ତଥ୍ୟ ଉପରେ ଆଧାରିତ ଏବଂ ଏହା ଠିକ୍ ଅଛି। ତେଣୁ ଏହା ସତ କହିବାର ଅଧିକାର ମଧ୍ୟରେ ଆସୁଛି। ଫଳରେ ମାନହାନୀ ମକଦ୍ଦମା ରୁଜୁ ହୋଇପାରିବ ନାହିଁ। କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ, ଏଚଡିଏଫସି ବୟାନ ଦେବାକୁ ବାଧ୍ୟ ହୋଇଥିଲା। କାରଣ ଏଚଡିଏଫସି ଏବଂ ଏହାର ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଲଗାତାର ଭାବେ ଖବର ପ୍ରକାଶ କରିବାକୁ ଏକ କ୍ୟାମ୍ପେନ୍ ଆରମ୍ଭ ହୋଇଥିଲା।

# ତୈଳ ଓ ସିଲିଣ୍ଡର ପରେ ଏବେ ମହଙ୍ଗା ହେବ ବିମାନ ଯାତ୍ରା

ନୂଆଦିଲ୍ଲୀ,୧୦।୬: ସରକାରଙ୍କ ନୂତନ ମୂଲ୍ୟ ସ୍ଥିରୀକରଣ ଯୋଜନା ଅନୁଯାୟୀ, ଘରୋଇ ବିମାନ କମ୍ପାନୀଗୁଡ଼ିକ ଏବେ ତିନି ବର୍ଷ ପର୍ଯ୍ୟନ୍ତ ବିମାନ ଟର୍ବାଇନ ଇନ୍ଧନ (ATF) ମୂଲ୍ୟ ସ୍ଥିର କରିପାରିବେ। ଏହି ସମୟରେ, ସରକାରୀ ଇନ୍ଧନ ଖୁଚୁରା ବ୍ୟବସାୟୀମାନେ ଜେଟ ଇନ୍ଧନ ମୂଲ୍ୟ ପ୍ରାୟ ୧୦ ପ୍ରତିଶତ ବୃଦ୍ଧି କରିଛନ୍ତି। ନୂତନ ବ୍ୟବସ୍ଥା ଅନୁଯାୟୀ, ଏହି ସ୍ୱେଚ୍ଛାକୃତ ଯୋଜନାକୁ ବାଛିଥିବା ବିମାନ କମ୍ପାନୀଗୁଡ଼ିକ ATF ପାଇଁ ପ୍ରତି ଲିଟର ୧୧୫ର ଏକ ସ୍ଥିର ମୂଲ୍ୟ ଦେବେ। ପୂର୍ବରୁ, ଏହି ମୂଲ୍ୟ ୧୦୪.୯୨୭ଥିଲା।

ଏହି ଢାଞ୍ଚାରେ ଯୋଗ ନଦେବାକୁ ନିଷ୍ପତ୍ତି ନେଉଥିବା ବିମାନ କମ୍ପାନୀଗୁଡ଼ିକ ବଜାର-ସଂଯୁକ୍ତ ଦରରେ ଇନ୍ଧନ କିଣିବା ଜାରି ରଖିବେ। ଏହି ଦରଗୁଡ଼ିକ ବର୍ତ୍ତମାନ ପ୍ରତି ଲିଟର ୧୪୨ ପାଖାପାଖି ରହିଛି, ଯାହା ଅନ୍ତର୍ଜାତୀୟ ବିମାନ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟ ସହିତ ମେଳ ଖାଉଛି।

ସୂତ୍ର ଅନୁସାରେ, ଏହି ଯୋଜନା ସମ୍ପୂର୍ଣ୍ଣ ଭାବରେ ଇଚ୍ଛାଧୀନ, ଏବଂ ବିମାନ କମ୍ପାନୀଗୁଡ଼ିକ ଅଂଶଗ୍ରହଣ କରିବେ କି ନାହିଁ ତାହା ନିଜେ ନିଷ୍ପତ୍ତି ନେବେ। ଯେଉଁମାନେ ଯୋଗ ଦେବେ



ସେମାନେ ଲକ-ଇନ ଅବଧି ସମୟରେ ଅନ୍ତର୍ଜାତୀୟ ବେଞ୍ଚମାର୍କ ମୂଲ୍ୟରେ ଉତ୍ଥାନ-ପ୍ରବାହରୁ ରକ୍ଷା ପାଇବେ। ବିପରୀତରେ, ଯେଉଁମାନେ ଅଂଶଗ୍ରହଣ କରନ୍ତି ନାହିଁ ସେମାନେ ମୂଲ୍ୟ ହ୍ରାସ ପାଇଲେ ଲାଭ ପାଇପାରିବେ, କିନ୍ତୁ ମୂଲ୍ୟ ବୃଦ୍ଧି ପାଇଲେ ସେମାନଙ୍କୁ ମଧ୍ୟ ବୋଝ ବହନ କରିବାକୁ ପଡିବ। ସ୍ଥିର ମୂଲ୍ୟ ସୂତ୍ର ପ୍ରତି ଲିଟର ୮୬.୩୨ର 'ଫ୍ରି-ଅନ-ବୋର୍ଡ' (ଏଫଓବି) ବେଞ୍ଚମାର୍କ ଉପରେ ଆଧାରିତ, ଯେଉଁଥିରେ ବିମାନବନ୍ଦର ଚାର୍ଜ, ତୈଳ କମ୍ପାନୀ ମାର୍ଜିନ ଏବଂ ପ୍ରଯୁଜ୍ୟ ଟିକସ ଅନ୍ତର୍ଭୁକ୍ତ। ଏହା ଫଳରେ ଦିଲ୍ଲୀରେ ପ୍ରତି ଲିଟର ୧୧୫, ମୁମ୍ବାଇରେ ପ୍ରତି ଲିଟର ୧୧୪.୫ ଏବଂ ଚେନ୍ନାଇରେ ପ୍ରତି ଲିଟର ୧୩୯ର ପ୍ରଭାବୀ ଏଟିଏଫ ମୂଲ୍ୟ ସୃଷ୍ଟି ହୁଏ। ପଶ୍ଚିମ ଏସିଆରେ ସଂଘର୍ଷ ଆରମ୍ଭ ହେବା ପରେ ବିଶ୍ୱ ଇନ୍ଧନ ମୂଲ୍ୟରେ ବୃଦ୍ଧି ସତ୍ତ୍ୱେ, ଦିଲ୍ଲୀରେ ଘରୋଇ ଏଟିଏଫ ମୂଲ୍ୟ ଦୁଇ ମାସରୁ ଅଧିକ ସମୟ ପାଇଁ ପ୍ରାୟ ୧୦୫ ରେ ସ୍ଥିର ରହିବା ପରେ ଏହି ପଦକ୍ଷେପ ନିଆଯାଇଛି। ରିପୋର୍ଟ ଅନୁଯାୟୀ, ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ଆନ୍ତର୍ଜାତୀୟ ମୂଲ୍ୟ ବୃଦ୍ଧିର କେବଳ ଏକ ଅଂଶ ଗ୍ରାହକଙ୍କୁ ଦେଇ କ୍ଷତି ସହିଥିଲେ। ଏହି କ୍ଷତି ପୂରଣ କରିବା ଏବଂ ଭବିଷ୍ୟତର ଅସ୍ଥିରତାରୁ ବିମାନ ଚଳାଚଳ କ୍ଷେତ୍ରକୁ ରକ୍ଷା କରିବା ପାଇଁ, କେନ୍ଦ୍ର କ୍ୟାବିନେଟ ୧୦,୦୦୦ କୋଟି ମୂଲ୍ୟର ଏକ ମୂଲ୍ୟ ସ୍ଥିରୀକରଣ ଢାଞ୍ଚାକୁ ଅନୁମୋଦନ କରିଛନ୍ତି।

ଏହି ବ୍ୟବସ୍ଥା ଅନୁଯାୟୀ, ଯଦି ବିଶ୍ୱ ବେଞ୍ଚମାର୍କ ମୂଲ୍ୟ ପ୍ରତି ଲିଟର 86.32 ର ମୂଳ ହାର ଅତିକ୍ରମ କରେ, ତେବେ ସରକାର ଏହି ପାର୍ଥକ୍ୟ ପୂରଣ କରିବା ପାଇଁ ତୈଳ ବିପଣନ କମ୍ପାନୀଗୁଡ଼ିକୁ ସୁଧମୁକ୍ତ ଅଗ୍ରିମ ପ୍ରଦାନ କରିବେ। ଯେତେବେଳେ ଆନ୍ତର୍ଜାତୀୟ ମୂଲ୍ୟ ହ୍ରାସ ପାଇବ, ଅତିରିକ୍ତ ପରିମାଣ ପୁନରୁଦ୍ଧାର କରାଯିବ ଏବଂ ଭାରତର ସମନ୍ୱିତ ପାଣ୍ଠିରେ ଜମା କରାଯିବ।



# ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

● ଖବର ପ୍ରସାରଣ ପରେ ଚେଇଁ ଉଠିଲା ପୁଲିସ ପ୍ରଶାସନ

## ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ




ମାହାଙ୍ଗା,୧୦।୬(ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଦ୍ୱିପାଞ୍ଚଳର ଜଗନ୍ନାଥପୁର ସ୍ଥିତ ବିରୂପା ଓ ଗେଙ୍ଗୁଟୀ ନଦୀରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ବେଳେ ଲଘୁ ଖଣିଜ ବିଭାଗ, ପୁଲିସ ଓ ତହସିଲ ପ୍ରଶାସନ ଆଖି ବୁଜି ଦେଇଥିଲେ। ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ହୋଇଥିଲା। ସୂଚନା ମୁତାବକ କୁମଡାଜୟପୁର ଫାଣ୍ଡି ନିକଟ ଜୟପୁର ନଦୀଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବାବେଳେ କୁମୁଡା ଜୟପୁର ଫାଣ୍ଡି ଅଧିକାରୀ ବିମ୍ବାଧର ମଲିକଙ୍କ ସହ ଏକ ଟିମ ଚଢାଉ କରି ଏକ ବାଲି ବୋଝେଇ ଟ୍ରାକ୍ଟର ଗାଡିକୁ ଜବତ କରିଛନ୍ତି। ପରେ ଜବତ ଟ୍ରାକ୍ଟରକୁ ମାହାଙ୍ଗା ଥାନାକୁ ବାଲି ବୋଝେଇ ଗାଡିଟିକୁ ଆଣି ଅଟକ ରଖା ଯିବା ସହ ଲଘୁ ଖଣିଜ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଫାଣ୍ଡି ଅଧିକାରୀ ଶ୍ରୀ ମଲିକ ସୂଚନା ଦେଇଛନ୍ତି। ଅପର ପକ୍ଷେ ଜବତ ଟ୍ରାକ୍ଟର ଗାଡିର ରଙ୍ଗ ବ୍ଲୁ ହୋଇଥିବା ବେଳେ ଗାଡି ଡାଲାରେ ଗୁଡୁ ଲେଖା ହେବା ଓ ଏଥିରେ ମୋବାଇଲ ନଂ ୯୫୫୬୭୧୪୧୯୮ ବୋଲି ଲେଖାଯାଇଛି। ତେଣୁ ଗାଡିଟିର ପ୍ରକୃତ ମାଲିକ କିଏ ଏହାର ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିବ ଏବଂ ପ୍ରଶାସନ ପକ୍ଷରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା।

ଖଜୁରଗୁଡ଼ା ସାନ୍ଧୁଲ ନଦୀ ବ୍ରିଜନିର୍ମାଣରେ ବିଳମ୍ବ ଅଭିଯୋଗ

# ନିର୍ମାଣର ୪ବର୍ଷ ପରେବି ସରୁନାହିଁ ବ୍ରିଜ କାମ



ଲାଞ୍ଜିଗଡ଼,୧୦।୬(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ଖଜୁରଗୁଡ଼ା ଗାଁ ନିକଟରେ ଥିବା ସାନ୍ଧୁଲ ନଦୀ ବ୍ରିଜ ନିର୍ମାଣରେ ବିଳମ୍ବ ହେଉଥିବା ବେଳେ ଅତି ନିମ୍ନମାନର କାମ ହେଉଥିବା ଗ୍ରାମବାସି ଅଭିଯୋଗ ଆଣିଛନ୍ତି।ସୂଚନା ଅନୁସାରେ ଦୀର୍ଘ ବର୍ଷର ଅଭିଯୋଗ ପରେ ସାନ୍ଧୁଲ ନଦୀ ବ୍ରିଜ ନିର୍ମାଣ ପାଇଁ ୨୦୨୩ ମସିହାରେ ମଞ୍ଜୁର ହୋଇଥିଲା କିନ୍ତୁ ବ୍ରିଜ ନିର୍ମାଣର ହାରାହାରି ୪ବର୍ଷ ପରେ ମଧ୍ୟ ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରିନାହିଁ।ଉକ୍ତ ବ୍ରିଜ ନିର୍ମାଣ ପାଇଁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଜଣେ ଠିକାଦାର ଏହାର ଠିକା ନେଇଥିଲେ ଏବଂ ୨୦୨୩ ମସିହା ମେ'ମାସରେ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ନଦୀରେ ବ୍ରିଜ ନିର୍ମାଣ ପାଇଁ ନଦୀର ଗୋଟିଏ ପଟେ କେବଳ ଲୁହାଛଡ଼ ଠିଆ ହୋଇଥିବା ବେଳେ ଆଉ ଅନ୍ୟପଟେ ବ୍ରିଜର ଛାତ ପଡ଼ିପାରିନାହିଁ।ବ୍ରିଜ କାମଟି ମନ୍ଥର ଗତିରେ ଓ ନିମ୍ନ ମାନର କାମ ହେଉଥିବା ଯୋଗୁଁ ବ୍ରିଜର ଅନେକ ସ୍ଥାନରେ ଫାଟିକି ଆଁ କଲାଣି କିନ୍ତୁ କାର୍ଯ୍ୟରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ନଜର ପଡୁନି ବୋଲି ଗ୍ରାମ ବାସି ଅଭିଯୋଗ ଆଣିଛନ୍ତି।ନିମ୍ନମାନର କାମକୁ ନେଇଁ ବାରମ୍ବାର ଅଭିଯୋଗ ପରେ କିଛି ମାସ ତଳେ ବିଭାଗ ପକ୍ଷରୁ କାମ ବନ୍ଦ କରିଯାଇଥିଲା ହେଲେ କିଛି ଦିନ ବ୍ୟବଧାନରେ ପୁଣି ବ୍ରିଜ କାମ ଆରମ୍ଭ କରାଯାଇଥିଲା କିନ୍ତୁ ଆଜକୁ ୪ବର୍ଷ ହୋଇଥିଲେ ହେଁ ଏଯାଏଁ ବ୍ରିଜ କାମ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ।ତେବେ ପ୍ରଶାସନର ଅଭହେଲା, ନା କାର୍ଯ୍ୟରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ଅଭହେଲା।ନା ରାଜନେତାଙ୍କ ଦୃଷ୍ଟି ଗୋଚର ଅଭାବ ଯୋଗୁଁ ବ୍ରିଜ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ ବୋଲି ଏବେ ବିରାଟ ବଡ଼ ପ୍ରଶ୍ନବାଚି ସୃଷ୍ଟି ହେଉଛି।ପ୍ରଶାସନ ବା ରାଜନେତାଙ୍କ ଦୃଷ୍ଟି ଗୋଚର ପଡ଼ନ୍ତା ତାହାହେଲେ ଲୋକଙ୍କ ଯିବା ଆସିବା ପାଇଁ ବ୍ରିଜ ନିର୍ମାଣର ବର୍ଷକ ଭିତରେ ଆମେ ସୁବିଧା ପାଇ ପାରନ୍ତୁ ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି। ବର୍ତ୍ତମାନ ଏବେ ପୁରୁଣା ରାସ୍ତାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିବା ବେଳେ ଅଳ୍ପ ବର୍ଷା ହେଲେ କାଦୁଅ ପଚପଚ ହେଉଥିବାରୁ ଯାନବାହାନ ଯିବାର ଦୂରର କଥା ଲୋକେ ଚାଲିଯିବା ମଧ୍ୟ ସମ୍ଭବ ହୋଇପାରୁନି ଯାହା ଫଳରେ ୧୫ରୁ ଉର୍ଦ୍ଧ୍ୱଗାଁ ଲୋକେ ନାହିଁ ନ'ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଆସୁଛି ରଜ, ଅସ୍ତରଙ୍ଗ ବଜାରରେ ଦର ଆକାଶଛୁଆଁ

● ଝିଅ ଘର ନେବାକୁ ବାପା-ମା' ଚିନ୍ତାରେ

କାକଟପୁର/ଅସ୍ତରଙ୍ଗ,୧୦।୬ (ସଂଚାର ବ୍ୟୁରୋ): ଆଉ ମାତ୍ର ଦୁଇ ଦିନ ପରେ ଓଡିଆ ଘରର ଗଣପର୍ବ ରଜ। କିନ୍ତୁ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଆକାଶଛୁଆଁ ଦରଦାମ ସାଧାରଣ ଲୋକଙ୍କ ଉତ୍ସବ ମଜା ଫିକା କରିଦେଇଛି। ବିଶେଷ କରି ଝିଅ-ଜ୍ୱାଇଁ ଘରକୁ ନେବା ଓ ନୂଆ ଲୁଗାପଟା, ପାନ-ଗୁଆ ଦେବା ପରମ୍ପରାକୁ ନେଇ ବାପା-ମା' ଚିନ୍ତାରେ ପଡ଼ିଛନ୍ତି। ରଜ ପାଇଁ ନିହାତି ଆବଶ୍ୟକ ସାମଗ୍ରୀ ଦର ଆକାଶ ଛୁଇଁଛି। ଭଲ ପୋଡ ପିଠା ପାଇଁ ଦରକାର ବିରି କିଲୋ ୧୬୦ ଟଙ୍କା, ଚାଉଳ ଗୁଣ୍ଡ ୭୦ ଟଙ୍କା, ନଡିଆ ଗୋଟା ୫୦ ଟଙ୍କା ଛୁଇଁଲାଣି। ରିଫାଇନ ତେଲ ଲିଟର ୧୮୦ ଓ ଦେଶୀ ଘିଅ କିଲୋ ୭୦୦ ଟପିଛି। ଝିଅ ପାଇଁ ନୂଆ ଶାଢୀ ଓ ଜ୍ୱାଇଁ ପାଇଁ ଗାମୁଛା-ଧୋତି କିଣିବାକୁ ଗଲେ ଦାମ ଶୁଣି ଗ୍ରାହକ ମୁଣ୍ଡରେ ହାତ ଦେଉଛନ୍ତି। ଫଳ ଦୋକାନରେ ଆମ୍ବ କିଲୋ ୧୨୦, ସପୁରୀ ୮୦, କଦଳୀ ଡଜନ ୭୦ ଟଙ୍କା। ଅସ୍ତରଙ୍ଗ ବ୍ଲକ ନଇଁଗୁଆଁ ଗାଁର ରମା ଦେବୀ କାନ୍ଦି କାନ୍ଦି କହିଲେ, 'ପୁଅ ରାଜ୍ୟ ବାହାରେ କାମ କରେ। ଝିଅ-ଜ୍ୱାଇଁଙ୍କୁ ରଜରେ ଘରକୁ ଡାକିବି, ହେଲେ ବଜାରକୁ ଗଲେ ପକେଟ ଖାଲି। ପୋଡ ପିଠା, ମାଣ୍ଡିଆ ପିଠା କେମିତି କରିବି? ଦୁଇଟା ନୂଆ ଲୁଗା କିଣିବାକୁ ହଜାରେ ଟଙ୍କା ନାହିଁ' ମତ୍ସ୍ୟଜୀବୀ ଗୋପାଳ ବେହେରା କହିଛନ୍ତି, 'ଡିଜେଲ ଦାମ ବଢ଼ିବାରୁ ସମୁଦ୍ରକୁ ଡଙ୍ଗା ନେଇପାରୁନି। ରୋଜଗାର ନାହିଁ, ରଜରେ ଝିଅକୁ କ'ଣ ମୁହଁ ଦେଖାଇବି?'ଅସ୍ତରଙ୍ଗ ବଜାରର ବସ୍ତ୍ର ଦୋକାନୀ ସନ୍ତୋଷ ସାହୁ କହିଛନ୍ତି, 'ପ୍ରତି ବର୍ଷ ରଜରେ ବେପାର ଜମେ। ଏଥର ଲୋକେ ଦାମ ପଚାରି ଫେରିଯାଉଛନ୍ତି। ଆମର ବି କିଣା ଦର ବହୁତ ଅଧିକ।' ରଜ ପର୍ବ ଆସୁଛି, ହେଲେ ଅସ୍ତରଙ୍ଗ ବଜାରରେ ଖୁସି ନାହିଁ। ମହଙ୍ଗା ମାଡରେ ଗରିବ ଓ ମଧ୍ୟବିତ୍ତ ପରିବାରର ପିଠାପଣା ବଦଳରେ ଲୁହ ହିଁ ଝରୁଛି।

## ଜମ୍ବିରାଇ ଇସି ଓ ବ୍ଲକ ପ୍ରଶାସନ ମଧ୍ୟରେ ବିବାଦର ସମାଧାନ



ବାଲିଆପାଳ,୧୦।୬ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀର ଇସି ମେମ୍ବର ମାନଙ୍କୁ ମିଳୁନଥିବା ପ୍ରୋତ୍ସାହନ ରାଶି ବାବଦରେ ବାରମ୍ବାର ବୈଠକ ହେବା ଏବଂ ନିଜର ହକ ପାଇଁ ବିଭିନ୍ନ ସମୟରେ ବ୍ଲକ ସମୁଖୀରେ ଧାରଣା ଦେଇ ଆସୁଥିଲେ। ଲାଗିରହିଥିବା ବିବାଦର ସମାଧାନ ପାଇଁ ମଙ୍ଗଳବାର ବିଡିଓ ରାଧା ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର କାର୍ଯ୍ୟରତ ଏମବିକେ, ସିଆରପି ଏବଂ ଇସି ମେମ୍ବର ମାନେ ଉପସ୍ଥିତ ଥିଲେ। ଉଭୟଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶେଷରେ ସମାଧାନର ବାଟ ପିଟିଥିଲା। ମେମ୍ବର ମାନେ ମିଳିମିଶି କାମ କରିବା ପାଇଁ ନିଷ୍ପତ୍ତି ନେବା ପରେ ପ୍ରଶାସନ ପକ୍ଷରୁ ଶିଘ୍ର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ବିଡିଓ ଶ୍ରୀ ଦାଶ କହିଛନ୍ତି। ଏହି ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ଶ୍ରୀ ରାମପୁର ସରପଞ୍ଚ ଦେବ କୁମାର ଦେ, ଜନନୀ ପରିବାର ପ୍ରତିଷ୍ଠାତା ଆଇନଜୀବୀ ଜ୍ୟୋତ୍ସ୍ନା ରାଣୀ ମହାନ୍ତି, ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ, ସମାଜସେବୀ ଲମ୍ବୋଦର ମାହାନା, ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିପିଏମ ଉତ୍ତମ କୁମାର ସାହୁ ପରିଚାଳନା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପଶ୍ଚିମବଙ୍ଗକୁ ଚୋରା ଚାଲାଣ ବେଳେ ୯ ବାଲି ବୋଝେଇ ହାଇୱା ଜବତ



ବାଲିଆପାଳ,୧୦।୬ (ସଂଚାର ବ୍ୟୁରୋ): ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗ କୁ ଚୋରା ଚାଲାଣ କରୁଥିବା ବେଳେ ୯ ଟି ବାଲି ବୋଝେଇ ହାଇୱା ଜବଦ କରିଛି ଜଳେଶ୍ୱର ଜୁନିୟର ଖଣି ଅଧିକାରୀ, ୧୫ ରୁ ଅଧିକ ବାଲି ବୋଝେଇ ହାଇୱା ଚମ୍ପଟ ମାରିଥିବା ବେଳେ ୯ ଟି ହୋଇଛି ଜବଦ, ଅଧିକାରୀ ଙ୍କ ଗାଡ଼ି ଉପରକୁ ହାଇୱା ଚଢ଼ାଇ ମାରିଦେବାକୁ ଉଦ୍ୟମ କରୁଥିବା ଡ୍ରାଇଭରକୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି ଜଳେଶ୍ୱର ଜୁନିଅର ମାଇନିଂ ଅଫିସର। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଞ୍ଚଳରେ, ଜଳେଶ୍ୱର ତହସିଲ ଅଧିନସ୍ଥ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ମାଫିଆମାନେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରି ଆସୁଛନ୍ତି ତେବେ ଆଜି ପଶ୍ଚିମବଙ୍ଗ ଚାଲାଣ ଉପରେ ସ୍ଥାନୀୟ ଗ୍ରାମବାସୀ ବିରୋଧକରିବାରୁ ବାଲି ବୋଝେଇ ହାଇୱା ଗୁଡିକ ୧୬ ନଂ ଜାତୀୟ ରାଜପଥର ସମସ୍ତ ପେଟ୍ରୋଲ ଟାଙ୍କିରେ ରହିଥିଲା ବେଳେ କୌଣସି ସୂତ୍ରରୁ ଖବର ପାଇ ଜଳେଶ୍ୱର ଜୁନିଅର ମାଇନିଂ ଅଫିସର ତାପସ ବେହେରା ଗାୟିତ୍ରୀ ପେଟ୍ରୋଲ ଟାଙ୍କି ଉପରେ ଚଢ଼ାଉ କରି ୯ଟି ହାଇୱା ଜବତ କରିଥିଲା ବେଳେ ଅନ୍ୟ ଏକ ହାଇୱା ଜୁନିୟର ମାଇନିଂ ଅଫିସର ଉପରେ ଚଢେଇ ପଳେଇବାକୁ ଚେଷ୍ଟା କରିଥିବା ବେଳେ ଡ୍ରାଇଭରକୁ ଅଟକ ରଖି ପୋଲିସର ଜିମା ଦେଇଥିଲା ବେଳେ ୧୫ରୁ ଅଧିକ ଗାଡି ଫେରାର ହୋଇ ଯାଇଛନ୍ତି।

## ପଞ୍ଚାୟତ ସମିତିର ସାଧାରଣ ବୈଠକ

ନିଶ୍ଚିନ୍ତକୋଇଲି,୧୦।୬(ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ମଧ୍ୟାହ୍ନରେ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରୋଜି ସେଠୀଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଏବଂ କଟକ ସଦର ବିଧାୟକ ଇଂ.ପ୍ରକାଶଚନ୍ଦ୍ର ସେଠୀ ଯୋଗଦାନ କରି ପାନୀୟଜଳ, ପରିମଳ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଆଇନରେ ରେସନ କାର୍ଡ଼, ବିକଶିତ ଗାଁ ବିକଶିତ ଓଡ଼ିଶା ଆଲୋଚନା, ଅନ୍ତୋଦ୍ୟୟ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେତେ ହିତାଧିକାରୀ ଗୃହ ପାଇଛନ୍ତି ଓ କେତେ ପାଇବାକୁ ବାକି ଅଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ, ବିପିଡ଼ିପି ମାଧ୍ୟମରେ ନୂତନ ଖସଡ଼ା ସମ୍ପର୍କରେ ଆଲୋଚନା, ବିଦ୍ୟୁତ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିବା ସହ ଏକ ମାସ ମଧ୍ୟରେ ଉତ୍ତରକୂଳ ପଞ୍ଚାୟତରେ ୧୩୩କେ.ଭିର ଏକ ନୂତନ ପାୱାର ଗ୍ରୀଡ଼ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା।

## ବିଜେପି ୧୨ ବର୍ଷ ପୂର୍ତ୍ତି ଅବସରରେ ଲିଙ୍ଗେଶ୍ୱର ମନ୍ଦିରରେ କୋରେଇ ବିଧାୟକ କଲେ ପୂଜାର୍ଚ୍ଚନା



କୋରେଇ,୧୦।୬(ସଂଚାର ବ୍ୟୁରୋ): ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୀର୍ଘାୟୁ କାମନା ଏବଂ କେନ୍ଦ୍ର ସରକାରଙ୍କ ସଫଳ ୧୨ବର୍ଷ ପୂର୍ତ୍ତି ନିମନ୍ତେ ଏକ ସମୂହ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଓ ମହାଦେବଙ୍କୁ ଜଳାଭିଷେକ କାର୍ଯ୍ୟକ୍ରମ ମୂଳାପାଳ ଲିଙ୍ଗେଶ୍ୱର ମହାଦେବ ମନ୍ଦିରରେ କୋରେଇ ବିଜେପି ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ କୋରେଇ ବିଧାୟକ ଆକାଶ ଦାସନାୟକ ଏବଂ ତାଙ୍କ ସମର୍ଥକ ମାନେ ଭାରତର ଗଣତାନ୍ତ୍ରିକ ଇତିହାସରେ ସର୍ବାଧିକ ସମୟ ପର୍ଯ୍ୟନ୍ତ ନିରନ୍ତର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଜୀଙ୍କ ରାଷ୍ଟ୍ର ସେବାରେ ତାଙ୍କର ପ୍ରତ୍ୟେକ ସଫଳତା ପାଇଁ ତଥା ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦିର୍ଘାୟୁ ପାଇଁ ପୂଜା ଅର୍ଚ୍ଚନା ଓ ସମୁହ ଦୀପଦାନ କରିଥିଲେ। କୋରେଇ ବିଜେପି ପକ୍ଷରୁ ବିଧାୟକ ଶ୍ରୀ ଦାସନାୟକଙ୍କ ନେତୃତ୍ୱରେ ବିଜେପି କାର୍ଯ୍ୟକର୍ତ୍ତା ମାନେ ସାମିଲ ହୋଇ ମନ୍ଦିରରେ ପ୍ରଧାନମନ୍ତ୍ରୀଙ୍କ ଶୁଭ ମନାସିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଜେପି ନେତା ପ୍ରକାଶ ଧଳ, ଜିଲ୍ଲା ବିଜେପି ମହିଳା ସଭାପତି ଦିପ୍ତିମୟୀ କୁଅଁର'ଙ୍କ ସମେତ କୋରେଇ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତର ଆଗ ଧାଡିରନେତା, ହଜାର ହଜାର ବିଜେପି କର୍ମୀ ଓ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ମାନେ ଯୋଗଦେଇଥିଲେ।

## ଚଳନ୍ତା ଟ୍ରାକ୍ଟରରୁ ଖସି ନାବାଳକ ମୃତ



ଫୁଲବାଣୀ,୧୦।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ ରେ ଏକ ଅଭାବନୀୟ ଘଟଣା ଘଟିଛି। ବୁଧବାର ଦିନ ଗୋଟିଏ ଚଳନ୍ତା ଟ୍ରାକ୍ଟର ରୁ ଖସି ପଡ଼ି ଜଣେ ନାବାଳକ ର ମୃତ୍ୟୁ ଘଟଣା ଅଞ୍ଚଳ ରେ ଶୋକ ର ଛାୟା ଖେଳିଯାଇଛି। ମୃତ ନାବାଳକ ଜଣକ ହେଲେ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ର ପଦାସାହି ନିବାସୀ ଅକ୍ଷୟ କୁମାର ମଲ୍ଲିକ ଙ୍କ ପୁଅ ଗ୍ରେସ କୁମାର୍ ମଲ୍ଲିକ (୧୫)। ସୂଚନା ଅନୁଯାୟୀ ଗ୍ରେସ ରତୁଙ୍ଗିଆ ହାଇସ୍କୁଲ ରେ ଦଶମ ଶ୍ରେଣୀ ରେ ପାଠ ପଢୁଥିଲେ। ଖରାଛୁଟି କଟାଇବା ପାଇଁ ଘରକୁ ଆସିଥିଲେ।ବୁଧବାର ଦିନ ବଡିଭୋର୍ ରୁ ବାପା ବିଲରେ ହଳ କରିବାକୁ ଯାଇ ଥିଲେ।ସକାଳୁ ନିଜ ନିତ୍ୟ କର୍ମ ସାରି ଗ୍ରେସ୍ ଗାଁ ମୁଣ୍ଡ ରେ ବୁଲାବୁଲି କରୁଥିବା ବେଳେ ତାଜୁଙ୍ଗିଆ ରୁ ଏକ ଟ୍ରାକ୍ଟର ମହାଗୁଡ଼ି ଅଭିମୁଖେ ଯାଉଥିବା ଦେଖି ସେହି ଟ୍ରାକ୍ଟର ରେ ଚଢ଼ି ଯାଇଥିଲେ।ହେଲେ କିଛି ବାଟ ଆସିବା ପରେ ମହାଗୁଡ଼ି ପହଞ୍ଚିବା ପୂର୍ବରୁ ଟୁଙ୍ଗୁଡୁମହା ସାହି ନିକଟ ରେ ଥିବା ହମ୍ପସ ରେ ଗାଡ଼ି ବ୍ରେକ ମାରିବାରୁ ସେ ଟ୍ରାକ୍ଟର ରୁ ଛିଟିକି ପଡ଼ି ଯାଇ ଥିଲେ। ଗୁରୁତର ଅବସ୍ଥାରେ ୧୦୮ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବ୍ରାହ୍ମଣୀଗାଁ ମେଡିକାଲ୍ ରେ ଭର୍ତ୍ତି କରାଯାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

## ଓଡ଼ିଶା ନିୟୁଜର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ଓ ବିଭିନ୍ନ କ୍ଷେତ୍ରର ପ୍ରତିଭାଧାରୀ ସମ୍ବର୍ଦ୍ଧିତ



ନିଶ୍ଚିନ୍ତକୋଇଲି,୧୦।୬ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନଗସପୁର ଖେଳପଡ଼ିଆ ପରିସରରେ ଓଡିଶା ନିୟୁଜର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଶା ନିୟୁଜ ଚାନେଲ ସମ୍ପାଦିକା ଶ୍ରୀମତୀ ଜ୍ୟୋତିର୍ମୟୀ ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ସୂର୍ଯ୍ୟକାନ୍ତ ପରିଡା, ମୁଖ୍ୟବକ୍ତା ଭାବେ କଟକ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୁମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବ୍ୟବସାୟୀ ବିରଜା ଦାଶ ଯୋଗଦାନ କରି ଓଡିଶା ନିୟୁଜ ଚାନେଲର ସର୍ବାଙ୍ଗୀନ ଉନ୍ନତି କାମନା କରିବା ସହିତ ନିର୍ଭିକ ଭାବେ ଖବର ପରିବେଷଣ କରି ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ପ୍ରଶାସନ ନିକଟରେ ପହଂଚାଇ ସେମାନଙ୍କ ହକକୁ ଯୋଗାଇଦେବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ମତବ୍ୟକ୍ତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ପ୍ରତିଭା ମାନଙ୍କୁ ଯୁବ ପ୍ରତିଭା ସମ୍ମାନରେ ଓଡିଶା ନିୟୁଜ ଚାନେଲ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଓଡିଶା ନିୟୁଜ ଚାନେଲ ର ସମସ୍ତ ସାମ୍ବାଦିକ ବନ୍ଧୁ ଯୋଗଦାନ କରି ପୂର୍ଣ୍ଣ ସହଯୋଗ କରିଥିଲେ।

## ପଞ୍ଚାୟତ ସମିତି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଓ ଆଲୋଚନା ବୈଠକ




ନୀଳଗିରୀ,୧୦।୬(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନ ଘ ୧୦.୩୦ମିଁ.ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ପଞ୍ଚାୟତ ସମିତି ର ଉନ୍ନୟନ ମୂଳକ କାର୍ଯ୍ୟର ୬ ତମ ସାଧାରଣ ସମୀକ୍ଷା ଓ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ସମୀକ୍ଷା ଓ ଆଲୋଚନା ବୈଠକରେ ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆଙ୍କ ଉପସ୍ଥିତ ଥିବା ବେଳେ ପଞ୍ଚାୟତ ସମିତି ର ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ ପୌରୋହିତ୍ୟ କରିଥିଲେ।ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା ବୈଠକର ବିବରଣୀ ଅନୁସାରେ ଉପସ୍ଥିତ ତ୍ରିସ୍ତରୀୟ ପଞ୍ଚାୟତ ରାଜ ବିଭାଗୀୟ ନିର୍ବାଚିତ ଲୋକ ପ୍ରତିନିଧି ଓ ବିଭିନ୍ନ ବିଭାଗ ମାଧ୍ୟମରେ ହେଉଥିବା ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ଓ ଆଲୋଚନା ହୋଇଥିଲା।ଗତ ୨୦୨୪-୨୫ ମସିହା ୧୫ ତମ ଆର୍ଥିକ ବର୍ଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ରାଶିରେ ଉନ୍ନୟନ ମୂଳକ କାର୍ଯ୍ୟରେ ନୀଳଗିରି ପଞ୍ଚାୟତ ସମିତି ଜିଲ୍ଲାରେ ପ୍ରଥମ ସ୍ଥାନରେ ଥିବାବେଳେ ଗ୍ରାମ ପଞ୍ଚାୟତ ସ୍ତରରେ ତୃତୀୟ ସ୍ଥାନରେ ରହିଛି ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ା ପ୍ରକାଶ କରିଥିଲେ।ମାତ୍ର ଚତୁର୍ଦ୍ଦଶ ଅର୍ଥ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଦାନ ରାଶି ସଠିକ୍ ଭାବରେ ବ୍ୟୟ ହୋଇ ପାରି ନ ଥିବାରୁ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଖଟୁଆ ଗଭୀର ଉଦବେଗ ଏବଂ କ୍ଷୋଭ ପ୍ରକାଶ କରିଥିଲେ।ଏଥିରେ ନୀଳଗିରୀ ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତମାନଙ୍କରେ ବିଭିନ୍ନ ଯୋଜନାରେ ହେଉଥିବା ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ଓ ଆଲୋଚନା ହୋଇଥିଲା।ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁସମ୍ପଦ, ପାନୀୟ ଜଳ ଯୋଗାଣ, ଜଙ୍ଗଲ ଓ ପରିବେଶ, ବିଦ୍ୟୁତ୍, ସମନ୍ୱିତ ଶିଶୁ ବିକାଶ ଯୋଜନା, ଆଦିବାସୀ ଉନ୍ନୟନ, ଗ୍ରମ୍ୟ ଉନ୍ନୟନ, ସାମାଜିକ ସଶକ୍ତି କରଣ ଓ ଖାଦ୍ୟ ସୁରକ୍ଷା ଯୋଜନା ଆଦି ସମସ୍ତ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକାରୀ ଯୋଜନାର ସୁଫଳ ଉପରେ ସମୀକ୍ଷା ଓ ଆଲୋଚନା କରାଯାଇଥିଲା।ଏଥିରେ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଗତ ବର୍ଷ ଅନୁଦାନ ତୁଳନାରେ ଦୁଇ ଗୁଣ ଅଧିକ ରାଶି ବ୍ୟୟ ବରାଦ ସଂପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ା ସୂଚନା ପ୍ରଦାନ କରିଥିଲେ।

ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି: ଜିଲ୍ଲା ପରିଷଦରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

## ସମସ୍ତ ଲାଇନ ବିଭାଗକୁ ନେଇ ଜନସମ୍ପର୍କ ଯାତ୍ରା ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ



ମାଲକାନଗିରି,୧୦।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ସଫଳ ଶାସନର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ଜିଲ୍ଲାରେ ବିକାଶର ବାର୍ତ୍ତା ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ଏକ ମେଗା ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, ସଫଳତା ଓ ପ୍ରଗତିର ଚିତ୍ରକୁ ପ୍ରତିଟି ଗାଁ ଏବଂ ପ୍ରତିଟି ପରିବାର ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ଏକ ବ୍ୟାପକ ଜନସମ୍ପର୍କ ଯାତ୍ରା ଓ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପରିଷଦର ମୁଖ୍ୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, ସରକାରଙ୍କ ଦୁଇ ବର୍ଷର ସଫଳତାକୁ କେବଳ ପ୍ରଚାର ମଧ୍ୟରେ ସୀମିତ ନରଖି, ଏହା ମାଧ୍ୟମରେ ତୃଣମୂଳ ସ୍ତରର ଲୋକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରାଯିବ। ବିଶେଷ କରି ଗ୍ରାମାଞ୍ଚଳରେ ଦୀର୍ଘ ଦିନ ଧରି ରହିଆସିଥିବା ବିଭିନ୍ନ ମୌଳିକ ସମସ୍ୟାଗୁଡ଼ିକୁ ଚିହ୍ନଟ କରାଯାଇ ସେଗୁଡ଼ିକର ସ୍ଥାୟୀ ସମାଧାନ ଦିଗରେ ପ୍ରଶାସନ ତୁରନ୍ତ ଦୃଢ଼ ପଦକ୍ଷେପ ନେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।ଏହି ବ୍ୟାପକ ଜନସମ୍ପର୍କ ଅଭିଯାନ ଆଗାମୀ ୧୨ ତାରିଖରୁ ଗ୍ରାମ ପଞ୍ଚାୟତ ଏବଂ ବ୍ଲକ୍ ସ୍ତରରୁ ଆରମ୍ଭ ହେବାକୁ ଯାଉଛି। ତୃଣମୂଳ ସ୍ତରରେ ଲୋକଙ୍କୁ ଯୋଡ଼ିବା ପାଇଁ ପ୍ରତ୍ୟେକ ଦିନ କିଛି ନା କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହା ମାଧ୍ୟମରେ ସରକାରଙ୍କ ଯୋଜନାର ସଫଳ ରୂପାୟନ ସହ ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝାଯିବ। ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ପରେ ଆଗାମୀ ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଜିଲ୍ଲା ସ୍ତରୀୟ ମେଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଆମ ସେବା କେନ୍ଦ୍ରରୁ ଚୋରି

● ସିସିଟିଭିରେ କଏଦ ହେଲା ପୁରୁଷ ଓ ମହିଳାଙ୍କ ଚେହେରା

ବାଲିଆପାଳ,୧୦।୬(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଓ ସିଂଲା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରୀ ଘଟଣା ବଢ଼ିବା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କେବେ ହାଟବଜାରରୁ ମୋବାଇଲ ଓ ବାଇକ ଚୋରୀ ହେଉଛି, ତ କେବେ ଘର ଓ ଦୋକାନରୁ ନଗଦ ଟଙ୍କା, ଅଳଙ୍କାର, ପାଣିପମ୍ପ, ଧାନ ବସ୍ତା ଭଳି ସାମଗ୍ରୀ ଲୁଟ ହେଉଛି। ଏହି କ୍ରମରେ, ଆଜି ବାଲିଆପାଳ ଥାନା ଅନ୍ତର୍ଗତ ବଳରାମପୁରସ୍ଥିତ ଏକ ଆମ ସେବା କେନ୍ଦ୍ରରରୁ ଚୋରୀ ଘଟଣା ସାମ୍ନାକୁ ଆସିଛି। ରାତି ପ୍ରାୟ ୨ଟା ସମୟରେ କିଛି ଦୁର୍ବୃତ୍ତ ସେବା କେନ୍ଦ୍ରରେ ପଶି କମ୍ପ୍ୟୁଟର, ପ୍ରିଣ୍ଟର, ଇନଭର୍ଟର ଓ ବ୍ୟାଟେରୀ ଭଳି ମୂଲ୍ୟବାନ ସାମଗ୍ରୀ ଚୋରୀ କରିନେଇଥିବା ଜଣାପଡ଼ିଛି। ସେବା କେନ୍ଦ୍ରର ମାଲିକ ଅବନୀ ଦତ୍ତ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଇବା ପରେ ବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଚୋରୀ ସମୟରେ ସ୍ଥାପିତ ସିସିଟିଭି କ୍ୟାମେରାରେ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ଚେହେରା କଏଦ ହୋଇଥିବାରୁ, ସେହି ଆଧାରରେ ବାଲିଆପାଳ ପୋଲିସ ତଦନ୍ତ ଜୋରଦାର କରିଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ମଧ୍ୟରେ କେଶୁଡିହା ଗ୍ରାମ ଓ ଲଙ୍ଗଳେଶ୍ୱର ବଜାର ଅଞ୍ଚଳରୁ ମଧ୍ୟ ବାଇକ ଓ ନଗଦ ଟଙ୍କା ଚୋରୀ ନେଇ ଅଭିଯୋଗ ଆସିଥିଲା।

## କ୍ଷୁଦ୍ର ଜଳସେଚନ ମଣ୍ଡଳର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଫୁଲବାଣୀ,୧୦।୬(ସଂଚାର ବ୍ୟୁରୋ): ଜଳ ସମ୍ପଦ ବିଭାଗ (କ୍ଷୁଦ୍ର ଜଳସେଚନ) ଅଧୀନସ୍ଥ ଫୁଲବାଣୀ କ୍ଷୁଦ୍ର ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ ନୂତନ ପ୍ରଶାସନିକ କାର୍ଯ୍ୟାଳୟ ଓ ସରକାରୀ ବାସଗୃହ ବୁଧବାର ଉଦ୍‌ଘାଟିତ ହୋଇଛି। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଫୁଲବାଣୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଉମାଚରଣ ମଲ୍ଲିକ ଏବଂ କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ନୂତନ କାର୍ଯ୍ୟାଳୟ ଜିଲ୍ଲାର ଜଳସେଚନ ପ୍ରକଳ୍ପଗୁଡ଼ିକର ପରିଚାଳନା ଓ କାର୍ଯ୍ୟାନ୍ୱୟନକୁ ଅଧିକ ସୁଦୃଢ଼ କରିବ। ଏସ୍‌ଡିସି ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଆଦିବାସୀ ଓ ଗ୍ରାମାଞ୍ଚଳର ଚାଷୀମାନଙ୍କ ଉନ୍ନତି ପାଇଁ ଜଳସେଚନ ବ୍ୟବସ୍ଥାର ସମ୍ପ୍ରସାରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଫୁଲବାଣୀ କ୍ଷୁଦ୍ର ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ



ସୁନ୍ଦରଗଡ଼,୧୦।୬(ସଂଚାର ବ୍ୟୁରୋ): ରିଖ ଆଜି ମଙ୍ଗଳବାର ବୀର ବିର୍ସା ମୁଣ୍ଡାଙ୍କ ପୁନ୍ୟତିଥି ତିରୋଧାନ ଦିବସ ଅବସରରେ ସୁନ୍ଦରଗଡ଼ ବୀର ବିର୍ସା ମୁଣ୍ଡା କମିଟିର ସଭାପତି ପଞ୍ଚା ବାର୍ଲାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀ ଯୋଗ ଦେଇଥିଲେ ଏବଂ ତାଙ୍କ ସହିତ ଉପସ୍ଥିତ ସମସ୍ତ ନେତୃମଣ୍ଡଳୀ ମିଶି ସ୍ଥାନୀୟ ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ ମୁଖ୍ୟଅତିଥି ଜୟ ନାରାୟଣ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ବୀର ବିର୍ସା ମୁଣ୍ଡା ୧୫ ନଭେମ୍ବର ୧୮୭୫ ଝାରଖଣ୍ଡ ରାଜ୍ୟ ଖୁଣ୍ଟି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ବୀର ବିର୍ସା ମୁଣ୍ଡା ଔପନିବେଶିକ ଶାସନ ବିରୋଧୀ ଆଦିବାସୀ ପ୍ରତିରୋଧର ଏକ ପ୍ରତିକ ଭାବେ ପରିଚିତ ଥିଲେ । ବୀର ବିର୍ସା ମୁଣ୍ଡା ଏକ ମହାନ ଆଦିବାସୀ ଜନ ନାୟକ ନେତା ସତନ୍ତ୍ରତା ସେନାନୀ ଥିଲେ ସେ ବ୍ରିଟିଶ ସରକାର ଏବଂ ଜମିଦାରଙ୍କୁ ବିରୋଧ କରିବା ସହିତ ଆଦିବାସୀଙ୍କ ପାଇଁ ଜଳ, ଜଙ୍ଗଲ ଓ ଜମିନ ଏବଂ ଭୂମିର ଅଧିକାର ପାଇଁ ସର୍ବଦା ସଂଘର୍ଷ କରୁଥିଲେ। ସେ ଆଦିବାସୀଙ୍କ ଅସୀମତା, ସାମାଜିକ ସୁଧାର ଏବଂ ଅନ୍ଧ ବିଶ୍ୱାସ ଦୂର ଲାଗି ଚେଷ୍ଟା କରୁଥିଲେ । ତାଙ୍କର ସଂଗ୍ରାମ ଓ ବଳିଦାନ ଆଜି ମଧ୍ୟ୍ୟ ଅଞ୍ଚଳର ରାଜନୈତିକ ଏବଂ ସାମାଜିକ ନେତୃତ୍ୱକୁ ପ୍ରେରଣା ଯୋଗାଉଛି ଶେଷରେ ସେ ଜୁନ ମାସ ୯ ତାରିଖ ୧୯୦୦ ମସିହାରେ ରାଞ୍ଚି ଜେଲରେ ମୃତ୍ୟୁ ବରଣ କରିଥିଲେ ବୋଲି କହିଥିଲେ । ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବୀର ବିର୍ସା ମୁଣ୍ଡା କମିଟି ସଭାପତି ପଞ୍ଚା ବାର୍ଲା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଉପନଗରପାଳ ଲଲାଟ ପରିଡା ବରିଷ୍ଠନେତା ଉପେନ୍ଦ୍ର ମିଶ୍ର, ଯୁବନେତା ଆଶିଷ ତ୍ରିପାଠୀ, ସଞ୍ଜୟ ପଟ୍ଟନାୟକ, ଟୁନା ଭଞ୍ଜ, ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

SANCHAR
ସଂଚାର ଗୁରୁବାର ୧୧ ଜୁନ୍ ୨୦୨୬



# ସ୍ୱାସ୍ଥ୍ୟ



# ଯୋଗ କଲେ ମଧୁମେହରୁ ରକ୍ଷା ମିଳେ



ଜୀବନଶୈଳୀ ବଦଳୁଛି। ଆଉ ତାହା ସହିତ ବଦଳୁଛି ଆମ ଚାଲିଚଳନ, ଖାଦ୍ୟପେୟ ଓ ରହଣୀସହଣୀ। ତେଣୁ ଏହାକୁ କଣ୍ଟ୍ରୋଲ୍ କରିବା ପାଇଁ ଆମକୁ ପ୍ରତିଦିନ ଯୋଗର ଅଭ୍ୟାସ ରଖିବାକୁ ପଡ଼ିବ। ଦିନକୁ ଦିନ ଶରୀର ଦୁର୍ବଳ ହେବାରେ ଲାଗିଛି। ବିଭିନ୍ନ ପ୍ରକାର ରୋଗର ସମ୍ମୁଖୀନ ହେଉଛେ। ପ୍ରତିଦିନ ଯୋଗାଭ୍ୟାସ କରିବା ଦ୍ୱାରା ମାଂସପେଶୀଗୁଡ଼ିକ ସମ୍ପ୍ରସାରିତ ହୋଇଥାଏ। ଶରୀରକୁ ଉଷ୍ମ କରିଥାଏ। ଏହାଦ୍ୱାରା ତଳିପେଟର ଅର୍ଗାନଗୁଡ଼ିକ ମିଳିତ ଭାବେ କାମ କରିଥାଏ, ଯାହା ଦ୍ୱାରା ରକ୍ତ କଣିକା ବା ବ୍ଲଡ୍ ସୁଗାର୍ ସନ୍ତୁଳନ ହେବାରେ ସାହାଯ୍ୟ କରିଥାଏ। ମଧୁମେହକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିଦିନ ଯୋଗ ବା ବ୍ୟାୟାମ କରିବା ଆବଶ୍ୟକ। ଅନିୟମିତ ଜୀବନଶୈଳୀ କାରଣରୁ ଧୀରେ ଧୀରେ ମଧୁମେହ ଅନେକଙ୍କୁ ଗ୍ରାସ କରିବାରେ ଲାଗିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଯୋଗାସନ ଓ ପ୍ରାଣାୟାମ କରିବା ଦ୍ୱାରା ଶରୀର ସୁସ୍ଥ ଓ ନୀରୋଗ ରହିପାରିବେ।

ସୂର୍ଯ୍ୟ ନମସ୍କାରଃ ସୂର୍ଯ୍ୟ ନମସ୍କାରରେ ଗୋଟିଏ ରାଉଣ୍ଡରେ ୧୨ଟି ଆସନ ଥାଏ। ପ୍ରତିଦିନ ୧୦ ରୁ ୧୨ ଟି ରାଉଣ୍ଡ କରିବା ଦ୍ୱାରା ମଧୁମେହ ରୋଗୀଙ୍କ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର କରେ।

ଧନୁରାସନଃ ନିୟମିତ ଧନୁରାସନ କରିବା ଦ୍ୱାରା ଶରୀରର ଅନାବଶ୍ୟକ ଚର୍ବି କମିଥାଏ। ଯକୃତ୍ ଏବଂ ପାକସ୍ଥଳୀକୁ ସକ୍ରିୟ ରଖୁଥିବାରୁ ଏହା ମଧୁମେହ ରୋଗୀଙ୍କ ପାଇଁ ବେଶ୍ ଲାଭପ୍ରଦ ହୋଇଥାଏ।

ପଶ୍ଚିମୋତ୍ତାନସନଃ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ପଶ୍ଚିମୋତ୍ତାନସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରିକି ଏହି ଆସନ କରିବା ଦ୍ୱାରା ତଳିପେଟ ଏବଂ ପାକସ୍ଥଳୀକୁ ସମ୍ପ୍ରସାରଣ କରିଥାଏ। ପ୍ରାତଃ ସମୟରେ ଏହି ଆସନ କରାଯିବ ଉଚିତ। ଏହା ରୋଗୀଙ୍କ ଚିନ୍ତା ମଧ୍ୟ ଦୂର କରେ। ସେହିପରି ବିପରୀତ କରଣୀ ଆସନ, ଭୁଜଙ୍ଗାସନ ଶବାସନ ସହିତ ନାଡ଼ି ଶୁଦ୍ଧି ପ୍ରାଣାୟାମ କରାଯାଇପାରିବ। ପ୍ରତିଦିନ ଏହି ସବୁ ଆସନ ଓ ପ୍ରାଣାୟାମ କରିବା ଦ୍ୱାରା ମନୁଷ୍ୟ ଶରୀରର ଇନ୍‌ସୁଲିନ ଯୋଗାଉଥିବା ପାଚନଗ୍ରନ୍ଥି ଉନ୍ନତି ହୋଇଥାଏ। ଯାହାକି ଟାଇପ୍ - ୧ ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ବୋଲି କହିଛନ୍ତି ଯୋଗ ପ୍ରଶିକ୍ଷକ ରଞ୍ଜନ କୁମାର ପାତ୍ର।



# ଗଳା ଯନ୍ତ୍ରଣାରୁ ମୁକ୍ତି ପାଇବେ କିପରି ?

ଶୀତଦିନେ ପ୍ରାୟ ଲୋକଙ୍କଠାରେ ଗଳା ଯନ୍ତ୍ରଣା ସମସ୍ୟା ବଢ଼ିଯାଇଥାଏ। ଫଳରେ ଲୋକମାନେ ଖାଇବାପିଇବା ଓ କଥା କହିବାରେ ସମସ୍ୟା ଭୋଗିଥାନ୍ତି। ତେଣୁ ଏଭଳି ସ୍ଥିତିରୁ ନିଜକୁ ଦୂରେଇ ରଖିବା ଖୁବ୍ ଜରୁରି। ଗଳା ଯନ୍ତ୍ରଣା ପଛରେ ଅନେକ କାରଣ ରହିଥାଏ। ଚାଲନ୍ତୁ ଜାଣିବା କାରଣ କ'ଣ କେମିତି ରହିପାରିବେ ସୁରକ୍ଷିତ ? ଆରମ୍ଭ ହେବାକୁ ବସିଲାଣି ଶିତ ଋତୁ। ଥଣ୍ଡା ଋତୁ କାହା ପାଇଁ ଖୁବ୍ ଆନନ୍ଦଦାୟକ ତ ଆଉ କାହା ପାଇଁ ଅନେକ ରୋଗ ନେଇ ଆସିଥାଏ। ଫଳରେ ନିୟମିତ ଜୀବନଯାପନରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ଋତୁରେ ପ୍ରାୟତଃ ରୋଗ ପ୍ରତିରୋଧକ ଶକ୍ତି କମିବା ଯୋଗୁ ସଂକ୍ରମଣ ବଢ଼ିଥାଏ। ତେଣୁ ଲୋକମାନେ ରୋଗାକ୍ରାନ୍ତ ହୋଇଥାନ୍ତି। ବିଶେଷକରି ଗଳାଯନ୍ତ୍ରଣା ବା ଗଳା ସଂକ୍ରମଣର ଶିକାର ହୋଇଥାନ୍ତି। ଗଳା ଯନ୍ତ୍ରଣା ଖୁବ୍ ଯନ୍ତ୍ରଣାଦାୟକ ସ୍ଥିତି ହୋଇଥାଏ, ଯଦ୍ୱାରା ଖାଇବାପିଇବା ଓ କଥା ହେବା ସହଜ ହୋଇ ନଥାଏ। ଥଣ୍ଡା ଆରମ୍ଭରୁ ଗଳା ବା ଉପର ରେସ୍ପାରେଟୋରୀର ସମସ୍ୟାକୁ ବଢ଼ାଇ ଦେଇଥାଏ। ଏହାର ଅନେକ କାରଣ ରହିଥାଏ। କମ୍ ତାପମାତ୍ରାରେ ଭାଇରାଲ୍ ପାର୍ଟିକଲ୍ସ ଶୀଘ୍ର ବିକଶିତ ହୋଇଥାନ୍ତି। ଶୀତ ଋତୁରେ ବୁଲାବୁଲି, ବିବାହ ଓ ପାର୍ଟି ଆଦି ବଢ଼ିଯାଇଥାଏ। ଫଳରେ ଲୋକମାନେ ପ୍ରାୟତଃ ବେଶି ଭଡି ଭିତରକୁ ଯିବାକୁ ପଡିଥାଏ। ବାରମ୍ବାର ବିଭିନ୍ନ ଲୋକମାନଙ୍କ ସମ୍ପର୍କରେ ଆସିବାକୁ ପଡିଥାଏ। ଫଳରେ କିଛି ଲୋକ ସଂକ୍ରମିତ ହୋଇଥାନ୍ତି। ସେହିପରି ଶୀତରେ ପ୍ରଦୂଷଣ ମଧ୍ୟ ଖୁବ୍ ବଢ଼ିଯାଇଥାଏ। ଫଳରେ କାଶ ଓ ଏହି ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ। ଗଳାରେ ଯନ୍ତ୍ରଣା ବା ଜ୍ୱଳନ କାରଣରୁ ଜ୍ୱର ହୋଇ ନଥାଏ। କିନ୍ତୁ ଯଦି ଭାଇରାଲ୍ ଜ୍ୱର ହୁଏ, ତେବେ ଏହା ବ୍ୟାକ୍ଟେରିଆଲ୍ ଜ୍ୱରରେ ପରିବର୍ତ୍ତିତ ହୋଇଯାଇପାରେ। ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ଲୋକମାନଙ୍କଠାରେ ଏହା ତୀବ୍ର ବେଗରେ ବଢ଼ିପାରେ। ତେଣୁ ସମସ୍ୟାକୁ ଦୂର କରିବା ପାଇଁ ଅଧିକ ଥଣ୍ଡା ଜିନିଷଠାରୁ ଦୂରେଇ ରହିବା ସହ ଗରମ ପାନୀୟକୁ ପ୍ରାଥମିକତା ଦେବା ଜରୁରି। କମ୍ ଇମ୍ୟୁନିଟି ଥିବା ଲୋକମାନେ ନିୟମିତ ଗାର୍ଗଲିଂ କରିବା ଜରୁରି। ଆଜ୍ମା ସମସ୍ୟା ଥିବା ବ୍ୟକ୍ତିମାନେ ନିଜ ପାଖରେ ନେବୁଲାଇଜର୍ ଓ ଇନେହ୍ଲର୍‌କୁ ରଖିବା ସହ ନିୟମିତ ଔଷଧ ଖାଇବା ଆବଶ୍ୟକ।

# ସ୍ୱାସ୍ଥ୍ୟ ପାଇଁ ମୋସାମ୍ବି ଜୁସ୍

ମୋସାମ୍ବି ଜୁସ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର। କିନ୍ତୁ ଅନେକ ସମୟରେ ଏହି ଜୁସର ସ୍ୱାଦ ଖୁବ୍ କଡା ହୋଇଥାଏ। ତେବେ ଜାଣିଛନ୍ତି କି ? କଡା ମୋସାମ୍ବି ଜୁସ୍ ପିଇଲେ କଣ ହୁଏ ? ଏହା ଖୁବ୍ ସ୍ୱାସ୍ଥ୍ୟପ୍ରଦ ଓ ସ୍ୱାଦିଷ୍ଟ ଫଳ, ଯାହାକୁ ଗରମ ଦିନେ ଅଧିକ ଖାଇଥାନ୍ତି। କୌଣସି ବ୍ୟକ୍ତି ଦୁର୍ବଳ ଅନୁଭବ କଲେ ତାକୁ ମୋସାମ୍ବି ଜୁସ୍ ପିଇବାକୁ ପରାମର୍ଶ ଦିଆଯାଇଥାଏ। ଏହାକୁ ନିୟମିତ ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ। ଏହାକୁ ନିୟମିତ ଡାଏଟରେ ସାମିଲ୍ କରିବା ଦ୍ୱାରା ଶରୀର କେବଳ ସତେଜ ଅନୁଭବ କରିନଥାଏ, ବରଂ ଅନେକ ପୋଷକ ତତ୍ତ୍ୱର ଅଭାବ ଦୂର ହୋଇଥାଏ। ଅନେକ ସମୟରେ ଏହି ଜୁସ୍ ଖୁବ୍ କଡା ଅନୁଭବ ହୋଇଥାଏ, ଯାହାକୁ ପିଇବାକୁ ପ୍ରାୟ ଲୋକ ଡରିଥାନ୍ତି। ଏହା କେବଳ ପାଟିର ସ୍ୱାଦ ବଦଳାଇ ନଥାଏ, ବରଂ ଶରୀର ପାଇଁ ମଧ୍ୟ ଅନେକ ସମସ୍ୟା ସୃଷ୍ଟି କରିଥାଏ। ପ୍ରାୟ ଲୋକ ଏ ବିଷୟରେ ଜାଣି ନଥାନ୍ତି। ମୋସାମ୍ବି ସ୍ୱଭାବତଃ ମିଠା ହୋଇଥାଏ। କିନ୍ତୁ ଏହାର ଚୋପା, ମଞ୍ଜି ଓ ପଲରେ ପ୍ରାକୃତିକ ରସାୟନ ମିଳିଥାଏ, ଯାହା ରସରେ କଡାପଣ ଆଣିଥାଏ। ବିଶେଷକରି ଜୁସ୍ କରିବା ସମୟରେ ମଞ୍ଜି ପଡିଯିବା ଯୋଗୁ କିମ୍ବା ଫଳରୁ ଚୋପା ଛଡାଇବା ପରେ ଏହାକୁ ଦୀର୍ଘ ସମୟ ଯାଏ ରଖିବା ଆଦି କାରଣରୁ ଜୁସରେ କଡା ପଣ ଆସିଥାଏ।

ସ୍ୱାଦ ଖରାପ ଲାଗିବା ସାଙ୍ଗକୁ ପାଟି ବିଗିଡିଯାଏଃ କଡା ମୋସାମ୍ବି ଜୁସ୍ ପିଇବା ପରେ ପାଟିରେ ସ୍ୱାଦର କଡାପଣ ଦୀର୍ଘ ସମୟ ଯାଏ ରହିଥାଏ। ମଞ୍ଜିରେ ଥିବା ଲିମୋନିନ୍ ନାମକ ଯୌଗିକ କାରଣରୁ ଜୁସରେ କଡାପଣ ଆସିଥାଏ। ଏହି କଡାପଣ ଅନେକ ସମୟ ଯାଏ ପାଟିର ସ୍ୱାଦକୁ ବିଗାଡି ଦେଇଥାଏ।

ପାଚନ ତନ୍ତ୍ରରେ ପ୍ରବାହଃ ଏଭଳି ଜୁସକୁ ସାମାନ୍ୟ ମାତ୍ରାର ପିଇବା କ୍ଷତିକାରକ ନୁହେଁ। କିନ୍ତୁ କିଛି ଲୋକ ଏହାକୁ ପିଇବା ଦ୍ୱାରା ପାଚନ ତନ୍ତ୍ରରେ ଏସିଡ୍ ବଢ଼ିଯାଇଥାଏ। ଫଳରେ ହାଲ୍କା ପେଟ ଯନ୍ତ୍ରଣା, ଗ୍ୟାସ୍, ବ୍ଲୋଟିଂ, ଖଟା ହାକୁଟି ଆଦି ସମସ୍ୟା ଉପୁଜିଥାଏ।

ବ୍ୟସ୍ତ ଲାଗିବା ସହ ବାନ୍ତି ସମସ୍ୟାଃ ଯଦି ଏହି ଜୁସକୁ ଅଧିକ ମାତ୍ରାରେ ପିଅନ୍ତି, ତେବେ ଶରୀର ଏହାକୁ ସହଜରେ ଗ୍ରହଣ କରିପାରେନା। ଫଳରେ ମନ ବ୍ୟସ୍ତ ଲାଗିବା ସହ ବାନ୍ତି ହେବା ପରି ସ୍ଥିତି ଉପୁଜିଥାଏ।

ଆଲର୍ଜି କିମ୍ବା ସମ୍ବେଦନଶୀଳ ବ୍ୟକ୍ତିଠାରେ ପ୍ରତିକ୍ରିୟାଃ କିଛି ଲୋକଙ୍କଠାରେ ଖଟା ଫଳଜନିତ ଆଲର୍ଜି ବା ସମ୍ବେଦନଶୀଳତା ରହିଥାଏ। ସେମାନେ ଏପରି କଡା ଜୁସ୍ ପିଇବା ଦ୍ୱାରା ଆଲର୍ଜି ପରି ସମସ୍ୟାକୁ ସାମ୍ନା କରିବାକୁ ପଡିପାରେ। ତେଣୁ ଯଥାସମ୍ଭବ ଏପରି ଜୁସଠାରୁ ଦୂରେଇ ରହିବା ଭଲ।



# ବିଳମ୍ବିତ ରାତି ଯାଏ ଚେଇଁବା, ସକାଳୁ ଶୀଘ୍ର ଉଠିବା ସ୍ୱାସ୍ଥ୍ୟ ପାଇଁ ଖରାପ



ଶୀଘ୍ର ଉଠିବା ବ୍ୟକ୍ତିମାନେ ଅଧିକ ଶୃଙ୍ଖଳିତ ଏବଂ ଉତ୍ପାଦନକ୍ଷମ ହୋଇଥାନ୍ତି ବୋଲି ଧାରଣା ବହୁ ପୂର୍ବରୁ ରହିଆସିଛି। ଶୀଘ୍ର ଉଠିବା ବ୍ୟକ୍ତିମାନଙ୍କୁ ପ୍ରାୟତଃ ସଫଳତା ଏବଂ ଭଲ ସ୍ୱାସ୍ଥ୍ୟର ସଙ୍କେତ ଭାବରେ ଗ୍ରହଣ କରାଯାଏ। କିନ୍ତୁ ବିଜ୍ଞାନ କ'ଣ ପ୍ରକୃତରେ ଏହି ବିଶ୍ୱାସକୁ ସମର୍ଥନ କରେ, ନା ରାତିରେ ଚେଇଁ ରହିବାର କିଛି ଅଣଦେଖା ଲାଭ ଅଛି ? ଆସନ୍ତୁ ଜାଣିବା କ'ଣ କହୁଛି ନୂତନ ଗବେଷଣା।

ଜଣେ ବ୍ୟକ୍ତିଙ୍କର ବିଳମ୍ବିତ ସମୟ ପର୍ଯ୍ୟନ୍ତ ଜାଗ୍ରତ ରହିବା କିମ୍ବା ଶୀଘ୍ର ଉଠିବାର ପ୍ରବୃତ୍ତି କେବଳ ଏକ ଅଭ୍ୟାସ ନୁହେଁ, ବରଂ ସେମାନଙ୍କର କ୍ରୋନୋଟାଇପ୍ ଉପରେ ନିର୍ଭର କରେ। **MDPI** ଅନୁସାରେ, କ୍ରୋନୋଟାଇପ୍ ହେଉଛି ଏକ ଜୈବିକ ଢାଞ୍ଚା ଯାହା, ଏହା ଆମ ଶରୀରର ପ୍ରାକୃତିକ ଶୋଇବା-ଚେଇଁବା ଚକ୍ର, ସର୍ବାଧିକ ସତର୍କତା ଏବଂ ମାନସିକ କାର୍ଯ୍ୟଦକ୍ଷତା ନିର୍ଣ୍ଣୟ କରେ। ସରଳ ଭାଷାରେ କହିବାକୁ ଗଲେ, ଏହା ଶରୀରର ମାଷ୍ଟର ଘଣ୍ଟା।

ଇମ୍ପେରିଆଲ୍ କଲେଜ ଲଣ୍ଡନର ଡକ୍ଟର ରାହା ୱେଷ୍ଟଙ୍କ ଅନୁସାରେ, କ୍ରୋନୋଟାଇପ୍ ଜଣେ ବ୍ୟକ୍ତିଙ୍କ ଜ୍ଞାନାତ୍ମକ କାର୍ଯ୍ୟକୁ ପ୍ରଭାବିତ କରିପାରେ। ଇମ୍ପେରିଆଲ୍ କଲେଜ ଲଣ୍ଡନର ଏକ ବଡ଼ ଅଧ୍ୟୟନରେ ୨୬,୦୦୦ ରୁ ଅଧିକ ଲୋକଙ୍କ ତଥ୍ୟ ବିଶ୍ଲେଷଣ କରାଯାଇଥିଲା। ଏଥିରୁ ଜଣାପଡିଲା ରାତିରେ ଚେଉଁଥିବା ଲୋକ ଅନେକ କ୍ଷେତ୍ରରେ ସକାଳୁ ଶୀଘ୍ର ଉଠୁଥିବା ଲୋକଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଥିଲେ। ଏପରିକି ମଧ୍ୟମ କ୍ରୋନୋଟାଇପ୍ ଥିବା ଲୋକମାନେ, ଯେଉଁମାନେ ନା ରାତିରେ ଚେଇଁଥାନ୍ତି ନା ଶୀଘ୍ର ଉଠିଥାନ୍ତି, ସେମାନେ ମଧ୍ୟ ଶୀଘ୍ର ଉଠିବା ଲୋକଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଥିଲେ। ୟୁକେର ଏକ ପ୍ରମୁଖ ଅଧ୍ୟୟନରୁ ଜଣାପଡିଛି ଯେ ରାତିରେ ଚେଉଁଥିବା ଲୋକଙ୍କ ମୃତ୍ୟୁ ଏବଂ ହୃଦରୋଗର ଆଶଙ୍କା ମଧ୍ୟ ଅଧିକ ଥାଏ। ଏମାନଙ୍କ ଜ୍ଞାନାତ୍ମକ କାର୍ଯ୍ୟଦକ୍ଷତା ଭଲ ହୋଇପାରେ, କିନ୍ତୁ ଶରୀରର ଜୈବିକ ଘଣ୍ଟା ଏବଂ ଦୈନନ୍ଦିନ କାର୍ଯ୍ୟ ମଧ୍ୟରେ ଦ୍ୱନ୍ଦ୍ୱ ସେମାନଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। ଏକ ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ ସକାଳୁ ଉଠୁଥିବା ଲୋକଙ୍କର **BMI** କମ୍ ଥାଏ, ଫାଷ୍ଟିଂ ଟ୍ରାଇଗ୍ଲିସେରାଇଡ୍ସ ଏବଂ ଗ୍ଲୁକୋଜ୍ କମ ହୁଏ, ଭଲ କୋଲେଷ୍ଟ୍ରଲ୍ ଅଧିକ ହୁଏ ।ଶୀଘ୍ର ଉଠିଥିବା ଲୋକମାନେ ସାମଗ୍ରିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଆଗରେ ଥାଆନ୍ତି।

**ବାରମ୍ବାର ବିଇଓ ବଦଳିରେ ବ୍ୟପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା**

# ୪ବର୍ଷରେ ୫ବିଇଓଙ୍କ ବଦଳି

**ବାଲିପାଟଣା, ୯।୬(ସଂଚାର ବ୍ୟୁରୋ)ଃ** ବାଲିପାଟଣା ବ୍ଲକରେ ଶିକ୍ଷା ବ୍ୟବସ୍ଥାର ଚିତ୍ର ଦିନକୁ ଦିନ ସଂକଟଜନକ ହେବାରେ ଲାଗିଛି। ସ୍ଥିର ପ୍ରଶାସନ ଅଭାବରୁ ସ୍ଥାନୀୟ ଅଞ୍ଚଳର ଶିକ୍ଷାର ମାନ ହ୍ରାସ ପାଉଥିବା ବେଳେ ବାରମ୍ବାର ବ୍ଲକ ଶିକ୍ଷାଧିକାରୀ (ବିଇଓ) ବଦଳି ହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବିଗତ ୪ ବର୍ଷ ମଧ୍ୟରେ ଏଠାରେ ୫ ଜଣ ବିଇଓଙ୍କ ବଦଳି ହୋଇସାରିଥିବା ବେଳେ, ଆସୁଥିବା ଅଧିକାରୀମାନେ ଶିକ୍ଷାର ବିକାଶ ଅପେକ୍ଷା ରାଜନୈତିକ ଅଭିସନ୍ଧି ରଖି କାର୍ଯ୍ୟ କରୁଥିବା ନେଇ ଗୁରୁତର ଅଭିଯୋଗ ହୋଇଛି।ଦଳିତ ଉନ୍ନୟନ ସଂଗଠନର ସଭାପତି କୈଳାସ ସେଠୀ ଏଭଳି ସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକଟ କରିବା ସହ ପ୍ରଶାସନକୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ବାଲିପାଟଣାକୁ ଆସୁଥିବା ଶିକ୍ଷାଧିକାରୀମାନେ ନିଜର ମୂଳ ଦାୟିତ୍ୱକୁ ପାସୋରି ଦେଇ ସ୍ଥାନୀୟ ରାଜନୈତିକ ପ୍ରଭାବରେ କାର୍ଯ୍ୟ କରୁଛନ୍ତି। ଶିକ୍ଷାର ସୁଧାର, ସ୍କୁଲର ଭିତ୍ତିଭୂମି ବିକାଶ କିମ୍ବା ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ନିଜର ବ୍ୟକ୍ତିଗତ ଓ ରାଜନୈତିକ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବାରୁ ସେମାନେ ଏଠାରେ ବେଶି ଦିନ ତିଷ୍ଠି ପାରୁନାହାନ୍ତି। ପରିଣାମସ୍ୱରୂପ, ବଦଳିର ଏକ ଅପ୍ରୀତିକର ପରମ୍ପରା ସୃଷ୍ଟି ହୋଇଛି, ଯାହାର ସିଧାସଳଖ ପ୍ରଭାବ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ପଡୁଛି।ସଭାପତି ଶ୍ରୀ ସେଠୀ କହିଛନ୍ତି ଯେ, ବାଲିପାଟଣା ବ୍ଲକର ଶିକ୍ଷା ବ୍ୟବସ୍ଥାକୁ ପୁନର୍ବାର ସଠିକ୍ ପଥକୁ ଆଣିବାକୁ ହେଲେ ଜଣେ ଦକ୍ଷ, ସ୍ୱଚ୍ଛ ଏବଂ ନିରପେକ୍ଷ ବ୍ଲକ ଶିକ୍ଷାଧିକାରୀଙ୍କର ଜରୁରୀ ଆବଶ୍ୟକତା ରହିଛି। ଯିଏ କୌଣସି ରାଜନୈତିକ ଚାପରେ ନଆସି କେବଳ ଶିକ୍ଷାର ମାନ ବୃଦ୍ଧି ପାଇଁ କାର୍ଯ୍ୟ କରିବେ।ତୁରନ୍ତ ସରକାର ଓ ଉଚ୍ଚ ସଂପୃକ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବାଲିପାଟଣାରେ ଜଣେ ସ୍ଥାୟୀ ଓ କର୍ତ୍ତବ୍ୟନିଷ୍ଠ ବିଇଓଙ୍କୁ ନିଯୁକ୍ତି ଦେବା ପାଇଁ ଦାବି ଉଠୁଛି।

**ଭୁଶୁଡିଗଲା ବାସ ଗୃହ**

# ବେସାହାରା ଅବସ୍ଥାରେ ବିଧବା ବିଳାସିନୀ



**ଭବାନୀପାଟଣା, ୯।୬(ସଂଚାର ବ୍ୟୁରୋ)ଃ** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନକଟିକାନୀ ଗ୍ରାମପଞ୍ଚାୟତ ଅଧୀନରେ ଥିବା ପଡିଆଲପଡା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା, ସେହି ଘଟଣାର ଦୃଶ୍ୟ କୁ ଅବଲୋଚନ କଲାପରେ ବିଭିନ୍ନ ବୁଦ୍ଧିଜୀବୀ ମହଳରୁ ଆସୁଛି ଆହାଃ ଶବ୍ଦ, ପଡିଆଲପଡା ଗ୍ରାମର ବିଧବା ବିଳାସିନୀ ମାଝୀ ତାଙ୍କ ତିନି ସନ୍ତାନ କୁ ନେଇ ଦୁଃଖ ଯନ୍ତ୍ରଣା କୁ ଆପଣାଇ ଜୀବନ ଜାପନ କରି ଆସୁଥିବାବେଳେ ହଠାତ କାଳବୈଶାଖୀ ତାଣ୍ଡବରେ ତାଙ୍କର ବାସଗୃହ ଭୁଶୁଡି ଯାଇଛି, ଏହି ଦୁର୍ଘଟଣା କବଳ ରୁ ଅଳ୍ପକେ ବଞ୍ଚିଗଲେ ପରିବାର ର ସଦସ୍ୟ, ବିଳାସିନୀ ମାଝୀ ଏକ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ କୁଲିମଜୁରୀ କରି ତିନି ସନ୍ତାନ କୁ ପ୍ରତିପୋଷଣ କରିଆସୁଛନ୍ତି, ବର୍ଷା ଋତୁ ସମୟରେ ବାସ ଗୃହ ସମ୍ପୁର୍ଣ୍ଣ ଭାଙ୍ଗି ଯାଇଥିବାରୁ ତିନି ସନ୍ତାନକୁ ନେଇ କେଉଁ ସ୍ଥାନ ରେ ଥଇଥାନ କରିବ ମୁଣ୍ଡରେ ପଡ଼ିଛି ଗଭୀର ଚଡକ, ଏହି ଘଟଣା ଅଞ୍ଚଳ ରେ ଚର୍ଚ୍ଚା ହେଉଥିବାବେଳେ ନକଟିକାନୀ ଗ୍ରାମପଞ୍ଚାୟତ ର ଜନ ପ୍ରତିନିଧି ମାନେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଜନସାଧାରଣ ପ୍ରକାଶ କରିଛନ୍ତି, ଏହି ଖବର ପାଇ ଅଞ୍ଚଳର ଜଣେ ଯୁବ ସମାଜସେବୀ ଶ୍ରୀଯୁକ୍ତ ରାଜେଶ ଦୁର୍ଗା ଘଟଣା ସ୍ଥଳ କୁ ଯାଇ ପରିବାର ସହିତ ଆଲୋଚନା କରିଥିଲେ, ଏବଂ ବେସାହାରା ବିଳାସିନୀ ମାଝୀ ଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ସାମିଲ କରିବା ପାଇଁ ପ୍ରଶାସନ କୁ ଅନୁରୋଧ କରିଛନ୍ତି, ତତ୍ ସହିତ ଗ୍ରାମର ବୁଦ୍ଧିଜୀବୀ ମାନେ ମଧ୍ୟ ବିଳାସିନୀ ମାଝୀ ଙ୍କୁ ଶୀଘ୍ର ଘର ଯୋଗାଇ ଦେବାପାଇଁ ଦାବି କରିଛନ୍ତି।

## ଅଚଳ ହୋଇ ପଡ଼ିରହିଛି ଟ୍ରାନ୍ସଫର୍ମମର



**ଫିରିଙ୍ଗିଆ,୯।୬(ସଂଚାର ବ୍ୟୁରୋ)ଃ** ବିଦ୍ୟୁତ ବିଭାଗ ର ଅବହେଳା ପାଇଁ ପ୍ରାୟ ମାସେ ହେଲା ଅନ୍ଧାରରେ ରହିଛନ୍ତି ଗ୍ରାମବାସୀ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲାନ୍ଦାପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଘଡଙ୍ଗେରୀ ଗ୍ରାମବାସୀ ଓ ଟ୍ରାନ୍ସଫରମର ପୋଡ଼ି ଯାଇଥିବା ରୁ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି ଓ ଗାଁ ରେ ବିଦ୍ୟୁତ ନଥିବାରୁ ଛାତ୍ର ଛାତ୍ରୀ ମାନଙ୍କ ପାଠ ପଢା ଠାରୁ ଆରମ୍ଭ କରି ପିଇବା ପାଣି ଓ ବିଭିନ୍ନ ଜରୁରୀ କାମ ସମ୍ପୂର୍ଣ୍ଣ ଠପ ହୋଇଯାଇଛି ଓ ବାରମ୍ବାର ଅଭିଯୋଗ କରିବା ସତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀ ମନେ କୌଣସି ପଦକ୍ଷେପ ନେଉନଥିବାରୁ ଗାଁ ରେ ଜନସାଧାରଣ ମନରେ ଅସନ୍ତୋଷ ଦେଖାଦେଇଛି ଓ ସେପଟେ ବିଦ୍ୟୁତ ବିଭାଗ ର ନିର୍ଦ୍ଦେଶ ଅନୁସାରେ ଗ୍ରାମବାସୀ ବକେୟା ବିଦ୍ୟୁତ ବିଲ ବାବଦକୁ ପ୍ରାୟ ୮୦ ହଜାର ଟଙ୍କା ପୈଠ ମଧ୍ୟ କରି ସାରିଛନ୍ତି ଓ ତଥାପି ବିଦ୍ୟୁତ ବିଭାଗ ର ଅବହେଳା ପାଇଁ ଗାଁରେ ଲାଗି ପାରୁନି ବିଦ୍ୟୁତ ଟ୍ରାନ୍ସଫରମର ଓ ସେପଟେ ବାଧ୍ୟ ହୋଇ ଗ୍ରାମବାସୀ ଘଟଣାକୁ ନେଇ ଜିଲ୍ଲାପାଳ ଙ୍କୁ ଲିଖିତ ଭାବରେ ଅଭିଯୋଗ କରିଛନ୍ତି ଓ ଆଗାମୀ ଦୁଇ ଦିନ ମଧ୍ୟରେ ଗାଁରେ ଟ୍ରାନ୍ସଫରମର ନଲାଗିଲେ ବାଧ୍ୟ ହୋଇ ଆନ୍ଦୋଳନ କରିବା ପାଇଁ ମଧ୍ୟ କଡ଼ା ଚେତାବନୀ ଦେଇ କହିଛନ୍ତି ଗ୍ରାମବାସୀ ଓ ଅନ୍ୟପଟେ ଘଟଣା ବିଷୟରେ ଦାୟିତ୍ୱ ରେ ଥିବା ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ପପୁ ଡାକୁଆ ଙ୍କୁ ଏନେଇ ପଚାରିବାରୁ ଆଜି ନୂତନ ଟ୍ରାନ୍ସଫରମର ଲଗାଯିବ ବୋଲି ସୂଚନା ଦେଇଛନ୍ତି ।

## ମୋଦୀ ସରକାରଙ୍କ ବାର ବର୍ଷ ପୂର୍ତ୍ତି ଅବସରରେ ପୂଜାର୍ଚ୍ଚନା



**ବାରିପଦା,୯।୬(ସଂଚାର ବ୍ୟୁରୋ)ଃ** କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି-ଏନ୍.ଡି.ଏ. ସରକାରର 'ସେବା, ସୁଶାସନ ଓ ଗରୀବ କଲ୍ୟାଣ'ର ବାର ବର୍ଷ ପୂର୍ତ୍ତି ତଥା ଶ୍ରୀ ମୋଦୀ ସ୍ୱାଧୀନ ଭାରତବର୍ଷର ଦୀର୍ଘତମ-ସମୟ-ସେବାକାରୀ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ପ୍ରତିଭାତ ହେବା ଅବସରରେ ବୁଧବାର ଦିନ ବିଜେପି ବାରିପଦା ନଗର ଶାଖାର କର୍ମକର୍ତ୍ତାମାନେ ସ୍ଥାନୀୟ ବଡ଼ ଜଗନ୍ନାଥ ମନ୍ଦିରରେ ଦୀପଦାନ ଓ ପୂଜା ଅର୍ଚ୍ଚନା କରିଛନ୍ତି। ସରକାରଙ୍କ ଉପଲବ୍ଧି ପାଇଁ ଠାକୁରଙ୍କୁ କୃତଜ୍ଞତା ଜଣାଇବା ସହ ଆଗକୁ ସରକାରଙ୍କ ସୁଶାସନ ଓ ସଫଳତାର ନିରବଚ୍ଛିନ୍ନତା ବଜାୟ ରହିବା ସକାଶେ ଏହି ଅବସରରେ ସେମାନେ ପ୍ରାର୍ଥନା କରିଛନ୍ତି। ବାରିପଦାର ଦୁଇ ନଗର ମଣ୍ଡଳ ସଭାପତି ସୁବ୍ରତ ମୁଖୀ ଓ ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ଏକ ଗମ୍ଭୀର ପରିବେଶରେ ଅନୁଷ୍ଠିତ ଏହି ପୂଜାର୍ଚ୍ଚନା ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ଜିଲ୍ଲା ପ୍ରବକ୍ତା ନରୋତ୍ତମ ପାଣିଗ୍ରାହୀ ତଥା ସର୍ବଶ୍ରୀ ଲକ୍ଷ୍ମୀଧର ହାବଡ଼ା, ବିଜୟ କୁମାର ଦାସ, ନିରଞ୍ଜନ ଦାଶ, ରସିକାନନ୍ଦ ମିଶ୍ର, ତରୁଣ ପାଲବାବୁ, ଶମ୍ଭୁନାଥ ସାହୁ, ବିକାଶ ବାରିକ, ଶଙ୍କର୍ଷଣ ପଣ୍ଡା, କଳ୍ପତରୁ ରାୟବାବୁ, ରାଜୀବ ଦାସ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଛନ୍ତି।

**● ସରକାରଙ୍କ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହେଇପାରୁନି**

## ପ୍ରମାଣପତ୍ର ନାହିଁ, ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ନନ୍ଦୁ



**ଫିରିଙ୍ଗିଆ,୯।୬(ସଂଚାର ବ୍ୟୁରୋ)ଃ** ସାମାଜିକ ସହାୟତା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଯୋଗାଇ ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ନିତି ନିୟମ କରିଛନ୍ତି ସତ, କିନ୍ତୁ ଭିନ୍ନକ୍ଷମ ପ୍ରମାଣ ପତ୍ର କରିବା ପାଇଁ ଯିବା ଆସିବାକୁ ଅସମର୍ଥ ଭିନ୍ନକ୍ଷମ ଙ୍କ ଘରକୁ ଯାଇ ପରୀକ୍ଷା ନିରୀକ୍ଷା କରି ଭିନ୍ନକ୍ଷମ ପ୍ରମାଣ ପତ୍ର ଯୋଗାଇ ଦେବା ସହିତ ଦିବ୍ୟାଙ୍ଗ ଭତ୍ତା ଦେବା ବ୍ୟବସ୍ଥା ପାଇଁ ନନ୍ଦୁ ଙ୍କ ପିତା ସୁଶାନ୍ତ ଦିଗାଲ ସରକାରଙ୍କୁ ପ୍ରାଥନା କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ ଙ୍କ ଇଛା ଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ନନ୍ଦୁ ଦିଗାଲ ବୟସ (୧୨) ଏବେ ସେ ସମ୍ପୁର୍ଣ୍ଣ ଚଲା ବୁଲା ସହିତ କଥାବାର୍ତ୍ତା ମଧ୍ୟ କରି ପାରୁନାହାନ୍ତି। ଦୀର୍ଘ ବର୍ଷ ଧରି ବିଛଣାରେ ପଡ଼ି ରହିଛନ୍ତି। ଅଜଣା ରୋଗରେ ଆକ୍ରାନ୍ତ ହୋଇ ଘରେ ପଡ଼ି ରହିଛି। ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ ସେଠାରେ ଡ଼ାକ୍ତର କିଛି ନ ଦେଖି ଭିନ୍ନକ୍ଷମ ସାର୍ଟିଫିକେଟ ଦିଆଯିବ ନାହିଁ ବୋଲି କହିଥିଲେ। ଶେଷରେ ନିରାଶ ହୋଇ ନିଜ ଘରକୁ ଫେରେଇ ଆଣିଲେ ନିଜ ପରିବାର ଶେଷ ରେ ନିରାଶ ହୋଇ ବିଛଣାରେ ଜୀବନ ବିତାଉଛନ୍ତି।ଭିନ୍ନକ୍ଷମ ପ୍ରମାଣ ପତ୍ର ନାହିଁ ବୋଲି ନନ୍ଦୁ ଦିଗାଲ ଙ୍କୁ ସାମାଜିକ ସହାୟତା ଯୋଜନାରୁ ବଞ୍ଚିତ ଅଛନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ନନ୍ଦୁ ଦିଗାଲ ଙ୍କୁ ଚିକିତ୍ସା କରି ଭିନ୍ନକ୍ଷମ ପ୍ରମାଣ ପତ୍ର ସହ ଭିନ୍ନକ୍ଷମ ଭତ୍ତା ଯୋଗାଇ ଦେବାକୁ ବିଦ୍ୟାଧର ଦିଗାଲ,ପ୍ରଭାତ କହଁର ,ବିକାଶ ଦିଗାଲ, ମାନସ ଚନ୍ଦ୍ର କହଁର, କିଆଫୁଲ କହଁର ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ବାଲିପାଟଣା, ୧୦।୬(ସଂଚାର ବ୍ୟୁରୋ)ଃ** ଦୈନିକ ଖବରକାଗଜ ଓଡ଼ିଶା ଏକ୍ସପ୍ରେସ ଏବଂ ନାଓ ଓଡ଼ିଶା ନ୍ୟୁଜ ର ପ୍ରତିନିଧି ଅରୁଣ ଶତପଥୀଙ୍କ ପିତା ଅଲେଖ ଶତପଥୀ (୮୪)ଙ୍କର ଗତକାଲି ରାତ୍ରି ୧୦.୩୦ ମିନିଟ୍ ସମୟରେ ପରଲୋକ ଘଟିଛି। ସୂଚନା ଅନୁଯାୟୀ, ସେ ଗତ ତିନି ମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗତ ରାତିରେ ବାଗଲପୁର ଗ୍ରାମସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ଅନ୍ତିମ ସମୟରେ ପୁତ୍ର, ପୁତ୍ରବଧୂ, ତିନି କନ୍ୟା, ଜ୍ୱାଇଁ ଓ ନାତି-ନାତୁଣୀମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ଶତପଥୀ ନିଜର ଶାନ୍ତ, ସରଳ, ନିଷ୍କପଟ ଓ ଅମାୟିକ ସ୍ୱଭାବ ପାଇଁ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କର ବିୟୋଗ ଖବର ପାଇ ଆଖପାଖ ଅଞ୍ଚଳର ବହୁ ଲୋକ ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଘୁଟନାରେ ନୂଆ ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟିତ



**ବିଷମକଟକ,୧୦।୬(ସଂଚାର ବ୍ୟୁରୋ)ଃ** ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକ ଅନ୍ତର୍ଗତ ରାସକୋଲା ପଞ୍ଚାୟତର ଘୁଟନା ଗ୍ରାମରେ ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ଅଙ୍ଗନବାଡି କେନ୍ଦ୍ର ଶେଷରେ ସମ୍ପୂର୍ଣ୍ଣ ହୋଇ ଉଦ୍ଘାଟିତ ହୋଇଛି। ବ୍ଲକ ପ୍ରଶାସନ ଓ ବୈଷୟିକ ଦଳର ମିଳିତ ପ୍ରୟାସରେ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ବାସ୍ତବ ରୂପ ନେଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲେ ମଧ୍ୟ ବିଭିନ୍ନ କାରଣରୁ କାମ ଅସମ୍ପୂର୍ଣ୍ଣ ରହିଥିଲା। ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁଙ୍କ ନିୟମିତ ସମୀକ୍ଷା ପରେ ବିଷମକଟକ ବିଡିଓ ଶିବ ପଟନାୟକ ଏହି କାମକୁ ପ୍ରାଥମିକତା ଦେଇ ସଫଳତାର ସହ ସମ୍ପୂର୍ଣ୍ଣ କରିଛନ୍ତି। ଉଦ୍ଘାଟନୀ ଉତ୍ସବରେ ବିଡିଓ ଶିବ ପଟନାୟକ, ସିଡିପିଓ ସାଗରିକା ସାହୁ, ଅତିରିକ୍ତ ସହକାରୀ ଯନ୍ତ୍ରୀ ରମେଶ ସାହୁ, ଯନ୍ତ୍ରୀ ସାଗର ଗୌଡ଼, ସରପଞ୍ଚ ରିତା ବ୍ରେଡ଼େକା ଓ ଅନ୍ୟାନ୍ୟ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ରାସକୋଲା ପଞ୍ଚାୟତ ବିଷମକଟକ ବ୍ଲକର ଏକ ଦୁର୍ଗମ ଏବଂ ଅପହଞ୍ଚ ଅଞ୍ଚଳ ହୋଇଥିବା ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଥିବାରୁ ସ୍ଥାନୀୟ ଲୋକେ ପ୍ରଶାସନକୁ ପ୍ରଶଂସା କରିଛନ୍ତି। ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେବା ଦ୍ୱାରା ଘୁଟନା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ୬୧ରୁ ଅଧିକ ଶିଶୁ ଏବଂ ମହିଳା ଉପକୃତ ହେବେ ବୋଲି ନାଏବ ସରପଞ୍ଚ ପାଗୁ ମାମଲାକା ପ୍ରକାଶ କରିଛନ୍ତି। ଏହି ସଫଳତା ବିଷମକଟକ ବ୍ଲକ ପ୍ରଶାସନର କାର୍ଯ୍ୟଦକ୍ଷତାର ଏକ ଉଲ୍ଲେଖନୀୟ ଉଦାହରଣ ବୋଲି ମତ ପ୍ରକାଶ କରିଛନ୍ତି।

## ସୁବର୍ଣ୍ଣପୁରର ନିବେଦିତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ




**ସୁବର୍ଣ୍ଣପୁର,୧୦।୬(ସଂଚାର ବ୍ୟୁରୋ)ଃ** ଓଡ଼ିଶାର ସୁବର୍ଣ୍ଣପୁର ଜିଲ୍ଲାର ପ୍ରତିଭାସମ୍ପନ୍ନ ଯୁବତୀ ନିବେଦିତା ରଥ ସାମାଜିକ, ପ୍ରଶାସନିକ ଓ ଆନ୍ତର୍ଜାତିକ କ୍ଷେତ୍ରରେ ନିଜର ଅସାଧାରଣ କାର୍ଯ୍ୟଦକ୍ଷତା ପାଇଁ ପୁଣି ଏକ ବଡ଼ ସଫଳତା ର ଶୀର୍ଷରେ ପହଞ୍ଚିଛନ୍ତି। ମାତ୍ର ମାସକ ମଧ୍ୟରେ ରାଜ୍ୟ ସ୍ତରରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତିକ ସ୍ତର ପର୍ଯ୍ୟନ୍ତ ନିଜର ବିଜୟ ଯାତ୍ରା ଜାରି ରଖି ସେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଆଜି ନୂଆଦିଲ୍ଲୀ ସ୍ଥିତ ପଞ୍ଚତାରକା ହୋଟେଲ 'ହୋଲିଡେ ଇନ୍' ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାର ପ୍ରତିଷ୍ଠିତ ଓ୍ୱାଶିଂଟନ୍ ଡିଜିଟାଲ୍ ୟୁନିଭରସିଟି ପକ୍ଷରୁ ତାଙ୍କୁ ସମ୍ମାନସୂଚକ 'ଡକ୍ଟରେଟ୍' ଉପାଧି ଏବଂ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ବିଶେଷ କଥା ହେଉଛି, ମାତ୍ର ୩୧ ବର୍ଷ ବୟସରେ ଏଭଳି ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ହାସଲ କରିବାରେ ସେ ଭାରତ ବର୍ଷରେ ପ୍ରଥମ ଓଡ଼ିଆ ଯୁବତୀ ହେବାର ଗୌରବ ଅର୍ଜନ କରିଛନ୍ତି। ଏହାସହ ନିବେଦିତାଙ୍କ ଜୀବନରେ ଏହା ହେଉଛି ତୃତୀୟ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ସ୍ତରର ବରିଷ୍ଠ ଅତିଥିମାନଙ୍କ ଗହଣରେ ତାଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସାମାଜିକ ଓ ପ୍ରଶାସନିକ ସେବା ସହିତ ନ୍ୟାୟିକ (ଲ') କ୍ଷେତ୍ରରେ ମଧ୍ୟ ନିବେଦିତାଙ୍କ ଅତୁଳନୀୟ ଅବଦାନ ଓ ସେବାକୁ ଏହି ଅବସରରେ ଉଚ୍ଚ ପ୍ରଶଂସା କରାଯାଇଛି। ତାଙ୍କର ଏହି ଅସାଧାରଣ କୃତିତ୍ୱ ଓ ପ୍ରତିଭାକୁ ଦେଖି ଆମେରିକାର ଏକାଧିକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ଉଚ୍ଚ ପଦବୀରେ ଚାକିରି କରିବା ପାଇଁ ମଧ୍ୟ ଆମନ୍ତ୍ରଣ ମିଳିଛି, ଯାହା ସମଗ୍ର ଓଡ଼ିଶା ତଥା ଦେଶ ପାଇଁ ଏକ ବଡ଼ ଗର୍ବର ବିଷୟ। ଏହି ସଫଳତା ପାଇଁ ନିବେଦିତା ରଥଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

# କଥା ଦେଇ କଥା ରଖିଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର, ୧୦।୬(ସଂଚାର ବ୍ୟୁରୋ)ଃ** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ କପାଶିରା ଗ୍ରାମକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପରାଜ ସାହୁଙ୍କ ଆଗମନ ଅନେକ ଦୃଷ୍ଟିକୋଣରୁ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରଥମତଃ, ଅତୀତରେ କୌଣସି ଜିଲ୍ଲାପାଳ ଏପରି ଭାବରେ ଏହି ଗ୍ରାମକୁ ପରିଦର୍ଶନ କରିନଥିଲେ। ଗତ ୧୮.୦୫.୨୦୨୬ ତାରିଖରେ ଜିଲ୍ଲାପାଳ କାର୍ଯ୍ୟାଳୟରେ କପାଶିରା ଗ୍ରାମବାସୀମାନେ ତାଙ୍କୁ ସାକ୍ଷାତ କରିବା ସମୟରେ ସେ ଗ୍ରାମକୁ ଆସିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ପାଳନ କରି ସେ ଗ୍ରାମବାସୀଙ୍କ ହୃଦୟ ଜିଣିନେଲେ। ଗ୍ରାମର ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଜମି ଯୋଗାଇବା ସକାଶେ ରାମପୁର ତହସିଲଦାରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କଲେ। ଜମି ଉପଲବ୍ଧ ହେବା ପରେ ଶୀଘ୍ର ପ୍ରକଳ୍ପ ଅନୁମୋଦନ ଓ ଅର୍ଥ ମଞ୍ଜୁରୀ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଲେ। ପାନୀୟଜଳ ସମସ୍ୟାର ସମାଧାନ ସଂପର୍କରେ ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଗଲା ନାହିଁ, କାର୍ଯ୍ୟରତ ଅଧିକାରୀ ବିଭିନ୍ନ କାରଣ ଦର୍ଶାଇ ଖସିଗଲେ।ଗ୍ରାମବାସୀମାନେ ଗ୍ରାମର ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୌରଚାଳିତ ପମ୍ପ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଗୁରାଣ୍ଡି ନାଳା ଉପରେ ନିର୍ମିତ ସେତୁର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏହାର ଲୋକାର୍ପଣ ପୂର୍ବରୁ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନରେ ହେଉଥିବା ବିଳମ୍ବ ପ୍ରସଙ୍ଗ ଉଠାଯାଇଥିଲା। ଏହା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇ ଘଣ୍ଟଓ ଜାରି କରି ପ୍ରଭାବିତ ଓ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଶୀଘ୍ର ପ୍ରାପ୍ୟ ପ୍ରଦାନ କରିବା ପାଇଁ ରାମପୁର ଅତିରିକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଲେ। କୁଟାସିଂହା କପାସିରା ନିର୍ମାଣାଧିନ ସୁଉଚ୍ଚ ସେତୁ ର ସଂପୂର୍ଣ୍ଣକରଣ, ଜମିଅଧିଗ୍ରହଣ ଓ କ୍ଷତିପୂରଣ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଗଲା।

## କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ପଲିଥିନ ବଣ୍ଟନ



**ସୁବର୍ଣ୍ଣପୁର,୧୦।୬(ସଂଚାର ବ୍ୟୁରୋ)ଃ** ସୋନପୁରରେ ସହରରେ ଗତ ୨୮ ତାରିଖ କାଳବୈଶାଖୀରେ କ୍ଷତିଗ୍ରସ୍ତ ହୋଇଥିବା ଭଙ୍ଗାଘର, ମାଟିଛପର ଓ ଟିଣ ଛପର ଘରେ ବସବାସ କରୁଥିବା ସହର ର ବିଭିନ୍ନ ୱାର୍ଡରେ ପୌର ପରିଷଦ ପକ୍ଷରୁ ପଲିଥିନ୍ ବଣ୍ଟନ କରା ଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ସୋନପୁର ପୌର ପରିଷଦର ୱାର୍ଡ ନଂ ୧୧ ବନ୍ଧପଡ଼ା ଠାରେ ପୌର ପରିଷଦ ପ୍ରଦତ୍ତ ୩୫ ଗୋଟି ପଲିଥିନ୍ ଭାଜପା ସୋନପୁର ନଗର ମଣ୍ଡଳ ଦ୍ୱାରା ବଣ୍ଟନ କରାଯାଇଛି। ବିଜେପି ମହିଳା ମୋର୍ଚ୍ଚା ନଗର ସଭାପତି ହେମଲତା ବକ୍ସି, ବୁଥ ସଭାପତି ଉତ୍ତମ ନାଏକ, ମଣ୍ଡଳ ସାଧାରଣ ସମ୍ପାଦକ ଦାଶରଥି ମେହେର, ବରିଷ୍ଠ କାର୍ଯ୍ୟକର୍ତ୍ତା ଦୀପକ ମହାପାତ୍ର ୧୧ ନମ୍ବର ୱାର୍ଡ ବସ୍ତି ଅଞ୍ଚଳକୁ ପହଞ୍ଚି କ୍ଷତି ଘଟିଥିବା ଭଙ୍ଗା ମାଟି ଘର ସବୁ ବୁଲି ଦେଖିଥିଲେ। ୩୫ରୁ ଉର୍ଦ୍ଧ୍ୱ ଘର କୁ ପଲିଥିନ ବଣ୍ଟନ କରିଥିଲେ। ଏହା ସହିତ ୱାର୍ଡ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ବାର୍ଦ୍ଧକ୍ୟ ଭତ୍ତା, ଜାଗା ମିଶନ ରେ ଜମିପଟ୍ଟା, ଆବାସ ଘର ନିର୍ମାଣ ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ପୌର ପରିଷଦ ଜରିଆ ରେ ସମାଧାନ କରି ବାକୁ ପ୍ରତିଶ୍ରୁତି ଦେଇଥିଲେ।

## ବ୍ରାଉନସୁଗର, ନଗଦ ଟଙ୍କା, ମୋବାଇଲ ଜବତଃ ଅଭିଯୁକ୍ତ କୋର୍ଟ ଚାଲାଣ




**ଧାମନଗର,୧୦।୬(ସଂଚାର ବ୍ୟୁରୋ)ଃ** ଧାମନଗର ଥାନା ପରିସରରେ ଆଇଆଇସି ସୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ଧାମନଗର ପୋଲିସ ପକ୍ଷରୁ ଜଣେ ବ୍ରାଉନସୁଗାର ବିକ୍ରେତାଙ୍କ ଉପରେ ଚଢ଼ାଉ କରି ମଙ୍ଗଳବାର ଜଣକୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ଉତେଇପୁର ଗ୍ରାମର ଦୁର୍ଯ୍ୟୋଧନ ପତିଙ୍କ ପୁଅ ମାନସରଞ୍ଜନ ପତି(୨୬) ସୂଚନାଥାଉ କି ମାନସରଞ୍ଜନ ନିଶା କାରବାର କରୁଥିବାର ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଅଚାନକ ଚଢ଼ଉ କରିଥିଲା। ଅଭିଯୁକ୍ତ ପୋଲିସକୁ ଦେଖି ଦୌଡି ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରି ମାନସ ଠାରୁ ୧୦ ଗ୍ରାମ ୩୦ ମିଲି ଓଜନର ବ୍ରାଉନସୁଗାର ଏବଂ ନଗଦ ୧୧ ହଜାର୧୦୦ ଟଙ୍କା, ଗୋଟିଏ ମୋବାଇଲ ଫୋନ ଜବତ କରିଛନ୍ତି। ଥାନା ଏସ୍ଆଇ ମହେଶ୍ୱର ପ୍ରଧାନଙ୍କ ଅଭିଯୋଗ କ୍ରମେ ଥାନା କେସ୍ ନଂ ୨୫୭/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନସରଞ୍ଜନଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି ଆଇଆଇସି ସୂଚନା ଦେଇଛନ୍ତି। ତେବେ ଏସ୍ଆଇ ନାରାୟଣ ନାୟକ ତଦନ୍ତ ଅଧିକାରୀ ଭାବେ ଘଟଣାର ତଦନ୍ତ କରୁଛନ୍ତି। ଧାମନଗର ବିଭିନ୍ନ ସ୍ଥାନରେ ଚୋରା ମଦ,ଧଳା ଜହର ବିକ୍ରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ନିଶା କାରବାର ଯୋଗୁ ଯୁବପିଢ଼ିଙ୍କ ର ଭବିଷ୍ୟତ ନଷ୍ଟ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଚୋରା କାରବାର ଉପରେ ସମ୍ପୂର୍ଣ୍ଣ ରୋକୋ ଲଗାଇବା ପାଇଁ ପୋଲିସ ନିୟମିତ ଚଢ଼ାଉ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶୁଭଲକ୍ଷ୍ମୀ ମୃତ୍ୟୁ ମାମଲାର ଭିନ୍ନ ମୋଡ଼ଃସ୍ୱାମୀ, ଶ୍ୱଶୁର ଓ ଶାଶୂ କୋର୍ଟ ଚାଲାଣ

**ବାଲିକୁଦା,୧୦।୬(ସଂଚାର ବ୍ୟୁରୋ)ଃ** ଜଗତସିଂହପୁର ଜିଲ୍ଲାରେ ଜଣେ ନବବିବାହିତାଙ୍କ ରହସ୍ୟଜନକ ଅଗ୍ନିଦଗ୍ଧ ମୃତ୍ୟୁ ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତ ମହିଳାଙ୍କ ପରିବାର ପକ୍ଷରୁ ଯୌତୁକ ଦାବିକୁ କେନ୍ଦ୍ର କରି ହତ୍ୟା ଅଭିଯୋଗ ଆଣାଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।ପ୍ରାପ୍ତ ସୂଚନା ଅନୁଯାୟୀ, ଜଗତସିଂହପୁର ଥାନା ଅନ୍ତର୍ଗତ ମୁଦୁପୁର ଗ୍ରା. ପ. ତଇଲା ଗ୍ରାମର ଦୈତାରୀ ଦାଶ ଜଗତସିଂହପୁର ଥାନାରେ ଏକ ଲିଖିତ ଏତଲା ଦାଖଲ କରିଥିଲେ। ଏତଲାରେ ସେ ଦର୍ଶାଇଛନ୍ତି ଯେ ତାଙ୍କର ଏକମାତ୍ର ଝିଅ ପୂଜା ଓରଫ ଶୁଭଲକ୍ଷ୍ମୀ ଦାଶଙ୍କ (୨୦ବର୍ଷ) ବିବାହ ଗତ ୨୫/୦୨/୨୦୨୬ ତାରିଖରେ ହିନ୍ଦୁ ରୀତିନୀତି ଓ ବୈଦିକ ପ୍ରଥା ଅନୁଯାୟୀ ବାଲିକୁଦା ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ପ୍ରକାଶ କୁମାର ସାମଲ (୨୩ବର୍ଷ)ଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା। ଅଭିଯୋଗ ଅନୁସାରେ ବିବାହ ପରେ କିଛି ଦିନ ସବୁକିଛି ସାଧାରଣ ଭାବେ ଚାଲିଥିଲା। ମାତ୍ର ପରବର୍ତ୍ତୀ ସମୟରେ ସ୍ୱାମୀ ପ୍ରକାଶ କୁମାର ସାମଲ, ଶ୍ୱଶୁର ଅରୁଣ ସାମଲ ଏବଂ ଶାଶୁ ମିନତୀ ସାମଲ ଅତିରିକ୍ତ ଯୌତୁକ ବାବଦରେ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଦାବି ପୂରଣ ନ ହେବାରୁ ପୂଜାଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ଭାବେ ନିର୍ଯ୍ୟାତନା ଦିଆଯାଉଥିବା ତାଙ୍କ ପିତା ଅଭିଯୋଗ କରିଛନ୍ତି। ଗତ ୯ ଜୁନ୍ ୨୦୨୬ ତାରିଖ ସକାଳ ପ୍ରାୟ ୯ଟା ୪୦ ମିନିଟ ସମୟରେ ଦୈତାରୀ ଦାଶ ଖବର ପାଇଥିଲେ ଯେ ତାଙ୍କ ଝିଅ ଅଗ୍ନିଦଗ୍ଧ ଅବସ୍ଥାରେ ଗୁରୁତର ହୋଇ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ।

**● କ୍ରମବର୍ଦ୍ଧିଷ୍ଣୁ ରାସ୍ତା ଦୁର୍ଘଟଣା ସମସ୍ୟା**

## ଏନ୍‌ଏଚ୍ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିଲେ ଜିଲ୍ଲା ସିଭିଲ ସୋସାଇଟି



**ବଲାଙ୍ଗିର,୧୦।୬(ସଂଚାର ବ୍ୟୁରୋ)ଃ** ବଲାଙ୍ଗୀର ଜିଲ୍ଲା ସିଭିଲ ସୋସାଇଟି ପକ୍ଷରୁ ଆଜି ବଲାଙ୍ଗୀର ଜାତୀୟ ରାଜପଥ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଆଶିଷ କୁମାର ନାୟକଙ୍କୁ ସାକ୍ଷାତ କରି ବଲାଙ୍ଗୀର ସହରରେ କ୍ରମବର୍ଦ୍ଧିଷ୍ଣୁ ରାସ୍ତା ଦୁର୍ଘଟଣା ଓ ତାର ନିରକାରଣ ସଂପର୍କିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସିଭିଲ ସୋଇସାଇଟିର ଆବାହକ ଇଂ. ବେଲାରସିଂ ଭୋଇ ଓ ସଂଯୋଜକ ମନୋରଂଜନ ସାହୁଙ୍କ ନେତୃତ୍ୱରେ ଅନ୍ୟ ମାନଙ୍କ ମଧ୍ୟରେ ମନୋରଂଜନ ମିଶ୍ର, ରଘୁ ନନ୍ଦନ ସିଂହ, ଆନନ୍ଦ ମିଶ୍ର, ଅରୁଣ କୁମାର ନାଥ, ଜ୍ଞାନରଂଜନ ପଟ୍ଟନାୟକ ପ୍ରମୁଖ ଅଧୀକ୍ଷଣ ଯନ୍ତ୍ରୀ ଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏନ୍. ଏଚ୍ ରେ ଦୁର୍ଘଟଣାଜନିତ ସମସ୍ୟା କୁ ରୋକିବା ପାଇଁ ସଂପୃକ୍ତ ବିଭାଗ ସହ ସଂପର୍କ ରଖି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

## ୫ ଗିରଫଃ ଲୁଟ୍ ସାମଗ୍ରୀ ଜବତ



**ଫୁଲବାଣୀ,୧୦।୬(ସଂଚାର ବ୍ୟୁରୋ)ଃ** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୋଲିସକୁ ମିଳିଲା ବଡ଼ ସଫଳତା। ୫ ଡକାୟତ ଙ୍କୁ ବାନ୍ଧିଲା ବାଲିଗୁଡ଼ା ପୋଲିସ୍। ବାଲିଗୁଡ଼ା-ଖମଣଖୋଲ ରାସ୍ତା ଡାବୁଡାକା ଘାଟିରେ ହୋଇଥିଲା ଡ଼କାୟତି। ଜଣେ ବ୍ୟକ୍ତିଙ୍କୁ ମାଡମାରି ୨୦ ହଜାର ଟଙ୍କା, ବାଇକ୍ ଓ ମୋବାଇଲ୍ ଲୁଟି ନେଇଥିଲେ ଦୁର୍ବୃତ୍ତ ଚୋରି ସାମଗ୍ରୀ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ୍। ଅଭିଯୁକ୍ତଙ୍କ ନିକଟରୁ ୩ଟି ବାଇକ୍, ୪ଟି ମୋବାଇଲ୍ ଫୋନ୍ ସମେତ ୨୦ ହଜାର ଟଙ୍କା ଜବତ ହୋଇଛି। ଅଜୟ କୁମାର ସେଠାରୁ ଫେରି ବାରଖମା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ଫାଣ୍ଡି ଅଧିକାରୀ ତ୍ୱରିତ ପଦକ୍ଷେପ ନେବା ସହ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।